# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪/୨୦୨୫ (୧୬ ପୃଷ୍ଠା) Bhubaneswar, Friday, February 14/2025 Page 16 ₹ 7.00

୫୧ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 82 ମୂଲ୍ୟ₹୭/-



DSPL-385



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫



## ମତ୍ସ୍ୟଚାଷ ଓ ପ୍ରାଣିପାଳନ ଜୀବନ ଜୀବିକା ଜୈବ ସନ୍ତୁଳନ

- ଚାଷୀ-ବୈଜ୍ଞାନିକ ଆଲୋଚନା ଚକ୍ର
- ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ
- ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ
- ପ୍ୟାନେଲ୍ ଡିସ୍‌କସନ୍
- ସାଂସ୍କୃତିକ କାର୍ଯ୍ୟକ୍ରମ
- ଏକ୍ସପେରିଏନ୍ସ ଜୋନ୍

## ମତ୍ସ୍ୟ ଓ ପ୍ରାଣିପାଳନ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ସମାବେଶରେ ଯୋଗ ଦିଅନ୍ତୁ

OIPR-06001/13/0003/2425

୧୪ -୧୬ ଫେବୃଆରୀ ୨୦୨୫ || ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ବରମୁଣ୍ଡା, ଭୁବନେଶ୍ୱର

## ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddept

# ୱାକ୍‌ଫ ବିଲ୍‌ର ଜେପିସି ରିପୋର୍ଟକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ,୧୩।୨(ପି.ଟି.)

ୱାକ୍‌ଫ ବିଲ୍ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ରିପୋର୍ଟ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିବାବେଳେ ଏହାକୁ ନେଇ ବିରୋଧୀ ପ୍ରବଳ ହଙ୍ଗାମା କରିଥିଲେ। ରିପୋର୍ଟରୁ ଅସହମତ ନୋଟ୍‌ଗୁଡ଼ିକୁ ହଟାଇ ଦିଆଯାଇଥିବା ଅଭିଯୋଗ ଆଣି ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ। ତେବେ ସେଗୁଡ଼ିକୁ ସାମିଲ କରିବାରେ ସରକାରଙ୍କର କୌଣସି ଆପତ୍ତି ନ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

ଜେପିସି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ ଲୋକ ସଭାରେ ୱାକ୍‌ଫ (ସଂଶୋଧନ) ବିଲ୍ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାକୁ ବିରୋଧ କରି ବିପକ୍ଷ ଦଳର ସଦସ୍ୟମାନେ ହଙ୍ଗାମା ଜାରି ରଖିଥିବାବେଳେ ଗୁରୁବାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାଳ ଶେଷ


ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଜେପିସି ରିପୋର୍ଟର ପ୍ରତିବାଦ କରୁଛନ୍ତି।

ହୋଇଛି। ଲୋକ ସଭାକୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ରାଜ୍ୟ ସଭାରେ ମଧ୍ୟ ଜେପିସି ରିପୋର୍ଟକୁ ନେଇ ଅନୁରୂପ ସ୍ଥିତି ଉପୁଜିଥିଲା। ଏହାକୁ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ଏହାକୁ ନେଇ ସରକାରୀ ଓ ବିରୋଧୀ ସଦସ୍ୟ ମୁହାଁମୁହିଁ ହେବାରୁ କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ

**■ପ୍ରତ୍ୟାହାର ପାଇଁ ବିରୋଧୀଙ୍କ ଦାବି**

**■ଲୋକ ସଭା ମାର୍ଚ୍ଚ ୧୦ ଯାଏ ମୁଲତବୀ**

ରିପୋର୍ଟରୁ ଅସହମତି ନୋଟ୍‌ଗୁଡ଼ିକୁ ବାଦ୍ ଦିଆଯାଇଥିବା ଅଭିଯୋଗ ଆଣିଥିଲେ, ଯାହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଥିଲେ। ବିରୋଧୀ ସଦସ୍ୟମାନେ ସେମାନଙ୍କ ଆସନରେ ଛିଡ଼ା ହୋଇ ଏବଂ ଗୃହର ମଧ୍ୟଭାଗକୁ ଯାଇ ରିପୋର୍ଟ ପ୍ରତ୍ୟାହାର ପାଇଁ ଦାବି ଜୋର୍‌ଦାର କରିବାରୁ ଗମ୍ଭୀର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଚେତାବନୀ ଦେଇଥିଲେ। ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରାଯାଉଥିବାବେଳେ ବିଶୃଙ୍ଖଳାକୁ ନେଇ ଗୃହର ନେତା ଜେ.ପି. ନଡ୍ଡା ଦୁଃଖ ପ୍ରକାଶ କରିଥିଲେ। ୱାକ୍‌ଫ ଜେପିସି କମିଟି ରିପୋର୍ଟରେ ସଂଖ୍ୟାଗରିଷ୍ଠ ସଦସ୍ୟମାନଙ୍କ ମତାମତକୁ ରଖାଯାଇ ବିରୋଧୀଙ୍କ ମତାମତକୁ ବାଦ୍ ଦିଆଯାଇଛି। ଏହା ନିନ୍ଦନୀୟ ଏବଂ ଗଣତନ୍ତ୍ର ବିରୋଧୀ ବୋଲି ଖାର୍ଗେ କହିଥିଲେ। ଏଭଳି ଜାଲ୍ ରିପୋର୍ଟକୁ ପ୍ରତ୍ୟାହାର କରିନିଆଯାଇ ପୁଣିଥରେ କମିଟିକୁ ପଠାଯାଉ ବୋଲି ସେ ଆହ୍ୱାନ ଦେଇଥିଲେ। ଡିସେଣ୍ଟ ନୋଟ୍‌କୁ ବାଦ୍ ଦିଆଯିବା ଘଟଣାକୁ ଡିଏମ୍‌କେର ତିରୁଚି ଶିବ ଏବଂ ଆପ୍ ଏମ୍‌ପି ସଞ୍ଜୟ ସିଂ ବିରୋଧ କରିଥିଲେ। ଅସହମତ ନୋଟ୍‌ଗୁଡ଼ିକ ଅନୁପଯୁକ୍ତ ଏବଂ ଅଣସଂସଦୀୟ ହୋଇଥିଲେ ତାହାକୁ ହଟାଇବା କ୍ଷମତା ଜେପିସି ଅଧ୍ୟକ୍ଷଙ୍କର ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଥିଲେ। ବିରୋଧୀ ସଦସ୍ୟମାନେ ଭୁଲ୍ ଅଭିଯୋଗ ଆଣି ଗୃହକୁ ବିଭ୍ରାନ୍ତ କରୁଥିବା କେନ୍ଦ୍ରମନ୍ତ୍ରୀ ଯାଦବ ଏବଂ ନିର୍ମଳା ସୀତାରାମନ୍ କହିଥିଲେ।

## ସଂକ୍ଷେପରେ

### ସମୟ ରୈନାଙ୍କୁ ମହାରାଷ୍ଟ୍ର ସାଇବର ସେଲ୍‌ର ଦ୍ୱିତୀୟ ସମନ



ମୁମ୍ବାଇ, ୧୩।୨

'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'ରେ ମାଁବାପାଙ୍କୁ ନେଇ ୟୁଟ୍ୟୁବର୍ ରଣବୀର ଆଲ୍ଲାବାଦିଆଙ୍କ ଅଶ୍ଳୀଳ ମନ୍ତବ୍ୟ ପ୍ରସଙ୍ଗରେ ଗୁରୁବାର ମହାରାଷ୍ଟ୍ର ପୋଲିସର ସାଇବର ସେଲ୍ ଦ୍ୱିତୀୟ ଥର ପାଇଁ ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କୁ ସମନ୍ ଜାରି କରିଛି। ଆସନ୍ତା ୧୭ରେ ଅଧିକ ପଚରାଉଚରା ପାଇଁ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମେରିକାରେ ଥିବା ସମୟ ମାର୍ଚ୍ଚ ୧୭ରେ ଫେରିବେ ବୋଲି ତାଙ୍କ ଓକିଲ ମହାରାଷ୍ଟ୍ର ସାଇବର ସେଲ୍‌କୁ ଜଣାଇଛନ୍ତି। ତେଣୁ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ଅଧିକ ସମୟ ଦିଆଯାଉ ବୋଲି ସେ ମହାରାଷ୍ଟ୍ର ସାଇବର ସେଲ୍‌କୁ ଅନୁରୋଧ କରିଛନ୍ତି। ତେବେ ମାମଲାର ଯାଞ୍ଚ ପାଇଁ ଏତେ ଦିନ ଧରି ଅପେକ୍ଷା କରାଯାଇ ପାରିବ ନାହିଁ ବୋଲି ମୁମ୍ବାଇ ପୋଲିସ ପକ୍ଷରୁ ସମୟଙ୍କ ଓକିଲଙ୍କୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୁମ୍ବାଇର ଖାର୍ ଥାନା ପୋଲିସ ୭ ଜଣଙ୍କ ବୟାନ ରେକର୍ଡ କରିଛି। ଗୁରୁବାର ସଂସଦୀୟ ସ୍ଥାୟୀ କମିଟି ବୈଠକରେ ବିଭିନ୍ନ ଦଳର ଏମ୍‌ପିମାନେ ଆଲ୍ଲାବାଦିଆଙ୍କ ଅଶ୍ଳୀଳ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୋସିଆଲ ମିଡିଆରେ ବିଭିନ୍ନ ବିବାଦୀୟ କଣ୍ଟେଣ୍ଟ ଉପରେ ରୋକ୍ ଲଗାଇବା ଦିଗରେ ଆଇନରେ ଆବଶ୍ୟକ ସଂଶୋଧନ ନେଇ ଆସନ୍ତା ୧୭ ସୁଦ୍ଧା ଏକ ନୋଟ୍ ଦାଖଲ କରିବାକୁ ସଂସଦୀୟ କମିଟି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ କହିଛି।


ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବି ନେଇ କୃଷକମାନେ ବର୍ଷେ ହେଲା ଆନ୍ଦୋଳନ ଚଳାଇଥିବାବେଳେ ଗୁରୁବାର ପଟିଆଲା ଜିଲାର ଶମ୍ଭୁ ସୀମାରେ ମହାପଞ୍ଚାୟତରେ ସାମିଲ ହୋଇଛନ୍ତି।

## ଦଲାଇଲାମା, ସମ୍ବିତ୍ ପାତ୍ରଙ୍କୁ ଜେଡ୍ ସୁରକ୍ଷା


ଦଲାଇ ଲାମା

ନୂଆଦିଲ୍ଲୀ,୧୩।୨(ପି.ଟି.)

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦ ଥିବାରୁ କେନ୍ଦ୍ର ସରକାର ତାଙ୍କୁ ଜେଡ୍ ବର୍ଗର ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ସେହିପରି ହିଂସାପ୍ରବଣ ମଣିପୁରରେ ଭାଜପା ଦାୟିତ୍ୱରେ ଥିବା ପୁରୀ ଏମ୍‌ପି ସମ୍ବିତ୍ ପାତ୍ରଙ୍କୁ ମଧ୍ୟ ଜେଡ୍ ସୁରକ୍ଷା ଯୋଗାଇଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୮୯ ବର୍ଷୀୟ ଧର୍ମୀୟ ନେତା ଦଲାଇ ଲାମାଙ୍କ ସୁରକ୍ଷା ଦାୟିତ୍ୱ ନେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସେଣ୍ଟ୍ରାଲ ରିଜର୍ଭ ପୋଲିସ୍ ଫୋର୍ସ (ସିଆର୍‌ପିଏଫ୍)ର ଭିଆଇପି ସୁରକ୍ଷା ଶାଖାକୁ ନିର୍ଦ୍ଦେଶ ଦେଇଛି। ଭାରତରେ ଦଲାଇ ଲାମାଙ୍କୁ ସିଆର୍‌ପିଏଫ୍‌ର ୩୦ ଜଣିଆ କମାଣ୍ଡୋ ଟିମ୍ ୨୪ ଘଣ୍ଟା ସୁରକ୍ଷା ଯୋଗାଇଦେବେ। ହିମାଚଳପ୍ରଦେଶରେ ରହୁଥିବା ଏହି ଧର୍ମଗୁରୁଙ୍କୁ ସେଠାର ପୋଲିସ ସୁରକ୍ଷା ଯୋଗାଇ ଆସୁଥିବାବେଳେ ଦିଲ୍ଲୀ କିମ୍ବା ଅନ୍ୟତ୍ର ଗସ୍ତ କଲେ ସ୍ଥାନୀୟ ପୋଲିସ୍ ସୁରକ୍ଷା ଦାୟିତ୍ୱ ବୁଝୁଥିଲେ।

## ମହିଳା ବିଚାରପତିଙ୍କୁ ଚପଲ ଫିଙ୍ଗିଲେ ଅପରାଧୀ

ହାଇଦ୍ରାବାଦ,୧୩।୨

ଏକ ହତ୍ୟା ଉଦ୍ୟମ ମାମଲାରେ ଦୋଷୀସାବ୍ୟସ୍ତ ବ୍ୟକ୍ତି ଗୁରୁବାର କୋର୍ଟରୁମ୍‌ରେ ମହିଳା ବିଚାରପତିଙ୍କୁ ଚପଲ ଫିଙ୍ଗିଛନ୍ତି। ଅତିରିକ୍ତ ଜିଲା ଜଜ୍ କୋର୍ଟର ମହିଳା ବିଚାରପତି ବୁଧବାର ଅପରାଧୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବାରୁ ସେ ଖୁବ୍ ରାଗିଯାଇଥିଲେ। ଗୁରୁବାର ଆଉ ଏକ ହତ୍ୟା ମାମଲାର ବିଚାର ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଅଦାଲତରେ ହାଜର କରାଗଲାବେଳେ ସେ ବିଚାରପତିଙ୍କ ଉପରକୁ ଚପଲ ଫିଙ୍ଗିଥିଲେ। ଚପଲ ବିଚାରପତିଙ୍କ ଦେହରେ ବାଜି ନ ଥିବା ପୋଲିସ କହିଛି। କୋର୍ଟରୁମ୍‌ରେ ଉପସ୍ଥିତ ଆଇନଜୀବୀମାନେ ଅଭିଯୁକ୍ତଙ୍କୁ କାବୁ କରିନେଇ ମାଡ଼ ମାରିଥିଲେ। ଚପଲ ଫିଙ୍ଗା ଘଟଣାକୁ ରାଙ୍ଗାରେଡ୍ଡୀ ଜିଲା କୋର୍ଟ ବାର୍ ଆସୋସିଏଶନ ଦୃଢ଼ ନିନ୍ଦା କରିଛି।

## ୨ ଝିଅଙ୍କୁ ବିଷ ଦେଇ ମା'ଙ୍କ ଆତ୍ମହତ୍ୟା

ମୁଜାଫରନଗର, ୧୩।୨

ଉତ୍ତରପ୍ରଦେଶର ମୁଜାଫରପୁର ଜିଲା ଚର୍ଥୋଲି ଗ୍ରାମର ୪୨ ବର୍ଷୀୟା ମହିଳା ବିନ୍ତି ନିଜର ୨ ଝିଅ ସପନା(୧୩) ଓ ସରସ୍ୱତୀ(୧୧)ଙ୍କୁ ବିଷ ଦେବା ପରେ ରଶିରେ ଝୁଲିଆତ୍ମହତ୍ୟା କରିଛନ୍ତି। ୨ ଝିଅଙ୍କ ମଧ୍ୟରୁ ସପନାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ସରସ୍ୱତୀଙ୍କର ଅବସ୍ଥା ଗୁରୁତର ଥିବା ପୋଲିସ କହିଛି। ସରସ୍ୱତୀଙ୍କର ଚିକିତ୍ସା ଜାରି ରହିଛି। ପୋଲିସ ବିନ୍ତି ଏବଂ ସପନାଙ୍କର ମୃତ୍ୟୁଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବିନ୍ତି ୨ ଝିଅଙ୍କୁ ବିଷ ଦେଇ ଆତ୍ମହତ୍ୟା କାହିଁକି କଲେ ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

## ଆଜମ ଖାନ୍‌ଙ୍କୁ ଜାମିନ



ନୂଆଦିଲ୍ଲୀ, ୧୩।୨

ଏକ ମେଶିନ ଚୋରି ମାମଲାରେ ୟୁପିର ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ଓ ତାଙ୍କ ପୁଅ ତଥା ପୂର୍ବତନ ବିଧାୟକ ମହମ୍ମଦ ଅବଦୁଲ୍ଲା ଆଜମ ଖାନ୍‌ଙ୍କୁ ଗୁରୁବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଆଜମଙ୍କ ଜାମିନ ଆବେଦନକୁ ଗତ ମାସରେ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଆଜମ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ୨ ସହକର୍ମୀଙ୍କୁ ହତ୍ୟା ପରେ ଯବାନଙ୍କ ଆତ୍ମହତ୍ୟା

ଇମ୍ଫାଲ,୧୩।୨

ମଣିପୁରର ଏକ କ୍ୟାମ୍ପରେ ଜଣେ ସିଆର୍‌ପିଏଫ୍ ଯବାନ ଗୁରୁବାର ରାତିରେ ନିଜ ସର୍ଭିସ୍ ରାଇଫଲ୍‌ରୁ ଗୁଳି ଚଳାଇବାରୁ ତାଙ୍କର ୨ ଜଣ ସହକର୍ମୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ପରେ ଯବାନ ଜଣକ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଇମ୍ଫାଲ ୱେଷ୍ଟ ଜିଲାର ଲାମ୍‌ସାଙ୍ଗଠାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପରେ ରାତି ୮ଟା ବେଳେ ଏହି ଗୁଳିକାଣ୍ଡ ଘଟିଛି। ଆହତ ଯବାନମାନଙ୍କୁ ଇମ୍ଫାଲର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଆର୍‌ଆଇଏମ୍‌ଏସ୍)ରେ ଭର୍ତ୍ତି କରାଯାଇଛି।

## ଗହଳିକୁ କାର୍ ମଡ଼ାଇଦେବାରୁ ୨୮ ଆହତ


ମୁନିକ୍‌ରେ ବିକ୍ଷୋଭ ଚାଲିଥିବାବେଳେ ଲୋକଙ୍କ ଉପରେ କାର୍ ମାଡିଯାଇଛି।

ବର୍ଲିନ,୧୩।୨

ଜର୍ମାନୀର ମୁନିକ୍ ସହରର କେନ୍ଦ୍ରଭାଗରେ ଜନଗହଳି ମଧ୍ୟକୁ ଜଣେ ଡ୍ରାଇଭର କାର୍ ମଡ଼ାଇଦେବାରୁ ଛୋଟ ପିଲାଙ୍କ ସମେତ ୨୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଡାଉନ୍‌ଟାଉନ୍ ମୁନିକ୍ ନିକଟ ଛକରେ ଏକ ସଂଘ ତରଫରୁ ବିକ୍ଷୋଭ କରାଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭର ଜାଣିଶୁଣି ଲୋକଙ୍କୁ ଧକ୍କା ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଏହା ଦୁର୍ଘଟଣା ନୁହେଁ ଏକ ଆକ୍ରମଣ ବୋଲି ସନ୍ଦେହ କରାଯାଉଥିବା ବାଭାରିଆ ଗଭର୍ନର ମାର୍କୁସ୍ ସୋଡେର କହିଛନ୍ତି। ଡ୍ରାଇଭର ଜଣେ ୨୪ ବର୍ଷୀୟ ଆଫଗାନ ଶରଣାର୍ଥୀ। ଆହତଙ୍କ ମଧ୍ୟରେ ଛୋଟ ପିଲା ରହିଥିବା ଘଟଣାରେ ଅତ୍ୟନ୍ତ ମର୍ମାହତ ବୋଲି ମୁନିକ୍ ମେୟର ଡେଇଟର ରେଇଟର କହିଛନ୍ତି।

## ଜାମିଆରେ ବିକ୍ଷୋଭ: ୧୪ ଛାତ୍ର ଅଟକ

ନୂଆଦିଲ୍ଲୀ, ୧୩।୨

ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ଗତ ବର୍ଷ ଆୟୋଜିତ ଏକ ବିକ୍ଷୋଭ ପ୍ରଦର୍ଶନ ଘଟଣାରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ୨ ଜଣ ପିଏଚ୍‌ଡି ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବୁଧବାରଠାରୁ ବିଶ୍ୱବିଦ୍ୟାଳୟ ପରିସରରେ କେତେଜଣ ଛାତ୍ର ବିକ୍ଷୋଭ ଆରମ୍ଭ କରିଥିଲେ, ଯାହା ପରେ ହିଂସାତ୍ମକ ରୂପ ଧାରଣ କରିଥିଲା। ବିକ୍ଷୋଭରତ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ କ୍ୟାଣ୍ଟିନ୍ ସମେତ ସୁରକ୍ଷା ପରାମର୍ଶଦାତାଙ୍କ କାର୍ଯ୍ୟାଳୟର କବାଟ ଭାଙ୍ଗି ଦେଇଥିଲେ। ଫଳରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ପୋଲିସକୁ ଡକାଯାଇଥିଲା। ପୋଲିସ ଗୁରୁବାର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱ ବିଦ୍ୟାଳୟରେ ପହଞ୍ଚି ବିକ୍ଷୋଭରତ ଛାତ୍ରମାନଙ୍କୁ ଧାରଣାସ୍ଥଳରୁ ଉଠାଇବା ସହ ୧୪ ଛାତ୍ରଙ୍କୁ ଥାନାରେ ଅଟକ ରଖିଛି।

## ରାଜ୍ୟ ସଭା ଯିବେ କମଲ ହାସନ


ଚେନ୍ନାଇରେ ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ଭେଟୁଛନ୍ତି କମଲ ହାସନ।

ନୂଆଦିଲ୍ଲୀ, ୧୩।୨

ଅଭିନେତା ତଥା ମକ୍କଲ ନିଧି ମୟମ(ଏମ୍‌ଏନ୍‌ଏମ୍)ର ସଭାପତି କମଲ ହାସନଙ୍କୁ ନିଜ କୋଟାରୁ ରାଜ୍ୟ ସଭା ପଠାଇବା ନେଇ ଦ୍ରାବିଡ଼ ମୁନେତ୍ର କାଜାଗମ (ଡିଏମ୍‌କେ) ପକ୍ଷରୁ ଘୋଷଣା କରାଯାଇଛି। ଗୁରୁବାର ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କୁ କମଲ ଭେଟିବା ପରେ ଡିଏମ୍‌କେ ପକ୍ଷରୁ ଏହି ଘୋଷଣା ହୋଇଛି। ଏହାପୂର୍ବରୁ କମଲ ବୁଧବାର ବରିଷ୍ଠ ଡିଏମ୍‌କେ ନେତା ପି.କେ. ସେକର ବାବୁଙ୍କୁ ଭେଟିଥିଲେ। ଏମ୍‌ଏନ୍‌ଏମ୍ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ି ନ ଥିବାବେଳେ ଇଣ୍ଡିଆ ବ୍ଲକ୍‌କୁ ସମର୍ଥନ ଜଣାଇଥିଲା। ସେତେବେଳେ କମଲଙ୍କୁ ନିଜ କୋଟାରୁ ରାଜ୍ୟ ସଭା ପଠାଯିବ ବୋଲି ଡିଏମ୍‌କେ ପ୍ରତିଶ୍ରୁତି ଦେଇଥିଲା। ଆସନ୍ତା ଜୁନ୍‌ରେ ତାମିଲନାଡୁର ୬ ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି।

## ୟୁନୁସ୍‌ଙ୍କ ଦାବିକୁ ଖଣ୍ଡନ କଲା ୟୁଏନ୍ ରିପୋର୍ଟ

ଜେନେଭା, ୧୩।୨

ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଅନ୍ତରୀଣ ସରକାର ଆସିବା ପରଠାରୁ ଦେଶରେ ହିନ୍ଦୁ ଏବଂ ବିଭିନ୍ନ ଅଳ୍ପ ସଂଖ୍ୟକ ସମୁଦାୟ ଉପରକୁ ହେଉଥିବା ଆକ୍ରମଣ ବଢ଼ିବାରେ ଲାଗିଛି। ତେବେ ଦେଶରେ ହିନ୍ଦୁଙ୍କ ଉପରକୁ ଆକ୍ରମଣ ହେଉନାହିଁ, ଏହା କେବଳ ବଢ଼େଇ ଚଢ଼େଇ କୁହାଯାଉଥିବା ଏକ ପ୍ରୋପାଗଣ୍ଡା ବୋଲି ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମଦ ୟୁନୁସ କହି ଆସୁଥିଲେ। ତେବେ ମିଳିତ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ଗୁରୁବାର ଜାରି ଏକ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟରେ ୟୁନୁସଙ୍କ ଉକ୍ତ ଦାବିକୁ ଖାରଜ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ୟୁଏନ୍‌ଏଚ୍‌ଆର୍‌ସିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗତବର୍ଷ ସେପ୍ଟେମ୍ବର ୧୬ରେ ବାଂଲାଦେଶରେ ପହଞ୍ଚି ସେଠାରେ ଥିବା ସ୍ଥିତିକୁ ପରଖିଥିଲା। ଏହି ଟିମ୍ ବିଭିନ୍ନ ବିଶ୍ୱବିଦ୍ୟାଳୟ, ହସ୍ପିଟାଲ, ବିକ୍ଷୋଭ ପ୍ରଦର୍ଶନ ସ୍ଥଳକୁ ଗସ୍ତ କରି ୯୦୦ରୁ ଅଧିକ ଲୋକଙ୍କର ବୟାନ ରେକର୍ଡ କରିଥିଲା। ହାସିନା କ୍ଷମତାରୁ ହଟିବା ପୂର୍ବରୁ ଦେଶରେ ହିନ୍ଦୁଙ୍କ ପ୍ରତି ହିଂସା ଆରମ୍ଭ ହୋଇଥିଲା। ତେବେ ତାଙ୍କ ସରକାର ଯିବା ପରେ ହିନ୍ଦୁଙ୍କ ଘର, ବ୍ୟବସାୟିକ ସ୍ଥଳ, ମନ୍ଦିର ଆଦିରେ ବଡ଼ ମାତ୍ରାରେ ଆକ୍ରମଣ ହୋଇଥିବା ଉକ୍ତ ରିପୋର୍ଟ କହିଛି। ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏପରି ଘଟଣା ବାଂଲାଦେଶରେ ବଢ଼ିଚାଲିଥିବା ନେଇ ଉକ୍ତ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟରେ କୁହାଯାଇଛି। ଜମାତ ଏ ଇସ୍‌ଲାମୀ, ବାଂଲାଦେଶ ନ୍ୟାଶନାଲ ପାର୍ଟି(ବିଏନ୍‌ପି)ର ସଦସ୍ୟଙ୍କ ସହ କିଛି ସ୍ଥାନୀୟ ନେତା ହିନ୍ଦୁଙ୍କ ବିରୋଧରେ ହେଉଥିବା ହିଂସାରେ ସାମିଲ ଥିବା ନେଇ ଏହି ରିପୋର୍ଟ କହିଛି।

**ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣ ପ୍ରସଙ୍ଗ**

# ମୋଦି-ଟ୍ରମ୍ପ୍ ଭେଟ ଉପରେ ସମସ୍ତଙ୍କ ନଜର

ୱାଶିଂଟନ,୧୩।୨

ଦୁଇଦିନିଆ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବାକୁ ଥିବାବେଳେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ବାଣିଜ୍ୟ ନୀତି ଏବଂ ବେଆଇନ ଆପ୍ରବାସୀଙ୍କୁ ବହିଷ୍କାର ନିଷ୍ପତ୍ତି ଭାରତର ଚିନ୍ତା ବଢ଼ାଇଛି। ଆଲୋଚନାରେ ଏହି ପ୍ରସଙ୍ଗ ସ୍ଥାନ ପାଇବା ଆଶା କରାଯାଉଛି। ଗତ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦିଙ୍କ ସହ ଏହା ପ୍ରଥମ ଦ୍ୱିପାକ୍ଷିକ ବୈଠକ। ମୋଦିଙ୍କ ସହ ଆଲୋଚନାର କିଛି ସମୟ ପୂର୍ବରୁ ଟ୍ରମ୍ପ ଉଭୟ ସହଯୋଗୀ ଓ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ଲଗାଇବେ ବୋଲି ଘୋଷଣା କରିଛନ୍ତି। ଟ୍ରମ୍ପଙ୍କୁ ଭେଟିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଟେସ୍‌ଲା ସିଇଓ ଏଲନ୍ ମସ୍କ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ମିଚେଲ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ସହ ଆଲୋଚନା କରୁଛନ୍ତି। ଆମେରିକାର ଏନ୍‌ଏସ୍‌ଏ ମିଚେଲ ୱାଲ୍ଟଜଙ୍କ ସହ ପ୍ରଧାନମନ୍ତ୍ରୀ।

**ମସ୍କ, ୱାଲ୍ଟଜ୍, ଗାବାର୍ଡଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ**

ୱାଲ୍ଟଜ, ଜାତୀୟ ଗୋଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ଏବଂ ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ନେତା ତଥା ଉଦ୍ୟୋଗପତି ବିବେକ ରାମସ୍ୱାମୀଙ୍କୁ ଭେଟିଛନ୍ତି।

ଟ୍ରମ୍ପ ପ୍ରଶାସନରେ ସରକାରଙ୍କ ଦକ୍ଷତା ବିଭାଗ (ଡିଓଜିଇ)ର ମୁଖ୍ୟ ଥିବା ମସ୍କ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ବ୍ଲେୟାର ହାଉସ୍‌ରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ମସ୍କଙ୍କ ସହ ତାଙ୍କର ୩ ପିଲା ଆସିଥିଲେ। ଟ୍ରମ୍ପଙ୍କ ଷ୍ଟାରଲିଙ୍କ୍ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଯୋଗାଇବା ପ୍ରସ୍ତାବ ରଖିଥିବାବେଳେ ଟେସ୍‌ଲା ମଧ୍ୟ ଭାରତରେ କାରଖାନା ସ୍ଥାପନ କରିବା ଯୋଜନା ରଖିଛି। ଭାରତ ସରକାର ଦେଶର ପ୍ରଯୁକ୍ତି ଭିତ୍ତିଭୂମିକୁ ବଢ଼ାଇବା ପାଇଁ ଆଗ୍ରହୀ ଥିବାବେଳେ ଟ୍ରମ୍ପଙ୍କ କମ୍ପାନୀ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି କୁହାଯାଉଛି। ଗୁରୁବାର ସେମାନଙ୍କ ଆଲୋଚନାରେ ଇନୋଭେଶନ, ମହାକାଶ ଗବେଷଣା, ବିଦ୍ୟୁତ୍‌ଚାଳିତ କାର୍ ଆଦି ପ୍ରସଙ୍ଗ ସ୍ଥାନ ପାଇଥିବା ଆଶା କରାଯାଉଛି। କିଛି ସମୟ ପୂର୍ବରୁ ମୋଦି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ୱାଲ୍ଟଜଙ୍କୁ ଭେଟିଥିଲେ। ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ଟ୍ରମ୍ପ ପ୍ରଶାସନରେ ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଶପଥ ନେଇଥିବା ତୁଲସୀ ଗାବାର୍ଡଙ୍କୁ ମୋଦି ସାକ୍ଷାତ୍ କରିଥିଲେ।



**ବଲିଉଡ୍‌ରେ ଷ୍ଟାର୍ କିଡ୍‌ଙ୍କୁ ବେଶି ସୁଯୋଗ ମିଳେ: ହର୍ଷବର୍ଦ୍ଧନ**

ବଲିଉଡ୍ ଇଣ୍ଡଷ୍ଟ୍ରିରେ ଷ୍ଟାର୍ କିଡ୍‌ମାନଙ୍କୁ ବେଶି ସୁଯୋଗ ମିଳିଥାଏ ବୋଲି ଗୁରୁବାର ଅଭିନେତା ହର୍ଷବର୍ଦ୍ଧନ ରାଣେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୧୨

୧୪ **ପଟିଦାର ଆରସିବି ଅଧିନାୟକ**

ଆଇପିଏଲ୍ ସିଜନ ୨୦୨୫ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକ ମନୋନୀତ ହୋଇଛନ୍ତି ରଜତ ପଟିଦାର।



# ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି : ରାଜ୍ୟପାଳ

ଭୁବନେଶ୍ୱର,୧୩।୨(ବନ୍ଦନା ସେଠୀ)



ବିଧାନସଭାରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଅଭିଭାଷଣ ଦେଉଛନ୍ତି।

ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମେ ବିଧାନସଭା ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ରାଜ୍ୟପାଳ ବିଧାନସଭା ଗୃହରେ 'ଜୟ ଜଗନ୍ନାଥ' କହି ଅଭିଭାଷଣ ରଖିଥିଲେ। ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ଥିବାବେଳେ ରାଜ୍ୟ ନିଜର ଐତିହ୍ୟ ଓ କୀର୍ତ୍ତିରାଜି ପାଇଁ ପରିଚିତ ବୋଲି ସେ ଉଲ୍ଲେଖ କରିବା ସହ ସରକାରଙ୍କ ବିକାଶମୂଳକ ଯୋଜନାକୁ ପ୍ରଶଂସା କରିଥିଲେ। ମହିଳା କୈନ୍ଦ୍ରିକ ଫ୍ଲାଗଶିପ ସ୍କିମ 'ସୁଭଦ୍ରା'ରେ ଏପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୧ କୋଟି ମହିଳା ହିତାଧିକାରୀ ଲାଭାନ୍ୱିତ ହୋଇସାରିଛନ୍ତି। ସେହିପରି

**ସପ୍ତଦଶ ବିଧାନସଭା ଅଧିବେଶନ ଆରମ୍ଭ**

- ବିଶ୍ୱବିଦ୍ୟାଳୟରେ ଖୋଲିବ ଉତ୍କର୍ଷ କେନ୍ଦ୍ର, ସ୍ନାତକୋତ୍ତର ସିଟ୍ ବଢ଼ିବ
- ଆହୁରି ସଶକ୍ତ ହେବେ ମହିଳା, ଓଡ଼ିଆ ଅସ୍ମିତା ପୁନର୍ଜୀବିତ ପାଇଁ ପ୍ରୟାସ
- ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତିର ରାଜ୍ୟ ହେବ ଓଡ଼ିଶା

୨୦୨୪-୨୫ରେ ୨୪ ହଜାରରୁ ଅଧିକ ସରକାରୀ ପଦବୀ ପୂରଣ ହୋଇଥିବାବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ୧.୫ ଲକ୍ଷ ସରକାରୀ ଚାକିରି ସୃଷ୍ଟି ☞ପୃଷ୍ଠା-୨

# ମଣିପୁରରେ ରାଷ୍ଟ୍ରପତି ଶାସନ

**ମଣିପୁରରେ ୨ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ସୃଷ୍ଟି ହେବାର ୨୧ ମାସ ବିତିଯାଇଥିଲେ ମଧ୍ୟ ସେଠାକାର ଭାଜପା ସରକାର ତାହାକୁ ରୋକିବାରେ ସକ୍ଷମ ହୋଇପାରିନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଏଥିଯୋଗୁ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦,୦୦୦ରୁ ଅଧିକ ଲୋକ ଘରଦ୍ୱାର ହରାଇ ଅନ୍ୟତ୍ର ପଳାଇ ଯାଇଛନ୍ତି । ସ୍ଥିତିରେ କୌଣସି ଉନ୍ନତି ଆସିପାରୁ ନ ଥିବାରୁ ମଣିପୁରରେ ଗୁରୁବାର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ୪ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ନୂଆ ନେତା ବାଛିବାରେ ଭାଜପା ବିଫଳ ହୋଇଥିବା ହେତୁ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ଏଥିସହିତ ରାଜ୍ୟ ବିଧାନସଭାକୁ ସସ୍‌ପେଣ୍ଡେଡ୍ ଆନିମେଶନ କରାଯାଇଛି।**



ନୂଆଦିଲ୍ଲୀ,୧୩।୨(ପି.ଟି.)

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ସରକାର ଚାଲି ନ ପାରିବା ଭଳି ସ୍ଥିତି ସୃଷ୍ଟି ହୋଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତ ଦେଇଥିଲେ। ତେଣୁ ସମ୍ବିଧାନର ଅନୁଚ୍ଛେଦ ୩୫୬ର କ୍ଷମତା ତଥା ଅନ୍ୟାନ୍ୟ କ୍ଷମତା ବଳରେ ମୁଁ ଭାରତର ରାଷ୍ଟ୍ରପତି ଭାବେ ମଣିପୁର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟ ଏବଂ ରାଜ୍ୟପାଳଙ୍କ ପାଖରେ ଥିବା ବା ପ୍ରୟୋଗ କରୁଥିବା ସମସ୍ତ କ୍ଷମତା ଗ୍ରହଣ କରୁଛି ବୋଲି ବିଜ୍ଞପ୍ତିରେ ଘୋଷଣା କରାଯାଇଛି।

ହିଂସାପ୍ରବଣ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସୁଧାରିବାରେ ସରକାର ବିଫଳ ହୋଇଥିବାରୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ କଂଗ୍ରେସ ଦୀର୍ଘଦିନରୁ ଦାବି କରି ଆସୁଥିଲା। ୨୧ ମାସ ହେଲା ରାଜ୍ୟର ସାମାଜିକ ରଜ୍ଜୁକୁ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହେବା ପାଇଁ



ଛାଡ଼ିଦେବା ପରେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଲଗାଇଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି।

ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ ଗତ ରବିବାର ସନ୍ଧ୍ୟାରେ ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ତାଙ୍କ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବା ସମ୍ଭାବନା ଥିବାବେଳେ ଦଳ ଭିତରେ ତାଙ୍କ ନେତୃତ୍ୱ ପ୍ରତି ବିରୋଧ ବୃଦ୍ଧି ପାଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିଲେ।

ମଣିପୁରରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଉଗ୍ରରୂପ ନେଇଥିଲା। ଅନେକ ଲୋକ ମୃତାହତ ହୋଇଥିବାବେଳେ ବହୁ ହଜାର ଲୋକ ଘରଦ୍ୱାର ହରାଇଛନ୍ତି। ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳ ଭଙ୍ଗାରୁଜା କରାଯାଇଛି ଏବଂ ୪,୭୮୬ଟି ଘର ଜାଳିଦିଆଯାଇଛି। ହିଂସାକାଣ୍ଡ ରୋକିବାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ବିଫଳ ହୋଇଥିବା ନେଇ ସମାଲୋଚିତ ହୋଇଆସୁଥିଲେ। ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରକ ପାଇଁ ମଧ୍ୟ ସେହି ରାଜ୍ୟକୁ ଯାଇ ନ ଥିଲେ। ☞ପୃଷ୍ଠା-୨

# ଲୋକ ସଭାରେ ଆଗତ ହେଲା ଆୟକର ବିଲ୍

ନୂଆଦିଲ୍ଲୀ,୧୩।୨(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଲୋକ ସଭାରେ ଆୟକର ବିଲ୍, ୨୦୨୫ ଉପସ୍ଥାପନ କରିଛନ୍ତି। ବିଲ୍‌କୁ ଗୃହର ସିଲେକ୍ଟ କମିଟିକୁ ପଠାଇବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ନିବେଦନ କରିବା ସହ ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ସୁଦ୍ଧା କମିଟି ରିପୋର୍ଟ ଦାଖଲ କରିବ ବୋଲି କହିଛନ୍ତି। ବିଲ୍ ଆଗତ ବେଳେ ବିପକ୍ଷ ଦଳର ସଦସ୍ୟମାନେ ଜୋର୍‌ଦାର ବିରୋଧ କରିଥିଲେ। ତେବେ ଏହାକୁ ଆଗତ କରିବା ପ୍ରସ୍ତାବ ବାଚନିକ ଭୋଟ୍‌ରେ ଗୃହୀତ ହୋଇଥିଲା।

ଏହି ବହୁ ପ୍ରତୀକ୍ଷିତ ବିଲ୍ ବର୍ତ୍ତମାନର ଆୟକର ଆଇନରେ ରହିଥିବା 'ଆକଳନ ବର୍ଷ' ଏବଂ 'ପୂର୍ବ ବର୍ଷ' ଭଳି ପରିଭାଷିକ ଶବ୍ଦାବଳି ହଟାଇବ। ଆୟକର ଆଇନରୁ ସର୍ତ୍ତାବଳୀ ଓ ସ୍ପଷ୍ଟୀକରଣଗୁଡ଼ିକୁ ହଟାଯିବା ସହ ସରଳ ଶବ୍ଦ ବ୍ୟବହାର ଯୋଗୁ 'ଟିକସ ବର୍ଷ'କୁ ବୁଝିବା ସହଜ ହେବ। ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦର ଜବାବ ଦେବାକୁ ଯାଇ ଅର୍ଥମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୨

## କ'ଣ ହୋଇଛି ପରିବର୍ତ୍ତନ

କେନ୍ଦ୍ର ସରକାର ଆଣିଥିବା ବିଲ୍ ବଳରେ ଆୟକର ଆଇନରେ ସରଳୀକରଣ କରିବାକୁ ଯାଉଛନ୍ତି। ୧୯୬୧ର ଆୟକର ଆଇନ ତୁଳନାରେ ପ୍ରସ୍ତାବିତ ନୂଆ ଆଇନର ଆକୃତି ଅଧା ହେବ। ବିବାଦର ପରିସର ଏବଂ ସାନି ବ୍ୟାଖ୍ୟାକୁ ହ୍ରାସ କରି ଟିକସରେ ନିଶ୍ଚିତତା ଆଣିବା ବିଲ୍‌ର ଲକ୍ଷ୍ୟ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଚଳିତ ଆୟକର ଆଇନରେ ୫.୧୨ ଲକ୍ଷ ଶବ୍ଦ ବ୍ୟବହାର ହୋଇଥିବାବେଳେ ନୂଆ ବିଲ୍‌ରେ ଏହାର ଅଧା ଅର୍ଥାତ୍ ୨.୬ ଲକ୍ଷ ଶବ୍ଦ ପ୍ରୟୋଗ କରାଯାଇଛି। ବର୍ତ୍ତମାନର ଆଇନରେ ୮୧୯ଟି ଧାରା ଥିବାବେଳେ ପ୍ରସ୍ତାବିତ ଆଇନରେ ଏହା ୫୩୬ରେ ☞ପୃଷ୍ଠା-୨

# ପ୍ରେମ ଜୀବନରେ ସନ୍ତୁଷ୍ଟ ନୁହନ୍ତି ୩୭% ଭାରତୀୟ

ପ୍ୟାରିସ୍, ୧୩।୨

ପ୍ରେମ ଜୀବନକୁ ନେଇ ୩୭% ଭାରତୀୟ ସନ୍ତୁଷ୍ଟ ନୁହନ୍ତି। ଚଳିତ ବର୍ଷର ଭାଲେଣ୍ଟାଇନ୍ସ ଡେ'କୁ ଦୃଷ୍ଟିରେ ରଖି ମଲ୍ଟି ନ୍ୟାଶନାଲ ମାର୍କେଟ ରିସର୍ଚ୍ଚ ଆଣ୍ଡ କନସଲ୍ଟିଂ କମ୍ପାନୀ 'ଇପ୍‌ସୋସ୍' ପକ୍ଷରୁ ଭାରତ ସମେତ ୩୦ ଦେଶରେ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ଗୁରୁବାର 'ଲଭ୍ ଲାଇଫ୍ ସାଟିସ୍‌ଫେକ୍ସନ ୨୦୨୫' ନାମରେ



ଇପ୍‌ସୋସ୍ ନିଜ ସର୍ଭେର ଫଳାଫଳକୁ ଜାରି କରିଛି। ଏହି ସର୍ଭେ ଅନୁଯାୟୀ, ଭାରତରେ ୬୩% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ। ତେବେ ପ୍ରେମ ଜୀବନରେ ସର୍ବାଧିକ ଲୋକ ଖୁସି ଥିବା ଦେଶ ହେଉଛି କଲମ୍ବିଆ। କଲମ୍ବିଆରେ ୮୨% ଲୋକ ପ୍ରେମ ଜୀବନରେ ସନ୍ତୁଷ୍ଟ ଥିବା ଇପ୍‌ସୋସ୍ ସର୍ଭେରେ ପ୍ରକାଶ ପାଇଛି। ସେହିପରି ଥାଇଲାଣ୍ଡ, ମେକ୍ସିକୋ ଏବଂ ଇଣ୍ଡୋନେସିଆରେ ୮୧% ଏବଂ ମାଲେସିଆରେ ୭୯% ଲୋକ ପ୍ରେମ ଜୀବନରେ ସନ୍ତୁଷ୍ଟ ରହିଛନ୍ତି। ଇପ୍‌ସୋସ୍ ପକ୍ଷରୁ ଜାରି ହୋଇଥିବା ତାଲିକାର ନିମ୍ନ ୩ ସ୍ଥାନରେ ଭାରତ, ଦକ୍ଷିଣ କୋରିଆ ଏବଂ ଜାପାନ ☞ପୃଷ୍ଠା-୨




# ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି

**ବିଷାକ୍ତ ମଦ କାରବାର ରୋକିବାକୁ ଗୁରୁତ୍ୱ**

ଭୁବନେଶ୍ୱର,୧୩।୨
(ଅନୁରାଧା ମହାରଣା)

ରାଜ୍ୟରେ ନୂଆ ଅବକାରୀ ନୀତି ୨୦୨୫-୨୬ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ। ଏନେଇ ଫର୍ଚ୍ୟୁନ୍ ଟାୱାରସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରି ପାରିବେ ନାହିଁ। ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିସମୂହଙ୍କୁ କଡ଼ା ଦଣ୍ଡବିଧାନ ଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ୍ ଆଣ୍ଡ ୱାଇନ୍ ଆସୋସିଏଶନ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଗଣତନ୍ତ୍ର ଓ ଅସମାନତା



**ଆଜିର ମନ୍ତବ୍ୟ**

"ନିର୍ବାଚନ ସ୍ୱଚ୍ଛ ଓ ଅବାଧ ହେଉନାହିଁ। ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରେ ଜାଲିଆତି ହେଉଛି। ସରକାର ଆସିବା ଓ ଯିବା ଲାଗିରହିଥିବା ତେବେ ବନ୍ଧୁତା ସବୁବେଳେ ରହିବ।
–ଆଦିତ୍ୟ ଠାକ୍‌ରେ, ଶିବସେନା (ୟୁବିଟି) ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ମତ୍ସ୍ୟ– ପ୍ରାଣୀ ସମାବେଶ ଉପଲକ୍ଷେ ୱାକାଥନ୍, ସ୍ଥାନ: ଭେଟେରିନାରୀ କଲେଜ, ଓୟୁଏଟି, ସମୟ: ସକାଳ ୬ଟା।
- ମାତୃପିତୃ ପୂଜନ ଦିବସ, ସ୍ଥାନ: ବିବେକାନନ୍ଦ ଶିକ୍ଷାନୁଷ୍ଠାନ, ଚନ୍ଦ୍ରଶେଖରପୁର, ସମୟ: ସକାଳ ୮ଟା।
- ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ପରିଷଦ ବୈଠକ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ୧୧ତମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ବାର୍ଷିକୋତ୍ସବ, ସ୍ଥାନ: ବୃଦ୍ଧାଶ୍ରମ ପରିସର, ପାଣ୍ଡରା ଛକ, ସମୟ: ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ମାତୃ ପିତୃ ପୂଜନ ଦିବସ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ୬୬୨ ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ରାଲି, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶୋଭନୀୟ ପ୍ଲେ ସ୍କୁଲ, ପୋଖରୀପୁଟର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଲେଖକ ରଞ୍ଜନ କୁମାର ଦାସଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ '୭ମ ବର୍ଣ୍ଣାଳୀ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ମା' ଭଗବତୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୫ ଶୁଭାରମ୍ଭ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୋମପଡା, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଶ୍ରୁତି ପରିବାର ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।

## ପୁରୀ

- ମାତୃ ପିତୃ ଦିବସ ପାଳନ, ସ୍ଥାନ: ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ, ପୁରୀ, ସମୟ: ସକାଳ ୯ଟା।
- ସତ୍ୟବାଦୀ ମହୋତ୍ସବ ଜ୍ୟୋତି ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ବସ୍ ଷ୍ଟାଣ୍ଡ ନିକଟ ପଞ୍ଚସଖା ପୀଠ, ସମୟ: ଅପରାହ୍ନ ୩ଟା।
- ସତ୍ୟବାଦୀ ମହୋତ୍ସବ ମଞ୍ଚ ପ୍ରତିଷ୍ଠା ଓ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ମୁକ୍ତାକାଶ ରଙ୍ଗ ମଞ୍ଚ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।
- ଇନ୍ଦ୍ରଦ୍ୟୁମ୍ନ ଆଦର୍ଶ ବିଦ୍ୟାନିକେତନର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ମାଟିଆପଡ଼ା, ପୁରୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଫକୀରମୋହନ ବିଶ୍ୱବଦ୍ୟାଳୟରେ ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- 'ଖାସ୍ ତୁମ ପାଇଁ' ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ନୋସି ବିଜିନେସ୍ ପାର୍କ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ମ୍ୟାଚ୍, ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଟିଲୋ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନି ଷ୍ଟାଡିୟମ୍, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଙ୍କୀର୍ତ୍ତନ, ସ୍ଥାନ: ଖଇରିମରା, ଛେନାପଦି, ସମୟ: ସକାଳ ୬ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ସୀମାନ୍ତ ଯୁବ ମହୋତ୍ସବ ସମିତିପକ୍ଷରୁ ଅଷ୍ଟମ ବାର୍ଷିକ ତ୍ରିଦିବସୀୟ ଯୁବ ମହୋତ୍ସବ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ ପରିସର, ଖାରପୋଖରିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଜାଲଘେରା, ହାଟପଡ଼ିଆ,ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ହରିହର ମହାପ୍ରଭୁଙ୍କ ତ୍ରୟବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ହରିହର ଭେଟ ମନ୍ଦିର, ସମୟ: ସକାଳ ୮ଟା।
- ସିପିଏମ୍ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଠିଆବୋରୋଦା ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ମନରେଗା ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ୍ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ

- ମା' ପାଟ୍ଟଖଣ୍ଡାଙ୍କ ବିଗ୍ରହ ପ୍ରତିଷ୍ଠା ଓ ନାମ ଯଜ୍ଞ ଶୁଭାରମ୍ଭ, ସ୍ଥାନ: ପାଟ୍ଟଖଣ୍ଡା ମନ୍ଦିର ପରିସର ଦାରିଙ୍ଗବାଡ଼ି, ସମୟ: ସକାଳ ୭ ଟା।

## ଢେଙ୍କାନାଳ

- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ରାମେଶ୍ୱରପୁର, ସମୟ: ସକାଳ ୬ଟା।
- ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର ଖବରଦାତା ସମ୍ମିଳନୀ, ସ୍ଥାନ: ବାଣିଜ୍ୟ ଭବନ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ମୁଖ୍ୟମନ୍ତ୍ରୀଙ୍କ ଯୋରନ୍ଦା ମେଳା ପରିଦର୍ଶନ, ସ୍ଥାନ: ମାଘମେଳା ପରିସର, ମହିମାଗାଦୀ, ଯୋରନ୍ଦା, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ୪୬ ତମ ବୃହତ୍‌ବନ୍ଦର ଫୁଟବଲ ଟୁର୍ନାମେଣ୍ଟ ଅନୁଯାୟୀ ୪ଟି ଲିଗ୍ ପର୍ଯ୍ୟାୟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମହିଳାପୁରୁଷ, ଭଲିବଲ୍ ଟୁର୍ନାମେଣ୍ଟ, ସ୍ଥାନ: ବୀଣାପାଣି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଆଶ୍ରମପାଟଣା, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।

## ଯାଜପୁର

- ବ୍ୟାସ ସରୋବର ମହୋତ୍ସବର ୭ମ ଦିବସ,ସ୍ଥାନ : ବ୍ୟାସ ସରୋବର ମେଳା ପଡ଼ିଆ, ସମୟ : ଅପରାହ୍ନ ୫ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବିକଶିତ ଗାଁ ବିକଶିତ ଓଡ଼ିଶା ନିମନ୍ତେ ଗ୍ରାମସଭା, ସ୍ଥାନ: ହାଟ ମୁନିଗୁଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ମାତୃପିତୃ ପୂଜନ ଦିବସ, ସ୍ଥାନ: ଉମରକୋଟ ଚିକଲପଦରସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ପ୍ରକଳ୍ପ ଚୟନ, ସ୍ଥାନ: ମାଥାଲପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମୁର୍କାର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଶ୍ରମିକ କଲ୍ୟାଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କାଲିମେଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ପିତୃମାତୃ ପୂଜନ ଉତ୍ସବ, ସ୍ଥାନ : ବରଗାଁ ସ୍ଥିତ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ବିଦ୍ୟାମନ୍ଦିର, ସମୟ : ସକାଳ ୯ଟା ୩୦।
- ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅଟଳ ଗ୍ରାମ କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି, ସମୟ : ପୂର୍ବାହ୍ନ ୧୦।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ କଟକ ବନାମ କୁଚିଣ୍ଡା ମ୍ୟାଚ୍,ସ୍ଥାନ:ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ୍, ବଲାଙ୍ଗୀର,ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ (ଭାରତ) ପକ୍ଷରୁ ୩୯ତମ ସର୍ବଭାରତୀୟ ସମାବେଶ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସିଏନ୍ଆଇ ଚର୍ଚ୍ଚରେ ଭାଲେଣ୍ଟାଇନ୍ ଡେ, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଉର୍ଜା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବଳିଦାନ ଦିବସ ଓ ସଂକଳ୍ପ ପରିବାରର ପ୍ରତିଷ୍ଠା ଦିବସ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ସକାଳ ୮ଟା ୩୦।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍,ସ୍ଥାନ:ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ:ସକାଳ ୯ଟା।

## କଳାହାଣ୍ଡି

- ଲଘୁ ସମ୍ପ୍ରଦାୟ ପକ୍ଷରୁ ସବେ ବାରାତ ଶୋଭଯାତ୍ରା, ସ୍ଥାନ: ଜୁନାଗଡ଼ ମସ୍‌ଜିଦ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପୁରୁଣାକଟକ ଦୁର୍ଗାପୂଜା ମଣ୍ଡପ, ପୁରୁଣା କଟକ, ହରଭଙ୍ଗା, ସମୟ ସକାଳ ୮ଟା।

## ଦେବଗଡ଼

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ଓ ସର୍ଗଦ୍ୱାର, ସମୟ: ସକାଳ ୯ଟା।
- ବଜରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।

## ସୁବର୍ଣ୍ଣପୁର

- ମାଟ୍ରିକ୍ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ମହାରାଜା ହାଇସ୍କୁଲ, ସମୟ: ଅପରାହ୍ନ ୨ଟା ୩୦।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀରାମ ଜନ୍ମକଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ସଂସ୍କାର ଓ ପ୍ରଜ୍ଞା ପୁରାଣ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ମାତୃପିତୃ ପୂଜନ ଦିବସ ପାଳନ, ସ୍ଥାନ: ଝଣ୍ଡା ଛକ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଇମୁଣ୍ଡା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ୩ ଗ୍ରହଙ୍କ ଦୃଷ୍ଟିରେ ଚନ୍ଦ୍ର ବିଭିନ୍ନ ପ୍ରକାର ଚିନ୍ତାରେ ଉଦ୍‌ବିଗ୍ନ ରହିବେ। ଘରର କେତେକ ଅକୁହା କଥାକୁ ଆଲୋଚନାକରି ମନରେ ଆଲୋଡ଼ନ ସୃଷ୍ଟି ହେବ। ଅବଶ୍ୟ ଧନ ସ୍ଥାନସ୍ଥ ବୃହସ୍ପତିଙ୍କ ପ୍ରଭାବରୁ ଅଭାବ ଅନଟନ ରହିବ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ଆହ୍ୱାନରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ରାଶିରେ ଗୁରୁଙ୍କ ପ୍ରଭାବରୁ ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ସର୍ଗୀକୃତକରି ପ୍ରଶଂସିତ ହେବେ। ବନ୍ଧୁ ପରାମର୍ଶରେ ଅଭାବ ପୂରଣ ଦିଗରେ ଚେଷ୍ଟା କଲେ ସଫଳତା ମିଳିବ। କାମ ପୂର୍ଣ୍ଣାଙ୍ଗ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସରକାରୀ ସ୍ତରରୁ ବକେୟା ପାଇବାରେ ବିଳମ୍ବ କାରଣରୁ ଅଶାନ୍ତ ରହିପାରନ୍ତି।

**ମିଥୁନ** ପୁନର୍ବସୁ ନକ୍ଷତ୍ର ଚେଷ୍ଟା କରୁଥିବା କାମରୁ ବନ୍ଧୁଙ୍କ ମାଧ୍ୟମରେ ଅର୍ଥ ପାଇବେ। ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବା ସକାଶେ କିଛି ନୂତନତ୍ୱ ଯୋଡ଼ି ପାରନ୍ତି। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝି ପାରିବାରିକ ସମ୍ପର୍କକୁ ତିକ୍ତ କରିପାରନ୍ତି। କଳା, ସାହିତ୍ୟାଦି ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିପାରନ୍ତି।

**କର୍କଟ** ମାନସିକ ଅସ୍ଥିରତା ମଧ୍ୟରେ ଦୂରଯାତ୍ରା ସହ କାମକୁ ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ଯାହା ଖୋଜୁଥିଲେ ତାହା ନିର୍ଦ୍ଦିଷ୍ଟ ସମୟରେ ନ ପାଇଲେ ମଧ୍ୟ ବିଳମ୍ବରେ ପାଇବେ। ଖାଦ୍ୟର ଅନିୟମିତତା କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଏକାଦଶସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ।

**ସିଂହ** ବ୍ୟୟାଧିପ ରାଶିରେ ରହିଥିବାରୁ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥସଂଗ୍ରହ କରିବାକୁ ଚେଷ୍ଟିତ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ନିର୍ମାଣ କାର୍ଯ୍ୟ ଜୋରରେ ଆଗକୁ ବଢ଼ିଚାଲିବାରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ନିଜ ଲୋକଙ୍କ ସାହାଯ୍ୟରୁ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ବ୍ୟତିକ୍ରମ କେତେକାଂଶରେ ହାଲୁକା ମନେହେବ। ଷଷ୍ଠସ୍ଥ ଶନି ଜନିତ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିପାରନ୍ତି।

**ତୁଳା** ପାରିବାରିକ ସ୍ଥିତି ପୂର୍ବାପେକ୍ଷା କେତେକାଂଶରେ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭକରିବେ। କର୍ମଜଞ୍ଜାଳ ବୃଦ୍ଧି ପାଇବା ହେତୁ କାର୍ଯ୍ୟବ୍ୟସ୍ତତା ଜନିତ ଖାଦ୍ୟପେୟ ଠିକ୍ ରହିବ ନାହିଁ। ଭାଗ୍ୟ ଭାବସ୍ଥ ମଙ୍ଗଳ ହେତୁ ଅର୍ଥ ସମ୍ପର୍କିତ ଟେନ୍‌ସନ ଦୂରହୋଇଯିବ। ବନ୍ଧୁଙ୍କ ସହ ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ାରେ ଉନ୍ନତି କରିବେ।

**ବିଛା** ନୀଚାରୋହୀ ବକ୍ରୀ ମଙ୍ଗଳଜନିତ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବା ଆଶା ରହିଛି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା ଜାରି ରଖିପାରନ୍ତି।

**ଧନୁ** ତୃତୀୟସ୍ଥ ଏକାଧିକ ଗ୍ରହ ପ୍ରଭାବରୁ ସକାଳୁ ଶୁଭଖବର ପାଇ ମନ ଖୁସି ହୋଇଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରଶଂସା ମିଳିବ। ପାରିବାରିକ କ୍ଷେତ୍ରରେ କମ୍ ବୟସ୍କଙ୍କ ଯୁକ୍ତିଯୁକ୍ତ କଥାକୁ ଗ୍ରହଣକରି ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

**ମକର** ପୂର୍ବ ନିର୍ଦ୍ଧାରିତ ଆଲୋଚନା ପ୍ରକାରେ ଘରେ ବନ୍ଧୁମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ଏକ ପ୍ରକାର ବାଧ୍ୟ ହୋଇପାରନ୍ତି। ଯାନବାହନ କ୍ଷେତ୍ରରେ ସତର୍କ ରହିବା ଭଲ ହେବ। ମଙ୍ଗଳଙ୍କ ପ୍ରଭାବରେ ଜମିଜମା କାରବାରରେ ପ୍ରତିବନ୍ଧକ ଦୂରେଇଯିବ।

**କୁମ୍ଭ** ଅତୀତରେ ଯେଉଁ ଲୋକଟି ଦିନେ ଅସୁବିଧା ପଡ଼ିଲେ ମୋତେ ଜଣାଇବ ବୋଲି କହୁଥିଲା ଆଜି ହିଁ ତାଙ୍କ ସହ ଦେଖାକରନ୍ତୁ। ଶନି ପ୍ରଭାବରୁ ସ୍ଥଗିତ କାର୍ଯ୍ୟ ସମୂହକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଚେଷ୍ଟା କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଟେନ୍‌ସନରୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**ମୀନ** ପରିବାରରେ କିଛିଟା ସମସ୍ୟା ଲାଗିରହିଥିବାରୁ ମାନସିକ ଅସ୍ଥିରତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ବୃହସ୍ପତିଙ୍କ ଶୁଭଦୃଷ୍ଟି ଓ ସ୍ଥିତିରୁ ସଫଳତା ନିଶ୍ଚିତ ମିଳିବ।

ଆଜି ଫେବୃଆରୀ ୧୪ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ଶୁକ୍ରବାର। ରାଶିନକ୍ଷତ୍ର–ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୯ ଗତେ, ଘ.୦୭।୦୫ ମଧ୍ୟେ, ଘ.୦୭।୫୦ ଗତେ, ଘ.୦୯।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୫ ଗତେ, ଘ.୧୨।୦୦ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ୫ ବର୍ଷରେ ୧.୫ ଲକ୍ଷ...

କରାଯିବ ଏବଂ ପ୍ରଥମ ଦୁଇ ବର୍ଷରେ ୬୫ହଜାର ପଦବୀ ପୂରଣ ହେବ। ୨ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ହଜାର ନିଯୁକ୍ତି ଏବଂ ଆସନ୍ତା ୫ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସ୍‌ରେ ୫୦ହଜାର ନିଯୁକ୍ତି ସୃଷ୍ଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ସରକାର କାମଧେନୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣତିମଣତି କରାଯାଉଛି। ୨୦୨୭ ସୁଦ୍ଧା ୨୫ଲକ୍ଷ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ରାଜ୍ୟ ସରକାର ସଶକ୍ତ କରିବେ। ୨୦୨୪–୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦ଲକ୍ଷ ମହିଳାଙ୍କୁ ଏହି ସ୍ତରର ଆୟ ହାସଲ ପାଇଁ ତାଲିମ ଦିଆଯାଉଛି। ଏହାବାଦ୍ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ଟି ଇ–ବସ୍ ଚାଲିବ। ଗତ ପ୍ରାୟ ୮ମାସ ମଧ୍ୟରେ ସରକାର ଗ୍ରହଣ କରିଥିବା ବିଭିନ୍ନ ନିଷ୍ପତ୍ତି ଓ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନାକୁ ପ୍ରଶଂସା କରି ଏହା ରାଜ୍ୟର ବିକାଶକୁ ଗତି ଦେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ।

ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ବିଭିନ୍ନ କାମ କରୁଛନ୍ତି। ଚାଷୀଙ୍କ ପାଇଁ 'ଏମ୍ଏସ୍‌ପି' ୮ଶହ ଟଙ୍କାକୁ ବଢ଼ାଇବା ସହ ବୋନସ ଦେଉଛନ୍ତି, ଯାହା ରାଜ୍ୟର ଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରୁଛି। ସେହିପରି ୧.୩୬ ଲକ୍ଷ ପଞ୍ଜୀକୃତ କୃଷକଙ୍କ ପାଇଁ କୃଷିବୀମା କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ 'ବଳଭଦ୍ର ଜୈବିକ ଚାଷ ମିଶନ' ଆରମ୍ଭ କରାଯାଇଛି। ଭିନ୍ନକ୍ଷମ ସଶକ୍ତୀକରଣ ଦିଗରେ ମଧ୍ୟ ସରକାର ପ୍ରଭାବୀ ଭାବେ କାମ କରୁଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ବିଲିୟନ ଡଲାରର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖାଯାଇଛି। ଭିଜନ ୨୦୩୬ ପାଇଁ ସରକାରଙ୍କୁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି। ବିକଶିତ ଭାରତ ୨୦୪୭ ପାଇଁ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରଖାଯାଇଛି। ରାଜ୍ୟରେ ନୂଆ ଶିକ୍ଷାନୀତି ଲାଗୁ କରାଯାଇଛି। ସେହିପରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ ସରକାର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ୬୭୯୪ଟି ପ୍ରାଥମିକ ବିଦ୍ୟାଳୟକୁ ବହୁବିଧ ବିଷୟିକ ଶିକ୍ଷା, ଭିତ୍ତିଭୂମି ଉନ୍ନତି, ସାମାଜିକ–ଭାବନାତ୍ମକ ଶିକ୍ଷା, ଜୀବନ କୌଶଳ ଶିକ୍ଷା ଏବଂ ସମାନ ଶିକ୍ଷା ପରିବେଶ ସହିତ ଏକ ସାମଗ୍ରିକ ଶିକ୍ଷା କେନ୍ଦ୍ରରେ ବିକଶିତ କରିବାକୁ ଯାଉଛନ୍ତି। 'ପଞ୍ଚସଖା ଶିକ୍ଷା ସେତୁ' ମାଧ୍ୟମରେ ସରକାର ଶିକ୍ଷାଦାନ ଓ ଶିକ୍ଷାଦାନ ପଦ୍ଧତିର ରୂପାନ୍ତରଣକୁ ସମର୍ଥନ କରିବା ସହିତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ବିଦ୍ୟାଳୟ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଉନ୍ନତ ପରିବେଶ ସୃଷ୍ଟି କରୁଛନ୍ତି। ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍ଏଚ୍‌ସି) ମାଧ୍ୟମରେ ସମସ୍ତ ଗ୍ରାମୀଣ ପରିବାରକୁ ସୁରକ୍ଷିତ ଏବଂ ସ୍ଥାୟୀ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଆବଶ୍ୟକ ପ୍ରୟାସ କରାଯାଉଛି। ରାଜ୍ୟର ସମସ୍ତ ୧୧୫ଟି ସହରରେ ଘରୋଇ ପାଇପ୍ ସଂଯୋଗ ସମ୍ପୂର୍ଣ୍ଣ କରିବା ସହିତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି। ସରକାର ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ପାଇଁ ୧୨.୮୯ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହାସହିତ ୩.୮୪ ଲକ୍ଷ କୋଟି ନିବେଶ ଏବଂ ୩.୯୨ଲକ୍ଷ ନିଯୁକ୍ତି ସମ୍ଭାବନା ସହିତ ୪୪୮ ନିବେଶ ଉଦ୍ଦେଶ୍ୟ ଫର୍ମ ଗ୍ରହଣ କରାଯାଇଥିବା ରାଜ୍ୟପାଳ କହିଛନ୍ତି। ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଶିକ୍ଷା, ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନ୍ୟୂନ ୫ଟି ନୂତନ ଉତ୍କର୍ଷ କେନ୍ଦ୍ର ଖୋଲାଯିବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଅନୁକୂଳ ବାତାବରଣ ସୃଷ୍ଟିକରାଯିବ। ଏନ୍ଇପି–୨୦୨୦ ଅନୁଯାୟୀ ୪ଟି ବିଶ୍ୱବିଦ୍ୟାଳୟକୁ 'ମେରୁ' (ମଲ୍ଟିଡିସିପ୍ଲିନାରୀ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି)କୁ ଉନ୍ନୀତ କରାଯିବ। ସ୍ନାତକୋତ୍ତର ସିଟ୍‌ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି କରାଯିବ ବୋଲି ରାଜ୍ୟପାଳ ବିଧାନସଭାରେ ବିବୃତି ରଖିଛନ୍ତି।

ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂ, ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି ଓ ସଦନ ନାଏକଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକପ୍ରସ୍ତାବ ପରେ ବାଚସ୍ପତି ସୁରମା ପାଢ଼ୀ ଶୁକ୍ରବାର ପୂର୍ବାହ୍ନ ୧୦. ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ରାଜ୍ୟପାଳ ଓ ବାଚସ୍ପତିଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ ସମୟରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ପୋଲିସ କମିଶନର ଦେବଦତ୍ତ ସିଂ ଉପସ୍ଥିତ ଥିଲେ।

### ୧୭ରେ ବଜେଟ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

ଆସନ୍ତା ୧୭ ତାରିଖରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୫–୨୬ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ରୁ ୨୧ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୭ରୁ ଆରମ୍ଭ ହୋଇ ଏପ୍ରିଲ ୫ ତାରିଖରେ ଶେଷ ହେବ। ତେବେ ରାଜ୍ୟ ବଜେଟରେ ନୂଆ ସରକାର କେଉଁସବୁ କ୍ଷେତ୍ରକୁ ଗୁରୁତ୍ୱ ଦେବେ ତାହାକୁ ନେଇ ଏବେ ଉତ୍କଣ୍ଠା ବଢ଼ି ଚାଲିଛି।

## ମଣିପୁରରେ ରାଷ୍ଟ୍ରପତି...

ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଆସୁଥିଲେ। କିଛିଦିନ ପୂର୍ବରୁ କନ୍‌ରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି ବୀରେନ୍‌ଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ ନେତୃତ୍ୱରେ ପରିବର୍ତ୍ତନ ପାଇଁ ୧୨ ଜଣ ଭାଜପା ବିଧାୟକ ଦାବି କରିଥିଲେ। ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିବା ଜଣାପଡ଼ିଥିଲା। ସୂଚନା ଅନୁଯାୟୀ, ରବିବାର ସକାଳେ ବୀରେନ୍ ଦିଲ୍ଲୀ ଯାଇ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ନେତୃତ୍ୱ ପରିବର୍ତ୍ତନ ପାଇଁ ୧୨ ଭାଜପା ବିଧାୟକ ଜୋରଦାର ଦାବି କରିଆସୁଥିଲାବେଳେ ପ୍ରାୟ ୬ ଜଣ ଦୋଦୁଲ୍ୟମାନ ସ୍ଥିତିରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଥିଲା। ଏଥିସହିତ ବାଚସ୍ପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମତପାର୍ଥକ୍ୟ ରହିଥିବା ଆଲୋଚନା ହେଉଥିଲା। କେତେଜଣ ବିଦ୍ରୋହୀ ବିଧାୟକ ଅମିତ୍ ଶାହାଙ୍କୁ ଭେଟି ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଶନିବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଧମକ ଦେଇଥିଲା। ପ୍ରସ୍ତାବ ଉପରେ ଭୋଟଗ୍ରହଣ ହୋଇଥିଲେ ଅସନ୍ତୁଷ୍ଟ ବିଧାୟକମାନେ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ଥିଲା। ଅନ୍ୟପକ୍ଷରେ ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା କ୍ରମାଗତ ସଫଳତା ହାସଲ କରିଥିବାବେଳେ ମଣିପୁର ସଙ୍କଟ ଯୋଗୁ ଦଳ କ୍ଷତିଗ୍ରସ୍ତ ହେବା କେନ୍ଦ୍ରୀୟ ନେତୃତ୍ୱ ଚାହୁଁ ନ ଥିଲେ। ସୂଚନା ଅନୁଯାୟୀ, ବୀରେନ୍ ସିଂ ରାଜ୍ୟରେ ହିଂସାକୁ ଉସୁକାଉଥିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିଥିଲା। ଲିକ୍ ହୋଇଥିବା ଏକ ଅଡିଓ ଟେପ୍‌କୁ ଆଧାର କରି ବୀରେନ୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉକ୍ତ ଅଡିଓର ସ୍ୱର ସହ ବୀରେନ୍‌ଙ୍କ ସ୍ୱର ୯୩ ପ୍ରତିଶତ ମେଳ ଖାଉଥିବା ଟ୍ରୁଥ୍ ଲାବ୍ସ ନାମକ ଫୋରେନ୍‌ସିକ୍ ଲାବରେଟୋରି ସ୍ପଷ୍ଟ କରିଥିଲା ବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ରିପୋର୍ଟ ମାଗିଥିଲେ।

## ଲୋକ ସଭାରେ ଆଗତ...

ବର୍ତ୍ତମାନର ଆୟକର ଆଇନ ତୁଳନାରେ ନୂଆ ବିଲ୍‌ରେ ଅଧିକ ଧାରା ରହିଥିବା ଅଭିଯୋଗ ଭୁଲ୍। ୧୯୬୧ରେ ଅଣାଯାଇଥିବା ବର୍ତ୍ତମାନର ଆଇନରେ କମ୍ ଧାରା ରହିଥିଲେ ମଧ୍ୟ ଏଥିରେ ଅନେକ ଥର ପରିବର୍ତ୍ତନ କରାଯାଇ ଧାରା ସଂଖ୍ୟା ୮୧୯ରେ ପହଞ୍ଚିଛି। କିନ୍ତୁ ପ୍ରସ୍ତାବିତ ଆଇନରେ କେବଳ ୫୩୬ଟି ଧାରା ରହିଛି। ବିଲ୍‌ରେ ଯାନ୍ତ୍ରିକ ନୁହେଁ ବରଂ ପର୍ଯ୍ୟାପ୍ତ ପରିବର୍ତ୍ତନ କରାଯାଇଥିବା ସୀତାରାମନ୍ କହିଛନ୍ତି।

## କ'ଣ ହୋଇଛି...

ସୀମିତ ରଖାଯାଇଛି। ଏବର ଆୟକର ଆଇନରେ ୪୭ଟି ଅଧ୍ୟାୟ ରହିଥିବାବେଳେ ନୂଆ ବିଲ୍‌ରେ ଏହାକୁ ୨୩କୁ ହ୍ରାସ କରାଯାଇଛି। ପ୍ରଚଳିତ ଆୟକର ଆଇନରେ ୧୮ଟି ଟେବୁଲ୍ ଥିବାବେଳେ ନୂଆ ବିଲ୍‌ରେ ଟେବୁଲ୍ ସଂଖ୍ୟା ୫୭। ପ୍ରଚଳିତ ଆଇନରୁ ୧,୨୦୦ଟି ବ୍ୟବସ୍ଥା ଏବଂ ୯୦୦ଟି ସ୍ପଷ୍ଟୀକରଣକୁ ହଟାଇ ଦିଆଯାଇଛି। ବିଲ୍‌ରେ ଆୟକର ଛାଡ଼ ସମ୍ପର୍କିତ ବ୍ୟବସ୍ଥା ଏବଂ ଟିଡିଏସ୍/ଟିସିଏସ୍‌କୁ ଟେବୁଲାର ଫର୍ମାଟରେ ରଖାଯାଇ ଏହାକୁ ଅଧିକ ସ୍ପଷ୍ଟ କରାଯାଇଛି। ସରଳ ଭାଷା ବ୍ୟବହାର କରାଯାଇ ଲାଭ ପାଇଁ ଉଦ୍ଦିଷ୍ଟ ନ ଥିବା ସଂଗଠନଗୁଡ଼ିକ ଲାଗି ଉଦ୍ଦିଷ୍ଟ ଅଧ୍ୟାୟକୁ ବିସ୍ତୃତ କରାଯାଇଛି। ଆଇନରେ ସରଳୀକରଣ ପାଇଁ ବିବାଦର ପରିସର ଏବଂ ସାନି ବ୍ୟାଖ୍ୟା କମାଇବା ପାଇଁ ଅଭିଜ୍ଞ ଉଦ୍ୟମ ହୋଇଛି। ଅଦାଲତଗୁଡ଼ିକ ଯେଉଁ ପ୍ରମୁଖ ଶବ୍ଦ ବା ଶବ୍ଦାବଳିକୁ ନେଇ ରୁଲିଂ ଦେଇଥାନ୍ତି, ସେଗୁଡ଼ିକୁ ସର୍ବନିମ୍ନ ସଂଶୋଧନ ସହ ରଖାଯାଇଛି। ଆୟକର ବିଲ୍‌ରେ ବଡ଼ ଧରଣର ନୀତିଗତ ପରିବର୍ତ୍ତନ ବା ଟିକସ ହାରରେ ପରିବର୍ତ୍ତନ କରାଯାଇ ନାହିଁ। ପ୍ରଚଳିତ ଆଇନରେ ଭୌତିକ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି। ବିଲ୍‌ରେ ବେତନ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକୁ ଗୋଟିଏ ସ୍ଥାନରେ ରଖାଯାଇଥିବାରୁ କରଦାତା ଆୟକର ରିଟର୍ନ ଫାଇଲ୍ କରିବାକୁ ଭିନ୍ନ ଭିନ୍ନ ଅଧ୍ୟାୟକୁ ନ ଯାଇ ସହଜରେ ବୁଝିପାରିବେ। ଗ୍ରାଚୁଇଟି, ନେଇ ନ ଥିବା ଛୁଟି ବଦଳରେ କର୍ମଚାରୀ ଅର୍ଥ ପାଇବା, ପେନ୍‌ସନ ଅର୍ଥ ଏକକାଳୀନ ପାଇବା, ଭିଆର୍ଏସ୍‌ରେ କ୍ଷତିପୂରଣ ଏବଂ ବହିଷ୍କୃତ କର୍ମଚାରୀଙ୍କୁ କ୍ଷତିପୂରଣ ଆଦି ଏବେ ବେତନ ଅଧ୍ୟାୟରେ ସାମିଲ ହୋଇଛି। ନୂଆ ବିଲ୍‌ର ଟିଠା ପ୍ରଣାଳୀ ସିଧାସଳଖ ଏବଂ ସ୍ପଷ୍ଟ ହୋଇଥିବାରୁ ବ୍ୟବସ୍ଥାଗୁଡ଼ିକୁ ବୁଝିବା ସହଜ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା କରଦାତାମାନଙ୍କୁ ଦ୍ୱନ୍ଦ୍ୱରେ ପକାଉଥିବା 'ପୂର୍ବ ବର୍ଷ' ଏବଂ 'ଆକଳନ ବର୍ଷ' ଧାରଣାକୁ ହଟାଇ ଦିଆଯାଇଛି।

## ପ୍ରେମ ଜୀବନରେ ସନ୍ତୁଷ୍ଟ...

ରହିଛି। ଦକ୍ଷିଣ କୋରିଆ ଏବଂ ଜାପାନରେ ଯଥାକ୍ରମେ ୫୯% ଓ ୫୬% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ରହିଛନ୍ତି। ଇପ୍‌ସୋସ୍ ଇଣ୍ଡିଆର ଗ୍ରୁପ୍ ସର୍ଭିସ୍ ଲାଇନ ଲିଡର ଅଶ୍ୱିନୀ ଶିର୍ସିକର କହିଛନ୍ତି, ଅଧିକାଂଶ ଭାରତୀୟ ଯୌଥ ପରିବାରରେ ରୁହନ୍ତି। ଯେଉଁମାନେ ଏକକ ପରିବାରରେ ରୁହନ୍ତି, ସେମାନଙ୍କ ଉପରେ ପାରିବାରିକ ବୋଝ ଅଧିକ ରହିଥାଏ। ତେଣୁ ବୃତ୍ତିଗତ ଚାପ, କ୍ୟାରିୟର, ସାମାଜିକ ଚାପ ଆଦି କାରଣରୁ ସେମାନେ ରୋମାନ୍ସ, ପ୍ରେମ, ଶାରୀରିକ ଅନ୍ତରଙ୍ଗତା ଆଦି ପାଇଁ କମ୍ ସମୟ ପାଇଥାନ୍ତି।

ଏହି ସର୍ଭେ ଅନୁଯାୟୀ, ୬୪% ଭାରତୀୟ କହିଛନ୍ତି, ସେମାନେ ତାଙ୍କ ଜୀବନରେ ପ୍ରେମକୁ ଅନୁଭବ କରନ୍ତି। ୫୭% ଭାରତୀୟ ସେମାନଙ୍କ ପାର୍ଟନରଙ୍କ ସହ ରୋମାନ୍ସ ଏବଂ ସେକ୍ସ ଲାଇଫ୍‌ରେ ସନ୍ତୁଷ୍ଟ ଥିବା କହିଛନ୍ତି। ତେବେ ୬୬% ଭାରତୀୟ ସେମାନଙ୍କ ଜୀବନସାଥୀଙ୍କ ସହ ରିଲେଶନସିପ୍‌ରେ ସନ୍ତୁଷ୍ଟ ଥିବା କୁହାଯାଇଛି। ଯୌନ ଜୀବନ ଏବଂ ପାର୍ଟନରଙ୍କ ସହ ଖୁସି ପରସ୍ପର ସହ ଜଡ଼ିତ ହୋଇଥିବା ଇପ୍‌ସୋସ୍ ପକ୍ଷରୁ ଜାରି ସର୍ଭେରେ କୁହାଯାଇଛି। ଯେଉଁ ଦେଶର ଲୋକମାନେ ସେମାନଙ୍କ ପାର୍ଟନରଙ୍କ ସହ ସମ୍ପର୍କକୁ ନେଇ ବେଶି ସନ୍ତୁଷ୍ଟ ସେମାନେ ତାଙ୍କ ଜୀବନରେ ରୋମାନ୍ସ ଏବଂ ସେକ୍ସ ଲାଇଫ୍‌କୁ ନେଇ ମଧ୍ୟ ଅନୁରୂପ ମାତ୍ରାରେ ସନ୍ତୁଷ୍ଟ ବୋଲି ଇପ୍‌ସୋସ୍ କହିଛି। ତେବେ ବ୍ରାଜିଲ, ଦକ୍ଷିଣ କୋରିଆ ଏବଂ ଭାରତ ପରି ଦେଶରେ ଏହାର ବିପରୀତ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହିସବୁ ଦେଶରେ ଲୋକମାନଙ୍କର ରୋମାନ୍ସ ଏବଂ ଯୌନଜୀବନ ସହ ରହିଥିବା ସନ୍ତୁଷ୍ଟତାର ସ୍ତରଠାରୁ ସେମାନେ ନିଜ ସାଥୀଙ୍କ ସହ କମ୍ ସନ୍ତୁଷ୍ଟ ରହିଛନ୍ତି। ହେଲେ ଅଧିକ ରୋଜଗାର କରୁଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରେମ ଜୀବନରେ ବେଶି ସନ୍ତୁଷ୍ଟ ବୋଲି ସର୍ଭେ କହିଛି। ଅଧିକ ରୋଜଗାର ଥିବା ୮୩% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ଥିଲାବେଳେ ମଧ୍ୟମ ଧରଣର ରୋଜଗାର ଥିବା ୭୬% ଲୋକ ଏବଂ କମ୍ ରୋଜଗାର କରୁଥିବା ୬୯% ଲୋକ ସେମାନଙ୍କ ପ୍ରେମ ଜୀବନରେ ସନ୍ତୁଷ୍ଟ ଅଛନ୍ତି। ପ୍ରକାଶ ଯେ, ୩୦ ଦେଶର ୨୩,୭୬୫ ଜଣ ଲୋକଙ୍କୁ ନେଇ ଇପ୍‌ସୋସ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ସର୍ଭେରେ ଭାରତରୁ ୨,୨୦୦ ଲୋକଙ୍କ ମତ ନିଆଯାଇଥିଲା। ସେଥିମଧ୍ୟରୁ ୧,୮୦୦ ଜଣ ଭାରତୀୟଙ୍କର ସିଧାସଳଖ ସାକ୍ଷାତ୍କାର କରାଯାଇଥିବା ବେଳେ ୪୦୦ ଲୋକଙ୍କ ସହ ଅନ୍‌ଲାଇନ ମାଧ୍ୟମରେ ସାକ୍ଷାତ୍କାର ନିଆଯାଇଥିବା ଇପ୍‌ସୋସ୍ କହିଛି।

## ଖୁବ୍‌ଶୀଘ୍ର ନୂଆ...

ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳି, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘ ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ କର୍ମକର୍ତ୍ତା, ଦେଶୀ ମଦ ଦୋକାନୀସମୂହ, ଇଥାନଲ ଓ ମିଥାନଲ୍ ପ୍ରସ୍ତୁତକାରୀଙ୍କ ସମେତ ପଞ୍ଚାୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏ ବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ସଶକ୍ତ ଇକୋସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟ ପାନକୁ ଗୁରୁତ୍ୱ ଦିଆଯିବାସହ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱ ହାନି ହ୍ରାସ ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିସହିତ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି, ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦ କାରବାର ରୋକିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍‌ଡି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ପାଟ୍ରୋଲିଂ ପାଇଁ ଏହି ଭଳି ଦୁଇ ପାର୍ଶ୍ୱରେ ୨ଟି କବାଟ ଥିବା ପ୍ରାୟ ୨୦୦ ଗାଡ଼ି କିଣାଯାଇଛି। ଏହା ମାଧ୍ୟମରେ ସଶସ୍ତ୍ର ବନ କର୍ମଚାରୀମାନେ ଜଙ୍ଗଲରେ ଶିକାରୀ ଏବଂ କାଠଚୋରଙ୍କ ଉପରେ ନଜର ରଖିବା ସହ ଧରପଗଡ଼ କରିବେ ବୋଲି ଲକ୍ଷ୍ୟ ରଖାଯାଇଛି। ତେବେ ଗାଡ଼ିର ୪ କବାଟ ନ ଥିବା ହେତୁ ପଛପଟକୁ ବସିଥିବା କର୍ମଚାରୀମାନେ ଆବଶ୍ୟକସ୍ଥଳେ ତତ୍‌କ୍ଷଣାତ୍ ବାହାରକୁ ବାହାରିବା କଷ୍ଟକର। ହାଚ୍‌ବ୍ୟାକ୍ କବାଟ ଉଠାଇ ପଦାକୁ ବାହାରିବାକୁ ଅନେକ ବିଳମ୍ବ ଘଟେ। ଏଭଳି ଗାଡ଼ି କିଣିବାର ଉଦ୍ଦେଶ୍ୟ କ'ଣ ହୋଇଥାଇପାରେ ତାହା ବୁଝିବା ଅତ୍ୟନ୍ତ କଷ୍ଟକର।

## ଚଳନ୍ତା ଟ୍ରେନ୍‌ରେ ପ୍ରସବ କଲେ ମହିଳା

**ସୋର, ୧୩।୨ (ଜନ୍ମେଜୟ ମିଶ୍ର)**

ଝାଡଖଣ୍ଡ ରାଜ୍ୟ ଧାନବାଦ ଅଞ୍ଚଳର ଜଣେ ମହିଳା ଚଳନ୍ତା ଟ୍ରେନରେ ପ୍ରସବ କରିଥିବା ଜଣାପଡିଛି। ରମାଦେବୀ ନାମ୍ନୀ ମହିଳା ଗୁରୁବାର ତାଙ୍କ ପରିବାର ସହିତ ଆନ୍ଧ୍ରପ୍ରଦେଶରୁ ଝାଡଖଣ୍ଡକୁ ଇଷ୍ଟକୋଷ୍ଟ ଟ୍ରେନରେ ଫେରୁଥିବା ବେଳେ ସୋର ରେଳଷ୍ଟେଶନ ନିକଟରେ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା। ଟ୍ରେନ ଷ୍ଟେଶନରେ ରହିବା ମାତ୍ରେ ମହିଳାଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେଠାରେ ଥିବା ଆରପିଏଫ କର୍ମଚାରୀମାନେ ଏହା ଜାଣିପାରି ମହିଳାଙ୍କୁ ଉଦ୍ଧାର କରି ସୋର ନେଇଥିଲେ। ସେଠାରେ ଉଭୟ ମା' ଏବଂ ଶିଶୁ କନ୍ୟା ସୁସ୍ଥ ଥିବା ଜଣାପଡିଛି।

## ସ୍କୁଲରୁ ଆସି ରଶି ଲଗାଇ ଝୁଲିପଡ଼ିଲେ ଛାତ୍ରୀ

**ଭୋଗରାଇ, ୧୩।୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଗମ୍ଭାରିଆ ଗ୍ରାମରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଗୁରୁବାର ମଧ୍ୟାହ୍ନ ସମୟରେ ଖେଳଛୁଟିରେ ଘରକୁ ଆସି ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଦ୍ୟାଳୟରେ ଛାତ୍ରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର କରାଯାଉଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସ୍କୁଲର କେତେକ ଶିକ୍ଷକ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ମାନସିକ ଚାପ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଛାତ୍ରୀଜଣକ ପୂର୍ବରୁ ଘରେ ଜଣାଇଥିବା ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରହରି ସେନାପତିଙ୍କୁ ପଚରାଯିବାରୁ ସେ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

## ତାଳଚେର, ଫୁଲବାଣୀ ମେଡିକାଲ କଲେଜ ଶୀଘ୍ର କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)**

ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏନେଇ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ଦୁଇ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଆଶାତୀତ ଉନ୍ନତି ହେବା ସହ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଦୁଇ ପ୍ରତିଷ୍ଠାନର ବିବିଧ ଆବଶ୍ୟକତାକୁ ତୁରନ୍ତ ପୂରଣ କରିବା ନେଇ ସରକାରଙ୍କ ଲୋକାଭିମୁଖୀ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ିଠାରୁ ଆରମ୍ଭ କରି ଯନ୍ତ୍ରପାତି ଯାଏ ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ୨୦୨୫-୨୬ ଶିକ୍ଷାବର୍ଷରେ ୧୦୦ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ ପାଇଁ ଜାତୀୟ ମେଡିକାଲ କମିଶନଙ୍କଠାରୁ ଅନୁମତି ମିଳିଥିବାରୁ ଯେତେଶୀଘ୍ର ସମ୍ଭବ ଏହି ଦୁଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ତେଣୁ ପ୍ରତି ସପ୍ତାହରେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ପାଇଁ ଅନୁଗୋଳ ଓ କନ୍ଧମାଳ ଜିଲାପାଳଙ୍କ ସହ ସଂପୃକ୍ତ ପ୍ରତିଷ୍ଠାନର ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡିଶା)ର ନିର୍ଦ୍ଦେଶକ ଡା. ବୃନ୍ଦା ଡି., ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅନୁଗୋଳ ଜିଲାପାଳ ଅବଦୁଲ ଏମ୍. ଅଖତର, କନ୍ଧମାଳ ଜିଲାପାଳ ଅମୃତ ଋତୁରାଜ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩୫ ଡିଗ୍ରୀ ଉପରେ ୭ ସହର

**ଭୁବନେଶ୍ୱର, ୧୩।୨ (ଅନୁରାଧା ମହାରଣା)**

ରାଜ୍ୟରେ ବୁଧବାର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବାବେଳେ ଗୁରୁବାର ଏଥିରେ ସାମାନ୍ୟ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗୁରୁବାର ସର୍ବୋଚ୍ଚ ତାପମାତ୍ରା ଅନୁଗୋଳରେ ୩୫.୯ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ୫ ସହରରେ ପାରଦ ୩୫ ଡିଗ୍ରୀ ବା ତା'ଠାରୁ ଅଧିକ ରହିଥିଲା। ସେହିଭଳି ରାଉରକେଲାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି। ପରବର୍ତ୍ତୀ ୩ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାସହ ୨ଦିନ ପର୍ଯ୍ୟନ୍ତ ସକାଳ ସମୟରେ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲାରେ ହାଲୁକା କୁହୁଡ଼ି ଦେଖାଯାଇପାରେ ବୋଲି ସୂଚନା ଦିଆଯାଇଛି।

## ଛାତ୍ରୀନିବାସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ହେମଗିର, ୧୩।୨ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ମାଣିକେଶ୍ୱରୀ ହାଇସ୍କୁଲ ଡୁମୁଲିଆର ଛାତ୍ରୀ ନିବାସରେ ଗୁରୁବାର ଜଣେ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମୃତା ହେଲେ ୯ମ ଶ୍ରେଣୀର ଛାତ୍ରୀ। ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଛାତ୍ରୀ ନିବାସ କୋଠରିରେ ଛାତ୍ରୀ ଜଣଙ୍କ ବେକରେ ରଶି ଲଗାଇ ଝୁଲୁଥିବା ଅନ୍ୟ ଛାତ୍ରୀମାନେ ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ହେମଗିର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।














## ବିହାରରେ ବସ୍ ଦୁର୍ଘଟଣା: ୩୫ ଓଡ଼ିଆ ଆହତ

### ଅଧା ରହିଗଲା ମହାକୁମ୍ଭରେ ସ୍ନାନ

**ଭୋଗରାଇ, ୧୩।୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ୮୦ ଜଣ ଯାତ୍ରୀ ପ୍ରୟାଗରାଜ ମହାକୁମ୍ଭକୁ ଏକ ଘରୋଇ ବସ୍ ଯୋଗେ ଯାଉଥିବା ବେଳେ ବିହାର- ଉତ୍ତରପ୍ରଦେଶ ସୀମାନ୍ତ ମଠାନୀଠାରେ ବୁଧବାର ରାତି ପ୍ରାୟ ୧୨ଟା ୫୦ମିନିଟ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ସେଠାରେ ଅଟକିଥିବା ଏକ ବାଲି ବୋଝେଇ ଡମ୍ପରକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ୩ଜଣ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ୩୫ଜଣ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେଠାରେ ୧୦ଜଣ ନିଜ ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଖବର ମିଳିଛି । ଗୁରୁତର ଯୁବକମାନେ ହେଲେ ଭୋଗରାଇ ବ୍ଲକ ଜଗନ୍ନାଥପୁର ଗ୍ରାମର ସୁବାସ ବେହେରା(୪୨), ଫୁଲବଣୀ ଗ୍ରାମର ବାପି ସାସମଲ(୩୫) ଓ ନଗୁଆଁ ଗ୍ରାମର ରାଜକିଶୋର ସାହୁ(୫୦)। ଏହି ଘଟଣାରେ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ତୀର୍ଥଯାତ୍ରୀଙ୍କ ଉଦ୍ଧାର ଓ ଉଚ୍ଚମାନର ଡାକ୍ତରୀ ଚିକିତ୍ସା ଓ ସେଠାରୁ ସମସ୍ତଙ୍କୁ ଘରକୁ ଫେରାଇ ଆଣିବାକୁ ଭୋଗରାଇବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ବାଲେଶ୍ୱର ଜିଲାପାଳଙ୍କୁ ନିବେଦନ କରାଯାଇଛି । ଅପରପକ୍ଷରେ ଗୁରୁତର ଓ ଆହତ ହୋଇଥିବା ଯାତ୍ରୀଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବାଲେଶ୍ୱର ପ୍ରଶାସନ ଓ ପରିବହନ ବିଭାଗର ମିଳିତ ସହଯୋଗରେ ସେଠାକାର ପରିବହନ ବିଭାଗ ସହିତ ଯୋଗାଯୋଗ କରି ଆହତମାନଙ୍କୁ ଏକ ଘରୋଇ ବସ୍‌ରେ ବାଲେଶ୍ୱର ଅଣାଯିବାକୁ ଉଦ୍ୟମ ଜାରି ରହିଥିବା ବେଳେ ୩ ଗୁରୁତରଙ୍କୁ ବିହାର ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



ଦୁର୍ଘଟଣାଗ୍ରସ୍ତ ବସ୍




❝ କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ସବେ-ବରାତ
(ପୂର୍ବ ରାତ୍ରି)



# ଗଣତନ୍ତ୍ର ଓ ଅସମାନତା



କୌଶିକ ବସୁ

ବିଶ୍ୱରେ ଗଣତନ୍ତ୍ର ଏବେ ବିପଦରେ। ଏହା କେବଳ ନିର୍ବାଚିତ ସରକାରକୁ ହଟାଇ କ୍ଷମତା ଦଖଲ କରୁଥିବା ଏକଚ୍ଛତ୍ରବାଦୀଙ୍କ ଯୋଗୁ ଘଟୁନାହିଁ। ଏକଚ୍ଛତ୍ରବାଦୀମାନେ କ୍ଷମତା ଦଖଲ କରୁଥିବା ବିଷୟ ମୁଖ୍ୟ ଖବର ହେଉଥିବାବେଳେ ବାସ୍ତବରେ ସେମାନେ ଆଉ ସ୍ୱାଧୀନ ସମାଜ ପ୍ରତି ବିପଦ ହୋଇ ରହିନାହାନ୍ତି। ପ୍ରକୃତ ବିପଦ ଅତ୍ୟନ୍ତ ଘାତକ , ଯାହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକର କ୍ରମାଗତ ତଥା ଗଭୀର ପରିବର୍ତ୍ତନରେ ରହିଛି। ବାହାରକୁ ଜଣାପଡୁଛି ଯେ, ଏହିସବୁ ବ୍ୟବସ୍ଥା ଯେପରି କାର୍ଯ୍ୟ କରିବା ଉଚିତ ତାହା ସେଭଳି କରୁଛି। ନିର୍ବାଚନ ହେଉଛି। ଭୋଟରମାନଙ୍କ ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରିବ ବୋଲି ଯେଉଁ ଦଳ ଓ ନେତା ପ୍ରତି ବିଶ୍ୱାସ ହୁଏ ସେମାନଙ୍କୁ ସେମାନେ ଭୋଟ ଦେଉଛନ୍ତି। କିନ୍ତୁ ବହୁ ସମୟରେ ଦେଖାଯାଏ ଯେଉଁ ରାଜନେତା ନିର୍ବାଚନମଣ୍ଡଳୀର କାମ ନ କରି ସେମାନଙ୍କ ନିଜ ସ୍ୱାର୍ଥ ପାଇଁ କାମ କରନ୍ତି ଭୋଟରମାନେ ସେହି ନିର୍ବାଚିତ ରାଜନେତାଙ୍କୁ ପୁନର୍ବାର ଭୋଟ ଦେଇଥାନ୍ତି। ଏଭଳି ମୂର୍ଖତା ନୂଆ ନୁହେଁ, ଏହା ଏବେ ଏତେ ବ୍ୟାପକ ହୋଇଛି ଯେ, ଏବେ ଗଣତାନ୍ତ୍ରିକ ସରକାରର ମୂଳଭିତ୍ତି ପ୍ରତି ବିପଦ ସୃଷ୍ଟି କରିଛି।

ଆମେ ଏଭଳି ସ୍ଥିତିରେ କିପରି ପହଞ୍ଚିଛୁ ତାହା ବୁଝିବା ପାଇଁ 'ଏଲିବଲ ନିୟମ' ସମ୍ପର୍କରେ ବିଚାର କରିବା ଦରକାର। ଯେତେବେଳେ ମୁଁ କଲିକତା (ବର୍ତ୍ତମାନ କୋଲକାତା)ରେ ପିଲାବେଳେ ରହୁଥିଲି ସେତେବେଳେ ରାସ୍ତା ଓ ପାର୍କରେ ଖେଳୁଥିବା ସ୍ମାର୍ଟ ପିଲାମାନେ ଏହି ନିୟମକୁ ଭଲ ଭାବେ ଜାଣିଥିଲେ। ସେମାନେ ଯେତେବେଳେ ଘର ପାଖାପାଖି ଜାଗାରେ ଖେଳିଲେ ସେତେବେଳେ ଜଣେ ଟିକେ ବଡ଼ ପିଲା ତାଙ୍କ ସହ ଯୋଗଦେଲେ। ସେହି ପିଲାଟି ସହ ରହୁଥିବା ତାଙ୍କ ପାଳିତ ମାତା ପିଲାଟିକୁ ସେମାନଙ୍କ ସହ ଖେଳାଇବାକୁ ବାଧ୍ୟ କରନ୍ତି। ଫଳରେ ଖେଳୁଥିବା ପିଲାମାନେ ସିଧାସଳଖ ମନା କରିବା ପରିବର୍ତ୍ତେ ସେମାନେ ପରସ୍ପର ମଧ୍ୟରେ ଏକ ସାଙ୍କେତିକ ଶବ୍ଦ 'ଏଲିବଲ'କୁ ନେଇ ଫୁସୁରୁଫାସର ହୁଅନ୍ତି, ଯାହା ସୂଚିତ କରେ ଯେ, ନୂଆ ପିଲାଟି ସେମାନଙ୍କ ସହ ଖେଳିପାରୁଥିଲାବେଳେ ସେ ଖେଳରେ ପ୍ରକୃତରେ ଅଂଶୀଦାର ନ ଥିଲା। ଯଦି ସେ ଗୋଲ କରୁଥିଲା ଓ ଆମେ ସେଥିରେ ଖୁସି ଓ ଅନନ୍ଦିତ ହେବା କଥା, କିନ୍ତୁ ତାହାର କୌଣସି ମୂଲ୍ୟ ରହେ ନାହିଁ। କାରଣ ସତ୍ୟ ହେଉଛି, ସେ ଖେଳୁଥିଲେ ବି ତାଙ୍କ ଗୋଲକୁ ଗଣାଯାଉ ନ ଥିଲା ବୋଲି ଆମେ ସମସ୍ତେ ଜାଣୁ।

ଏବେ ଏଲିବଲ ଶବ୍ଦ ଗଣତାନ୍ତ୍ରିକ ରାଜନୀତିର ମୂଳ ବିଷୟ ପାଲଟିଗଲାଣି। କାରଣ ସାଧାରଣ ଲୋକ ଉତ୍ସାହର ସହ ନିର୍ବାଚନରେ ସେହି ନେତାଙ୍କୁ ସମର୍ଥନ କରୁଛନ୍ତି,



ଯେଉଁମାନେ ଲୋକଙ୍କ ଭାବାବେଗକୁ ପ୍ରଭାବିତ କରି ତଥା ଉସୁକାଇ ଭୋଟ ନେଉଛନ୍ତି। ଭୋଟରମାନେ ନିର୍ବାଚନ ଖେଳରେ ଭାଗୀଦାର ବୋଲି ସେହି ନେତା ଭାବନ୍ତି ନାହିଁ। ସାର୍ବଜନୀନ ସେବା ପ୍ରତି ଥିବା ଏକ ପ୍ରତିବଦ୍ଧତା ଏହି ନେତାଙ୍କ ପାଇଁ ମୂଲ୍ୟହୀନ। ଏଭଳି ପ୍ରତିବଦ୍ଧତା ବାସ୍ତବରେ ନିଜ ପାଇଁ ଏବଂ ସେମାନଙ୍କର ସମ୍ପର୍କୀୟଙ୍କ ପାଇଁ ଧନ ଏବଂ କ୍ଷମତା ଠୁଳ କରିବାର ପ୍ରୟାସ ପ୍ରତି ବିପଦ। ଭୋଟରମାନେ ବିଶ୍ୱାସ କରନ୍ତି ଯେ ସେମାନେ ଖେଳର ଏକ ଅଂଶ ଓ ତାଙ୍କ ଭୋଟର ଗୁରୁତ୍ୱ ରହୁଛି। ବାସ୍ତବରେ ତାହା ନୁହେଁ, ବରଂ ସେମାନେ କେବଳ ନାମକୁ ମାତ୍ର ଖେଳୁଛନ୍ତି, ଯେମିତିକି ସେହି ପିଲାଟି ଖେଳୁଥିଲା। ପରିଣାମ ସ୍ୱରୂପ, ଗଣତାନ୍ତ୍ରିକ ଅଧୋଗତି ଘଟୁଛି। ମୁଖ୍ୟଧାରାର ଅର୍ଥନୀତିଜ୍ଞ ଓ ରାଜନୈତିକ ବିଶେଷଜ୍ଞମାନେ ଦୀର୍ଘଦିନ ହେଲା 'ମେଡିଆନ ଭୋଟର ଥିଓରମ'କୁ ଭରସା କରି ଆସିଛନ୍ତି, ଯାହା ଦର୍ଶାଏ ଯେ, ଏକ ବହୁମତ ନିର୍ବାଚନ ବ୍ୟବସ୍ଥାରେ ରାଜନେତାମାନେ ବାସ୍ତବରେ ଏକ ମଧ୍ୟମ ରାଜନୈତିକ ଦୃଷ୍ଟିକୋଣ ଥିବା ଭୋଟରଙ୍କ ପସନ୍ଦ ପ୍ରତି ଆକର୍ଷିତ ହେବେ। ନିର୍ବାଚନ ଜିତିବା ପାଇଁ କଠୋର ଭୋଟରଙ୍କ ବଦଳରେ ମଧ୍ୟମ ସ୍ତରର ଭୋଟରଙ୍କୁ ଆକର୍ଷିତ କରିବା ଦରକାର ଥିବାରୁ ସେମାନେ ଏହା କରିଥାନ୍ତି। କିନ୍ତୁ ଏବେ ରାଜନେତାମାନେ ରାଜନୈତିକ ଧ୍ରୁବୀକରଣ ଉପରେ ନିର୍ଭର କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଉଗ୍ର ସ୍ଥିତିକୁ ଗ୍ରହଣ କରିବା ପ୍ରବୃତ୍ତି ବଢ଼ିବାରୁ ଜଣାପଡୁଛି ଯେ, ଏହି ଧାରଣା (ମଧ୍ୟମ ସ୍ତରର ଭୋଟରଙ୍କୁ ଆକର୍ଷିତ କରିବା)ସ୍ଥିତି ଆଉ ବେଶି ଦିନ ରହିବ ନାହିଁ। ଏହି ପରିବର୍ତ୍ତନ ପଛରେ ଥିବା କାରଣ ଯଦିଓ ସ୍ପଷ୍ଟ ନୁହେଁ, ତଥାପି ସୋସିଆଲ ମିଡିଆ ବୃଦ୍ଧି ସହ ଏହାର ଦୃଢ଼ ସମ୍ପର୍କ ରହିଛି। ନିର୍ବାଚନରେ ସୂଚନାଭିତ୍ତିକ ବିତର୍କକୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ଏବେ ଭୁଲ୍ ତଥ୍ୟ ପ୍ରସାର କରିବାର ଶକ୍ତିଶାଳୀ ସାଧନ ପାଲଟିଯାଇଛି। ଏହାଦ୍ୱାରା ସୁବିଧାବାଦୀ ନେତାମାନେ ହେରଫେର କରିବା ସହ ଲୋକଙ୍କୁ ସହଜରେ ବିଭ୍ରାନ୍ତ କରିପାରୁଛନ୍ତି।

ଗଣତନ୍ତ୍ର ପୁରାତନ ଏଥେନ୍ସରେ ଆରମ୍ଭ ହୋଇଥିଲା। ସେବେଠାରୁ ଏଥିରେ ଅନେକ ପରିବର୍ତ୍ତନ ଘଟିଛି। ପ୍ରଯୁକ୍ତି ବିକାଶ ଯୋଗୁ ପୁରାତନ ଗଣତାନ୍ତ୍ରିକ ବ୍ୟବସ୍ଥାର କେତେକ ନିର୍ଦ୍ଦିଷ୍ଟ ବିଷୟ ଅଲୋଡ଼ା ହୋଇଯାଇଛି। ତେବେ କ୍ରମଶଃ ବିକାଶ ହେଉଥିବା ନୈତିକ ମାନକଗୁଡ଼ିକ ମୌଳିକ ସୁଧାରକୁ ବାଟ ଦେଖାଇପାରେ। ଉଦାହରଣ ସ୍ୱରୂପ, ରୋମାନ ସାଧାରଣତନ୍ତ୍ର ଉଚ୍ଚ ପଦାଧିକାରୀ ଓ ଧନିକଙ୍କ ଭୋଟର ଗୁରୁତ୍ୱ ସାଧାରଣ ନାଗରିକଙ୍କ ଭୋଟ ତୁଳନାରେ ଅଧିକ। ଏହାର ଗ୍ରହଣୀୟତା ଆମେ ଆଉ ଦେଖିବାକୁ ପାଉ ନାହୁଁ। ସେହିଭଳି ଗଣତନ୍ତ୍ର ବିକଶିତ ହେଉଥିବାରୁ ସ୍ଥାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଗଲା, ଯାହାଦ୍ୱାରା ସମ୍ବିଧାନ ଆରମ୍ଭ କରାଗଲା। ଏହି ସମ୍ବିଧାନକୁ ସଂଶୋଧନ କରାଯାଇପାରିଛି। ଏହା କରିବାବେଳେ ବହୁମତରୁ ଅଧିକ ଆବଶ୍ୟକ ଏବଂ ଏହା ନିଶ୍ଚିତ କରେ ଯେ, ବିନା ବିଚାରରେ ମୁଖ୍ୟ ବ୍ୟବସ୍ଥାର ପରିବର୍ତ୍ତନ କରିବା ଉଚିତ ନୁହେଁ।

ଚାପଗ୍ରସ୍ତ ଗଣତାନ୍ତ୍ରିକ ଶାସନକୁ ନେଇ ବିଶ୍ୱ ପୁଣିଥରେ ଏକ ଜଟିଳ ସ୍ଥିତିରେ ଥିବା ଦେଖିବାକୁ ମିଳିଛି। ଏବେ ପ୍ରତୀୟମାନ ଅତ୍ୟଧିକ ଅସମାନତା ଅପ୍ରତ୍ୟାଶିତ ଭାବେ ଗଣତନ୍ତ୍ରର ଅଧୋଗତି ଘଟାଉଛି। ଡିଜିଟାଲ ପ୍ଲାଟଫର୍ମ ଓ ସୋସିଆଲ ମିଡିଆର ଉତ୍ଥାନ ଅତି ଧନୀଙ୍କୁ ଜନମତକୁ ଗଢ଼ିବା ପାଇଁ ଏକ ନୂଆ ସାଧନ ଯୋଗାଇଛି। ଭୋଟରମାନେ ବିଶ୍ୱାସ କରନ୍ତି ଯେ, ସେମାନେ ସକ୍ରିୟ ଭାଗୀଦାରି, କିନ୍ତୁ ଇଲେବଲ ଭଳି ବାସ୍ତବ କ୍ଷମତା ଅଳ୍ପ କେତେକଙ୍କ ହାତରେ ରହିଛି।

ଅସମାନତା ହ୍ରାସ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ, ବରଂ ଏହା ଏକଚ୍ଛତ୍ରବାଦର ବିପଦ ବିରୋଧରେ ଗଣତନ୍ତ୍ରକୁ ରକ୍ଷା କରିବାର ଏକ ଉତ୍ତମ ଉପାୟ। ଏଥିପାଇଁ ଆମର ଏକ ଟିକସ ବ୍ୟବସ୍ଥା ଦରକାର, ଯାହା ନୂତନତ୍ୱ ଓ ଔଦ୍ୟୋଗିକତାରେ ବାଧା ନ ଦେଇ ଆୟ ଏବଂ ଧନର ପୁନଃ ବଣ୍ଟନ କରିପାରିବ। ନିଶ୍ଚିତ ଭାବେ ଏଥିପାଇଁ ସୁଯୋଗ ରହିଛି। ମୋ ମତରେ'ଆକୋର୍ଡିଅନ ଟ୍ୟାକ୍ସ', ଯାହା ଅଧିକ ଆୟକାରୀଙ୍କ ଉପରେ ଅଧିକ ଟିକସ ଲଗାଇ ସଂଗୃହୀତ ଅର୍ଥକୁ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ଏଭଳି ଏକ ଉପାୟରେ ପୁନଃ ବଣ୍ଟନ କରାଯିବ, ଯେଉଁଥିରେ ଧନିକଙ୍କ ମଧ୍ୟରେ ର୍ୟାକିଙ୍ଗକୁ ତୁଳନାତ୍ମକ ଭାବେ ସୁରକ୍ଷିତ ରଖିହେବ। ଏଭଳି ଏକ ବ୍ୟବସ୍ଥାରେ ଆମେ ଅସମାନତା ହ୍ରାସ କରିବାରେ ସକ୍ଷମ ହେବା ସହ ଆମ ଲକ୍ଷ୍ୟ ଓ ନୂତନତ୍ୱକୁ ଆଗକୁ ବଢ଼ାଇବା ଲାଗି ପ୍ରୋତ୍ସାହନକୁ ଜାରି ରଖିପାରିବା। କିନ୍ତୁ କୌଣସି ଗୋଟିଏ ଦେଶ ଏକାକୀ ଅସମାନତା ନିୟନ୍ତ୍ରଣ କରିପାରିବ ନାହିଁ। ଏକ ଜଗତୀକରଣ ବିଶ୍ୱରେ ସୀମିତ ଥିବା ଏକପକ୍ଷୀୟ( ଗୋଟିଏ ଦେଶ ଦ୍ୱାରା ନିଆଯାଉଥିବା ) ପଦକ୍ଷେପକୁ ଦେଖିଲେ ସାମ୍ପ୍ରତିକ ସ୍ଥିତିରେ ଏଥିପାଇଁ ଅନ୍ତର୍ଜାତୀୟ ସହଯୋଗ ଦରକାର। ଇତିହାସ ଦର୍ଶାଇଛି ଯେ, ବିଶ୍ୱ ବୃହତ୍ ଆହ୍ୱାନର ସମ୍ମୁଖୀନ ହୋଇଥିବାବେଳେ ଦୃଢ଼ ସିଦ୍ଧାନ୍ତକୁ କାର୍ଯ୍ୟରେ ପରିବର୍ତ୍ତନ କରିବା ଲାଗି ସବୁ ଦେଶ ଏକାଠି ହୋଇପାରିଛନ୍ତି। ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଆମକୁ ପୁନର୍ବାର ସେଭଳି କରିବାକୁ ପଡ଼ିବ।

**ବିଶ୍ୱବ୍ୟାଙ୍କର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ**

# ବାଟବଣା ଧର୍ମ



ମୀରା ବେଉରା

ଜଣେ ଯୁବକ ଏକ ଧନିକଙ୍କ ଘରେ ଉଦ୍ୟାନରକ୍ଷକ ଭାବେ କାର୍ଯ୍ୟକରୁଥିଲେ। ଦିନେ ଧନିକଙ୍କ ଘରକୁ ଅତିଥି ଆସିବାରୁ ସେ ସେହି ଯୁବକଙ୍କୁ ବଗିଚାରୁ କିଛି ଆମ୍ବ ତୋଳି ଆଣିବାକୁ ଆଦେଶ ଦେଲେ। ଏହାପରେ ଅତିଥି ଆମ୍ବ ଖାଇବାରୁ ଜଣାପଡ଼ିଲା ସେହି ଆମ୍ବଗୁଡ଼ିକ ଖଟା ଥିଲା। ଏହାପରେ ସାହୁକାର ଭୀଷଣ ବିରକ୍ତ ହୋଇ ଯୁବକଙ୍କୁ କହିଲେ, ତୁମେ କ'ଣ ଏ ପର୍ଯ୍ୟନ୍ତ ଜାଣିପାରିଲ ନାହିଁ କେଉଁଟା ଖଟା ଆଉ କେଉଟା ମିଠା ଆମ୍ବ। ଧନିକ ଜଣକ ଏହାର କାରଣ ଜାଣିବାକୁ ଚାହିଁଲେ। ସରଳମନା ଯୁବକ ଜଣକ କହିଲେ, ଦେଖନ୍ତୁ ମହାଶୟ, ମୁଁ ଆଜି ପର୍ଯ୍ୟନ୍ତ ବଗିଚାର ଗୋଟିଏ ବି ଫଳ ଚାଖିନାହିଁ। ଧନିକ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯୁବକ କହିଲେ, ଆପଣ ତ କେବେହେଲେ ମୋତେ ଆମ୍ବ ଚାଖିବାକୁ କହିନାହାନ୍ତି। ଧନିକ ଜଣକ ଅନୁତାପକରି କହିଲେ, ତୁମେ ଦିନ ସାରା ବଗିଚାରେ ରହୁଛ, ଯେତେପାର ସେତେ ଆମ୍ବ ଖାଇପାରିଥାନ୍ତ, ଏଥିରେ କହିବା କ'ଣ ଦରକାର ଥିଲା। ଯୁବକ ଜଣକ କହିଲେ, ମୁଁ ଏହାର ରକ୍ଷକଦାତା, ମୁଁ କାହାରିକୁ ଆମ୍ବ ଚୋରିକରିବାକୁ ଦେଉନାହିଁ। ପୁଣି ନିଜେ କିପରି ଚୋରିକରି ଖାଇଥାନ୍ତି। ଏହା ଶୁଣି ଧନିକ ବୁଝି ପାରିଲେ ଯେ ଯୁବକ ଜଣକ କିପରି ନିଜର ଧର୍ମ ପାଳନ କରୁଥିଲେ। ପରେ ସେହି ଉଦ୍ୟାନ ରକ୍ଷକ ମହାତ୍ମା ଇବ୍ରାହିମ ନାମରେ ଖ୍ୟାତ ହେଲେ। କଥା ଓ କର୍ମ ମଧ୍ୟରେ କୌଣସି ପ୍ରଭେଦ ନ ଥିଲା ଯୁବକଙ୍କର। ଯୁବକ ଜଣକ ତାଙ୍କ ଧର୍ମ ସୁଚାରୁରୂପେ ପାଳନ କରୁଥିଲେ। ସଚ୍ଚୋଟତା ଓ ସରଳତା ଥିଲ ଯୁବକଙ୍କ ଧର୍ମ।

ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଧର୍ମ ପାଳନ ନ କରି କେବଳ ତୁଚ୍ଛା ଧର୍ମ ନାମରେ ରାଜନୀତି କରିଚାଲିଛୁ। ପ୍ରକୃତ ଧର୍ମ ହେଉଛି ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା। ଆମେ ତାହା କରୁଛୁକି ? ଛାତ୍ରର ଧର୍ମ ହେଲା ନିଷ୍ଠାର ସହ ଅଧ୍ୟୟନ କରିବା, ଗୁରୁଙ୍କ ଧର୍ମ ହେଲା ପାଠ ପଢ଼ାଇବା, ଶାସକଙ୍କ ଧର୍ମ ହେଲା ପ୍ରଜାମାନଙ୍କୁ ପୁତ୍ରତୁଲ୍ୟ ପାଳିବା ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା। ସେହିପରି ନାରୀର ଧର୍ମ ହେଲା ପରିବାରକୁ ଓ ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ ରୂପେ ଗଢ଼ି ତୋଳିବା। ସୈନ୍ୟବାହିନୀର ଧର୍ମ ହେଲା ରାଷ୍ଟ୍ରକୁ ସୁରକ୍ଷା ଦେବା, କୃଷକ ଭାଇର ଧର୍ମ ହେଲା ଶସ୍ୟ ଅମଳକରି କ୍ଷୁଧା ନିବାରଣ କରିବା, ବିଚାରପତିଙ୍କ ଧର୍ମ ହେଲା ସତ୍ୟକୁ ଚିହ୍ନି ଉଚିତ ନ୍ୟାୟ ବ୍ୟବସ୍ଥା କରିବା, ଇଞ୍ଜିନିୟର ର ଧର୍ମ ହେଲା ସୁନ୍ଦର ଓ ନିରାପତ୍ତାମୂଳକ ପ୍ରାସାଦ ଓ ପୋଲ ନିର୍ମାଣ କରିବା। କିନ୍ତୁ ଆମେ ସମସ୍ତେ ଯଦି ନିଜକୁ ଥରେ ପ୍ରଶ୍ନ କରିବା ଆମେ ଠିକ୍ ଭାବେ ନିଜର ଧର୍ମ ପାଳନ କରୁଛେ କି? ଏହାର ଉତ୍ତର ଆମେ ସମସ୍ତେ ଜାଣୁ। କେବଳ ଧର୍ମ ନାମରେ ଆମେ ଡିଣ୍ଡିମ ପିଟିବାରେ ଲାଗିଛୁ। କେବଳ ବିଭିନ୍ନ ତୀର୍ଥକ୍ଷେତ୍ର ଯାଇ ବୁଡ଼ପକାଇଲେ, ଭିଡ଼ ଭିତରେ ମନ୍ଦିର ଯାଇ ମହଣ ମହଣ ଘିଅରେ ଦୀପ ଜାଳିଲେ ଧର୍ମ ହୁଏ ନାହିଁ। ଏଇଠି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହିମ ଲିଙ୍କନ୍‌ଙ୍କ କଥା ମନେପଡ଼େ। ସେ କହୁଥିଲେ, ଏ ଦୁନିଆକୁ ବହୁଦିନ ଧରି କେହି ମୂର୍ଖ କରି ରଖିପାରିବେ ନାହିଁ। କିନ୍ତୁ ଧର୍ମ ଏକ ଏଭଳି କ୍ଷେତ୍ର ଯେଉଁଠି ପିଢ଼ି ପରେ ପିଢ଼ି ଲୋକଙ୍କୁ କେବଳ ଧର୍ମ ନାମରେ ମୂର୍ଖ ବନେଇହେବ।

ଗୋଟିଏ ପଟେ ଦୁର୍ନୀତି, ଶୋଷଣ, ପୀଡ଼ନ, ଅନ୍ୟାୟ ଅତ୍ୟାଚାର, ଅନୀତି ବୃଦ୍ଧି ପାଉଥିବା ବେଳେ ଆଉ ଗୋଟିଏ ପଟେ ଭକ୍ତିଭାବ ମଣିଷକୁ କବଳିତକରି ରଖିଛି। ସାଧାରଣ ମଣିଷଟିଏ ଧୀରେ ଧୀରେ ଅସହାୟ ଓ ଭୟାତୁର ହୋଇ ସଙ୍କଟରେ ଗତିକରୁଛି ଆଉ ଏଥିରୁ ମୁକ୍ତିପାଇବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛି। ବେଳେ ବେଳେ ଦେଖାଯାଏ ଭକ୍ତଟି ଗୋଟିଏ ହାତରେ ନିଜ ଛୁଆକୁ ଧରି ଆର ହାତରେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ। ଗୋଟିଏ କଥା ଏଇଠି ମନେପଡୁଛି, ଯଦି ଆମେ ଆମର କର୍ତ୍ତବ୍ୟକୁ ଆନ୍ତରିକତାର ସହ କରନ୍ତେ ତେବେ ଆଜି କେଉଁଠି ରୋଗୀଟିଏ ଚିକିତ୍ସା ନ ପାଇ ମୃତ୍ୟୁମୁଖରେ ପଡୁ ନ ଥାନ୍ତା କି ନବନିର୍ମିତ ପୋଲଟିଏ ଭୁଶୁଡ଼ି ପଡୁ ନ ଥାନ୍ତା କିମ୍ବା କୋଉଠି ଅଫିସରଟିଏ ଲାଞ୍ଚ ନେଇ ଜନସାଧାରଣଙ୍କୁ ଲୁଟି ବାରମ୍ବାର ଅଫିସକୁ ଦୌଡ଼ାଉ ନ ଥାଆନ୍ତା। ମଣିଷକୁ ମଧ୍ୟ ଏଭଳି ଅସହାୟ ହୋଇ ଈଶ୍ୱରଙ୍କୁ ଆରାଧନା କରିବାକୁ ବି ପଡୁ ନ ଥାନ୍ତା। ହଁ , ଆମେ ଯଦି ଆନ୍ତରିକତାର ସହ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବା ତେବେ ତାହା ହିଁ ହେବ ଆମର ପ୍ରକୃତ ଧର୍ମ।

**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

କେବଳ ମଣିଷ ନୁହେଁ, ଗଛର ସୁରକ୍ଷା କରୁଛନ୍ତି ଆନ୍ଧ୍ରପ୍ରଦେଶର ଡାକ୍ତର କେନେର୍ପଲା ପ୍ରବୀଣ। ସେ ଚିତ୍ତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ପୁଷ୍ଟିହୀନତା ଦୂର କରିବା ପାଇଁ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି। ଡ. ପ୍ରବୀଣ ମଧ୍ୟ ପରିବେଶ ସୁରକ୍ଷା ଅଭିଯାନର ନେତୃତ୍ୱ ନେଉଛନ୍ତି। ସେ ୫୦,୦୦୦ରୁ ଉର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି। ପ୍ରବୀଣଙ୍କ ପିତା ଡା. ଆନନ୍ଦ ରାଓଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ କରୁଛନ୍ତି। ୧୯୯୪ରେ ଆନନ୍ଦ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ ରୁରାଲ ହେଲ୍‌ଥ ଏଜୁକେଶନାଲ ସୋସାଇଟି ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଥିଲା। ପ୍ରବୀଣ ଏମ୍‌ବିବିଏସ୍ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସଂସ୍ଥା ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସେବା କରିବା ଆରମ୍ଭ କରିଥିଲେ। ଏବେ ଚିତ୍ତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ରକ୍ତହୀନତା ରୋଗ ନିରାକରଣ ପାଇଁ ଅଭିଯାନ ଚଳାଇଛନ୍ତି। ଏହାସହ ସେ ପରିବେଶ ସୁରକ୍ଷା ଅଭିଯାନ ୨୦୦୮ରେ ଆରମ୍ଭ କରିଥିଲେ। ଏହା ତାଙ୍କ ମାତା ସୌଭାଗ୍ୟବତୀ ଗାରୁଙ୍କ ପ୍ରେରଣାରେ ଆରମ୍ଭ କରିଥିଲେ। ଏଥିପାଇଁ ସେ ଭାଗ୍ୟନନ୍ଦ ବଟାନିକାଲ ସୋସାଇଟି ଗଠନ ଗଠନ କରି ଗଛ ଲଗାଇବା ଜାରି ରଖିଛନ୍ତି। ସେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ବିଦ୍ୟୁତ ଚାଳିତ ଗାଡ଼ି ଉପରେ ସଚେତନତା ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୪ ଫେବୃଆରୀ ୧୯୭୬

- ରାଜ୍ୟର ବିଶିଷ୍ଟ କଳାକାର, ସାହିତ୍ୟିକ ଓ ଜୟପୁର (କୋରାପୁଟ) ଆକାଶବାଣୀ କେନ୍ଦ୍ରର ଷ୍ଟେସନ ଡିରେକ୍ଟର ସୁରେନ୍ ମହାନ୍ତିଙ୍କ ୫୫ ବର୍ଷ ବୟସରେ ପରଲୋକ।
- ଜଳସେଚନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ସରକାର ଗୁଜରାଟକୁ ଅତିରିକ୍ତ ୭ କୋଟି ୩୦ ଲକ୍ଷ ଟଙ୍କା ସାହାଯ୍ୟ ମଞ୍ଜୁର କରିଛନ୍ତି।
- ଥାନେଠାରୁ ବମ୍ବେ ଅଭିମୁଖେ ଆସୁଥିବା ରେଳଗାଡ଼ିର ଏକ ବଗିରେ ନିଆଁ ଲାଗିଯିବା ଫଳରେ ୧୭ ଜଣ ବ୍ୟକ୍ତି ନିହତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 8 | | | | 1 | | | |
| | | | | | | | | |
| 4 | | | | 7 | | 9 | 1 | |
| | 4 | | | | 8 | | | 9 |
| 9 | | 2 | | | 3 | 7 | | |
| | 6 | | | | | 1 | 5 | |
| | 1 | | 8 | | | 2 | | |
| | | | | | | | | |
| 6 | 2 | 4 | | 5 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 1 | 6 | 2 | 4 | 8 | 7 |
| 1 | 2 | 6 | 8 | 7 | 4 | 9 | 3 | 5 |
| 8 | 4 | 7 | 5 | 3 | 9 | 6 | 2 | 1 |
| 4 | 6 | 3 | 2 | 1 | 5 | 8 | 7 | 9 |
| 7 | 9 | 2 | 6 | 4 | 8 | 1 | 5 | 3 |
| 5 | 1 | 8 | 7 | 9 | 3 | 2 | 4 | 6 |
| 9 | 8 | 5 | 3 | 2 | 1 | 7 | 6 | 4 |
| 2 | 7 | 4 | 9 | 5 | 6 | 3 | 1 | 8 |
| 6 | 3 | 1 | 4 | 8 | 7 | 5 | 9 | 2 |

ଗତକାଲିର ଉତ୍ତର

# ଦେଶ ଗଢ଼ାଯାଏ ଶ୍ରେଣୀଗୃହରେ



ରବିନାରାୟଣ ସାମଲ

ଜଣେ ଅଭିଭାବକ ଯେତେବେଳେ ନିଜ ପିଲାକୁ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି ସେତେବେଳେ ସେ ଦେଶ ପ୍ରତି ପିଲାର କି ଅବଦାନ ରହିବ ସେକଥା କିଛି ଭାବି ନ ଥାନ୍ତି। କେବଳ ଭାବିଥାନ୍ତି ନିଜ ପିଲାଟି କେମିତି ଭଲ ପାଠ ପଢ଼ିବ। ପିଲାଟି ପାଠ ପଢ଼େ। ଶିକ୍ଷିତ ହୁଏ। ଉଚ୍ଚ ଶିକ୍ଷିତ ହୁଏ। ତା'ର ଶିକ୍ଷା ଅନୁଯାୟୀ ନିର୍ଦ୍ଧାରିତ ପେସାରେ ସେ କାର୍ଯ୍ୟ କରିଚାଲେ। ସମାଜ ଓ ଦେଶ ତା' ଦ୍ୱାରା ଯତ୍‌କିଞ୍ଚିତ୍ ଉପକୃତ ହୁଏ। ସେ ନିଜେ ବି।

ପିଲାମାନେ ପଢୁଥିବା ପାଠ ବା ପାଠ୍ୟ ଖସଡ଼ା କେହି ଅଭିଭାବକ କେବେ ନିର୍ଣ୍ଣୟକରି ନ ଥାନ୍ତି। କରିଥାନ୍ତି ସରକାର ଏବଂ ତାଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ବିଭାଗ। ଆମ ଦେଶରେ କୋଠାରୀ କମିଶନଙ୍କ ରିପୋର୍ଟକୁ ଆଧାରକରି ୧୯୬୮ ମସିହାରେ ପ୍ରଥମେ 'ଜାତୀୟ ଶିକ୍ଷାନୀତି' ପ୍ରବର୍ତ୍ତନ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୪ ଟି 'ଜାତୀୟ ଶିକ୍ଷାନୀତି ' ପ୍ରଣୟନ ହୋଇସାରିଲାଣି। କୁହାଯାଏ ଯୁଗର ଆବଶ୍ୟକତାକୁ ଦେଖି ଶିକ୍ଷାନୀତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏଇଟା ଅବଶ୍ୟ ଆଂଶିକ ସତ୍ୟ। କିନ୍ତୁ ମୂଳ କଥାଟି ହେଉଛି ରାଜନୈତିକ ଆବଶ୍ୟକତା। ଏଠାରେ ନେଲ୍‌ସନ ମଣ୍ଡେଲାଙ୍କ ଉକ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ତାଙ୍କ ମତରେ- 'ବିଶ୍ୱ ପରିବର୍ତ୍ତନ ଲାଗି ଶିକ୍ଷା ହେଉଛି ଏକ ଅମୋଘ ଅସ୍ତ୍ର'। ସୁତରାଂ ଆମେ ଦେଶରେ ପ୍ରବର୍ତ୍ତିତ ଶିକ୍ଷା ଓ ପ୍ରଣୀତ ଶିକ୍ଷାନୀତି ଏଥିରୁ ମୁକ୍ତ କି, ତାହା ବିଚାର୍ଯ୍ୟ।

ବର୍ତ୍ତମାନ ଦୁଇଟି କଥା ବେଶ୍ ଚର୍ଚ୍ଚାକୁ ଆସିଛି। ଗୋଟିଏ ହେଉଛି 'ଗୁଣାତ୍ମକ ଶିକ୍ଷା' ଓ ଅନ୍ୟଟି 'ନୈତିକ ଶିକ୍ଷା'। ସ୍ୱାଧୀନତାର ଦୀର୍ଘ ବର୍ଷ ଓ ଶିକ୍ଷାନୀତି ପ୍ରଣୟନର ୫୬ ବର୍ଷ ପରେ ଆଜି ଏହି ଭାଳେଣି କାହିଁକି ? କମିଶନ ପରେ କମିଶନ ବସୁଛି, ସଂସ୍କାର ପରେ ସଂସ୍କାର ହେଉଛି, ବର୍ଷକ ବାର ମାସ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ ଚାଲିଛି, ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତିରେ ଘନ ଘନ ପରିବର୍ତ୍ତନ ହେଉଛି। କିନ୍ତୁ ଦେଖିଲା ବେଳକୁ 'ମୋତେ ଯେତେ ମାଠିବୁ ମାଠ୍.... '। ବିଦ୍ୟାଳୟଗୁଡ଼ିକରେ ସତ ମିଛ ଯୋଡ଼ି ୟୁ-ଡାଇସ୍ ତିଆରି ହେଉଛି। କିନ୍ତୁ ବାସ୍ତବରେ ୫ମ ଶ୍ରେଣୀରେ ପଢୁଥିବା ପିଲା ୧ମ ଶ୍ରେଣୀ ବହି ପଢ଼ିପାରୁ ନାହିଁ, ୮ମ ଶ୍ରେଣୀ ପିଲା ମିଶାଣ ଫେଡ଼ାଣ କରିପାରୁ ନାହିଁ, ୧୦ମ ଶ୍ରେଣୀ ପିଲା ନିଜ ନାମ ବି ଠିକ୍ ଲେଖିପାରୁ ନାହିଁ। ଏହା ମନଗଢ଼ା କଥା ନୁହେଁ। ଏହା ହେଉଛି ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରଥମା'ର ସର୍ଭେ ରିପୋର୍ଟ। ଉଦ୍‌ବେଗଜନକ!

ଗତ ଜାନୁଆରୀ ମଧ୍ୟଭାଗରେ ପ୍ରାୟ ଖବରକାଗଜରେ ଗୋଟିଏ ଖବର ପ୍ରକାଶ ପାଇଥିଲା- ବାଲେଶ୍ୱର ଜିଲାର ଏକ ହାଇସ୍କୁଲରେ ୧୬୨ ଜଣ ପିଲା ଏବଂ ଶିକ୍ଷା ଦେଉଥିଲେ ଜଣେ ମାତ୍ର (ହିନ୍ଦୀ) ଶିକ୍ଷକ। ଜଣେ ମାତ୍ର ଶିକ୍ଷକରେ ହାଇସ୍କୁଲଟିଏ ଚାଲିଛି! ବିଶ୍ୱରେ ବିରଳ! କିନ୍ତୁ ଆମ ରାଜ୍ୟରେ ଶହ ଶହ! ଗୋଟିଏ ବଖରାରେ ଏକାଧିକ ଶ୍ରେଣୀ, ଗୋଟିଏ ଟେବୁଲରେ ଦୁଇ ଦୁଇ ଜଣ ଶିକ୍ଷକ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ କହେ- ରାଜ୍ୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବିଦ୍ୟାଳୟ ସଂଖ୍ୟା ୬,୭୮୧ ଏବଂ ଆବଶ୍ୟକ ଶିକ୍ଷକ ନ ଥିବା ବିଦ୍ୟାଳୟ ସଂଖ୍ୟା ୬,୭୮୧। 'ଖଟ କାଟ୍- ଗୋଡ଼ କାଟ୍' ନ୍ୟାୟରେ ଛାତ୍ରୀଛାତ୍ର ଅଭାବ ଦର୍ଶାଇ ସରକାର ୧୮ ହଜାର ସ୍କୁଲକୁ ସବୁଦିନ ପାଇଁ ବନ୍ଦ କରିଦେଲେ।



ଏବେ ସେହି ହତଭାଗ୍ୟ ଶିଶୁମାନେ କେଉଁଠି? ଏହି ତଥ୍ୟ ସରକାରଙ୍କ ପାଖରେ ଅଛି ତ?

ସାଧାରଣତଃ ସ୍ୱଚ୍ଛଳବର୍ଗର ଅଭିଭାବକମାନେ ଘରୋଇ ବିଦ୍ୟାଳୟ ମୁହାଁ। କେଉଁ ମନ୍ତ୍ରୀ କି ଅଫିସରଙ୍କ ପିଲା ସରକାରୀ ବିଦ୍ୟାଳୟରେ ପଢ଼ନ୍ତି ନାହିଁ। କାହିଁକି? ଶାସକ ବା ପ୍ରଶାସକ କେହି କେବେ ତର୍ଜମା କରିଛନ୍ତି କି? ରାଜ୍ୟରେ ଯେତେ ସରକାରୀ ବିଦ୍ୟାଳୟ ଅଛି ସେଠାରେ ପଢ଼ନ୍ତି କେବଳ ଆମରି ପିଲା। ଅଙ୍ଗନୱାଡିରେ ଛତୁଆ ଖାଆନ୍ତି କେବଳ ଆମରି ପିଲା। ଦୁର୍ଭାଗ୍ୟ- ଘରୋଇ ବିଦ୍ୟାଳୟକୁ ପ୍ରୋତ୍ସାହନ ଦିଅନ୍ତି ଆମ ସରକାର। ସରକାରଙ୍କ ଛତ୍ରଛାୟା ତଳେ ରହି ଘରୋଇ ବିଦ୍ୟାଳୟ ସବୁ କୋଠା ଉପରେ କୋଠା ବାଢ଼ାଉଛନ୍ତି , କିନ୍ତୁ ସରକାରଙ୍କ ସରକାରୀ ବିଦ୍ୟାଳୟରେ ଚୁଲି ନାହିଁ କି ଚାଳ ନାହିଁ। କିଛିଦିନ ତଳେ ଏବର ସରକାର ଘରୋଇ ବିଦ୍ୟାଳୟ ଖୋଲିବାକୁ ଦରଖାସ୍ତ ଆହ୍ୱାନ କରିଛନ୍ତି। ନୂତନ ଶିକ୍ଷାନୀତି-୨୦୨୦ ରେ ଏ ବ୍ୟବସ୍ଥା ବି ରହିଛି। ୨୦୦୧ରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେଲା। ଘରୋଇ ଅନୁଷ୍ଠାନକୁ ପ୍ରୋତ୍ସାହନ ଦେବାକୁ ସରକାରଙ୍କର ଏହା ଥିଲା ଏକ ଅପକୌଶଳ! ସେହି ସର୍ବଶିକ୍ଷା ଅଭିଯାନର ଫଳ କ'ଣ ହେଲା ? ୨ ଦଶନ୍ଧି ପରେ 'ସର୍ବଶିକ୍ଷା ଅଭିଯାନ ' ରୂପାନ୍ତରିତ ହେଲା 'ସମଗ୍ର ଶିକ୍ଷା'ରେ। ସଦ୍ୟ ପ୍ରକାଶିତ ଏଏସ୍‌ଇଆର୍ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସରକାରୀ ବିଦ୍ୟାଳୟରେ ନାମଲେଖା ଶତକଡ଼ା ୬୬.୮କୁ ଖସି ଆସିଛି। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବଢ଼ିଯାଇଛି। ଅପରପକ୍ଷରେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା ଶତକଡ଼ା ୮୨.୨ କୁ ବୃଦ୍ଧି ପାଇଛି ଏବଂ ଏହି ୮୨ ଜଣରୁ ମାତ୍ର ଶତକଡ଼ା ୫୭ ଜଣ ସ୍ମାର୍ଟ ଫୋନ୍‌କୁ ପାଠ ପାଇଁ ବ୍ୟବହାର କରୁଥିବା ବେଳେ ଅବଶିଷ୍ଟ ଅପାଠ ପାଇଁ ବ୍ୟବହାର କରୁଛନ୍ତି। ପରିଣତି ଯାହା ତ ହେଉଛି ଆମେ ସ୍ୱଚକ୍ଷୁରେ ଦେଖୁଛନ୍ତି। ବିଶ୍ୱବ୍ୟାପୀ ଆଦୃତ ସାମାଜିକ ଗଣମାଧ୍ୟମ ପୁଳାଏ ଅସାମାଜିକ ତତ୍ତ୍ୱଙ୍କୁ ସୃଷ୍ଟି କରୁଛି- ଏହା ନିର୍ବିବାଦରେ କହିହେବ।

ଜଣେ ଛାତ୍ରର ଶିକ୍ଷା ସମାପ୍ତ ପରେ ସେ ନିଯୁକ୍ତିଟିଏ ପାଇବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ନିଯୁକ୍ତି ନ ହେଲା ନାହିଁ, ସେ ଗ୍ରହଣ କରିଥିବା ଶିକ୍ଷାକୁ ନେଇ ଆତ୍ମନିର୍ଭରଶୀଳ ହୋଇପାରିବ ସେଥିରେ ମଧ୍ୟ ଗ୍ୟାରେଣ୍ଟି ନାହିଁ। ଯେଉଁମାନଙ୍କ କାନ୍ଧରେ ଦେଶର ଭାର ଲଦାଯିବ ସେମାନେ ଯଦି ସାର୍ଟିଫିକେଟ୍ ଧରି ବାରଦୁଆର ଶୁଣ୍ଢିପିଣ୍ଡା ହେବେ ଦେଶର ବିକାଶ ହେବ କେଉଁମାନଙ୍କୁ ନେଇ? ଏବେ ଦେଶରେ ବେରୋଜଗାରୀ ଏକ ମୁଖ୍ୟ ସମସ୍ୟା। ଶିକ୍ଷିତ ଯୁବତୀଯୁବକ ବଞ୍ଚିବାର କୌଣସି ରାହା ନ ପାଇ ବିପଥଗାମୀ ହେଉଛନ୍ତି ବା ଅପରାଧ ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି।

ପ୍ରତ୍ୟେକ ରାଷ୍ଟ୍ରର ସ୍ୱତନ୍ତ୍ର ଶିକ୍ଷାନୀତି ଥାଏ। ଏଇଟା ଅନସ୍ୱୀକାର୍ଯ୍ୟ। ସୁତରାଂ ଆମ ଦେଶର ଅବସ୍ଥାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଦେଶର ଶିକ୍ଷା ଓ ଶିକ୍ଷାନୀତି ପ୍ରଣୟନ ହେବା ଦରକାର। ବହୁ ପ୍ରଚାରିତ ନୂତନ ଶିକ୍ଷାନୀତି-୨୦୨୦ ଏହି ସମସ୍ୟାର ସମାଧାନ କରିପାରିବ ନାହିଁ, ବରଂ ସମସ୍ୟା ବୃଦ୍ଧିକରିବ। ତେଣୁ ସରକାର ଶିକ୍ଷାନୀତିକୁ ପୁନଃ ସମୀକ୍ଷା କରିବା ଉଚିତ ହେବ। ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ନ ଦେଲେ ଦେଶରେ ଅରାଜକତା ଦେଖାଦେବ। ବିକାଶର ସ୍ୱପ୍ନ ଧୂଳିସାତ୍ ହୋଇଯିବ। ବିଳମ୍ବ ହୋଇ ନାହିଁ। ହାତରେ ସମୟ ଅଛି। ତେଣୁ ସରକାର ଏବେଠୁଁ ସଜାଗ ଓ ସତର୍କ ରହନ୍ତୁ।

**ମୋ: ୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ଅନୁସାରେ ଚାକିରି ମିଳୁନି

ମହାଶୟ,

ଛାତ୍ରୀଛାତ୍ର ସର୍ବୋଚ୍ଚ ଶିକ୍ଷାଲାଭ କରିବା ସୌଭାଗ୍ୟର ବିଷୟ। ମାତ୍ର ଯେତେବେଳେ ସେ ତା'ର ଶିକ୍ଷା ଅନୁରୂପ ଚାକିରି ପାଏ ନାହିଁ ସେ କ'ଣ ୪ର୍ଥ/୩ୟ ଶ୍ରେଣୀ ଚାକିରି କିମ୍ବା ଶ୍ରମିକ ହୋଇପାରିବକି ? ଏଣୁ ଆତ୍ମଗ୍ଲାନିରେ ସେମାନେ ଆତ୍ମହତ୍ୟା ପଥ ଆପଣାଇ ନେଇଥାନ୍ତି। ବର୍ତ୍ତମାନ ଉତ୍କର୍ଷ ଓଡ଼ିଶାରେ ବିଦେଶୀ ନିବେଶୀ ସଂସ୍ଥାରେ ଯେଉଁ ଚାକିରି ସୃଷ୍ଟିହେବ ସେଥିରେ ଶିକ୍ଷାନୁରୂପ ନିଯୁକ୍ତି ପ୍ରତି ସରକାର ଧ୍ୟାନଦେବା ଉଚିତ। ଦ୍ୱିତୀୟତଃ ପୂର୍ବରୁ ଆମ ଓଡ଼ିଶାରେ ଅନେକ ଅଣ ମାଟ୍ରିକ୍ ଛାତ୍ରୀଛାତ୍ର ଅଛନ୍ତି। ସେମାନେ ମଧ୍ୟ ନିଜକୁ ବେକାର କହିଥାନ୍ତି। ଏଣୁ ସେମାନଙ୍କୁ ପଞ୍ଜୀକରଣକରି ସରକାରୀ ଶ୍ରମିକଭାବେ ନିୟୋଜିତ କରାଯାଇପାରେ। ବେକାର ଯୋଗୁ ଶିକ୍ଷିତ ଯୁବତୀଯୁବକ ରୋଜଗାର ପାଇଁ ଭିନ୍ନ ପନ୍ଥା ଆପଣାଉଛନ୍ତି। କୃଷିକ୍ଷେତ୍ରରେ ଶିକ୍ଷିତମାନଙ୍କୁ ବିନିଯୋଗ କରାଯାଇପାରେ। ବେକାରି ଭତ୍ତା ଦେଲେ କର୍ମଶକ୍ତି କମିଯିବ।

**- ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲି ଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୂରନ୍ତ ଦୂରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
କସଜଳ ନୟନେ ଚାହିଁଥିଲା ବନପଥେ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଅଟକ**

ବାଲିପାଟଣା,(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅନ୍ତର୍ଗତ ନରୋଦା ଗ୍ରାମର ତାପସ ସ୍ୱାଇଁଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୬୮/୨୫)ରୁଜୁ କରିବା ସହ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗତ ବୁଧବାର ତାପସ ଜଳଖିଆ ଆଣିବାକୁ ବସନ୍ତମାଳ ଛକକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ବାଇକ୍‌ରେ ଉଠାଇ ଆଣି ଓଡ଼ଖଣ୍ଡ ଛକ ନିକଟରେ ମରଣାନ୍ତକ ଆକ୍ରମଣ କରି ପକେଟରେ ଥିବା ଟଙ୍କା ନେଇଯାଇଥିଲେ।

## ସଂକ୍ଷେପରେ

### ଶିବ, ଶକ୍ତିର ମିଶ୍ରଣ ହେଉଛି ବ୍ରହ୍ମ

ଭୁବନେଶ୍ୱର, ୧୩।୨ (ସୁଚିସ୍ମିତା ସାହୁ): ଶିବ ଏବଂ ଶକ୍ତିର ମିଶ୍ରଣ ହେଉଛି ବ୍ରହ୍ମ। ଏଠାରେ ବ୍ରହ୍ମ ଅର୍ଥ ହେଉଛି ସେହି ସତ୍ତା, ଯାହା ମହାନ ଏବଂ ଅନ୍ୟ ସମସ୍ତ ସତ୍ତାକୁ ମହାନ କରିଥାଏ ବୋଲି ଆନନ୍ଦ ମାର୍ଗ ପ୍ରଚାରକ ସଂଘର କେନ୍ଦ୍ରୀୟ ଲୋକସମ୍ପର୍କ ସଚିବ ଆଚାର୍ଯ୍ୟ ଦିବ୍ୟଚେତନା ନନ୍ଦ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ 'ବ୍ରହ୍ମ ଏବଂ ସୃଷ୍ଟିତତ୍ତ୍ୱ ଉପରେ ଶ୍ରୀ ଆନନ୍ଦମୂର୍ତ୍ତିଜୀଙ୍କ ବିଶେଷ ଅବଦାନ' ଶୀର୍ଷକ ଏକ ସ୍ୱତନ୍ତ୍ର ଅଧିବେଶନ ଗୁରୁବାର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟ ଦିବ୍ୟଚେତନା ନନ୍ଦ କହିଲେ, ଶିବ (ପୁରୁଷ) ଏବଂ ଶକ୍ତି (ପ୍ରକୃତି) ମଧ୍ୟରେ ସମ୍ପର୍କ କେବଳ ଗୋଟିଏ କାଗଜର ଦୁଇ ପୃଷ୍ଠାପରି। ନିର୍ଗୁଣ ବ୍ରହ୍ମ (ଅବ୍ୟକ୍ତ) ଏବଂ ସଗୁଣ ବ୍ରହ୍ମ (ବ୍ୟକ୍ତ) ହେଉଛି ବ୍ରହ୍ମର ଦୁଇଟି ପର୍ଯ୍ୟାୟ। ସେହିପରି ମହାଜାଗତିକ ଜଗତରେ ଅଜ୍ଞାତର ଶକ୍ତି ଓ ଜ୍ଞାନର ଶକ୍ତି ରହିଛି। ସେହିପରି ଭୌତିକ ସଂଘର୍ଷରୁ ଉତ୍ପନ୍ନ ଭୌତିକ ଶକ୍ତି, ମାନସିକ ସଂଘର୍ଷର ଫଳସ୍ୱରୂପ ମାନସିକ ଶକ୍ତି ଏବଂ ଆକର୍ଷଣରୁ ଉତ୍ପନ୍ନ ଆଧ୍ୟାତ୍ମିକ ଶକ୍ତି ଭଳି ବିବର୍ତ୍ତନ ପ୍ରକ୍ରିୟା ରହିଛି। ଏହି ଅବସରରେ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ଡ. ମନୋରଞ୍ଜନ ସେନାପତି ଆନନ୍ଦମୂର୍ତ୍ତିଜୀଙ୍କ ବହୁବିଧ ଅବଦାନ ବିଷୟରେ ସୂଚନା ଦେଇଥିଲେ। ପ୍ରଫେସର ବ୍ରଜସୁନ୍ଦର ମିଶ୍ର, ଡକ୍ଟର ନିରଞ୍ଜନ ସାବର, ଡକ୍ଟର ଧର୍ମେନ୍ଦ୍ର ଦାସ, ଯୋଗାଚାର୍ଯ୍ୟ ବୀରକିଶୋର ସମେତ ୫୦ରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଲକ୍ଷ୍ମୀପୁର ଗଣବଳାତ୍କାର ପୀଡ଼ିତାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର,୧୩।୨ (ଅନୁରାଧା ମହାରଣା)

କୋରାପୁଟ ଜିଲା ଲକ୍ଷ୍ମୀପୁର ଗଣବଳାତ୍କାର ଘଟଣାକୁ ନେଇ ବିଜୁ ଜନତା ଦଳ ଉଦ୍‌ବେଗ ପ୍ରକାଶ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୁରୁବାର ଲକ୍ଷ୍ମୀପୁର ଯାଇ ପୀଡିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟର ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୌଶଲ୍ୟା ହିକ୍କା, ଅନସୂୟା ମାଝୀ ପ୍ରମୁଖ ସାମିଲ ଥିଲେ। ପୀଡ଼ିତାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ନେହାଙ୍ଗିନୀ କହିଛନ୍ତି, ପୀଡିତାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଭଲ ନାହିଁ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ତେଣୁ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବା ସହିତ ଉପଯୁକ୍ତ ଚିକିତ୍ସା ପ୍ରଦାନ ଲାଗି ସରକାର ବ୍ୟବସ୍ଥା କରନ୍ତୁ। ରାଜ୍ୟରେ ବଳାତ୍କାର ଭଳି ଘଟଣା ବିଶେଷକରି ଆଦିବାସୀ ଓ ଦଳିତଙ୍କ କ୍ଷେତ୍ରରେ ପ୍ରତିଦିନ ଘଟୁଛି। ରାଜ୍ୟର ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଆଦିବାସୀ ବାଳିକାଙ୍କ ସହ ଏପରି ଘଟଣା ଘଟିବା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ଘଟଣାକୁ ରୋକିବା ନେଇ ସରକାର କୌଣସି ପଦକ୍ଷେପ ନେବା ତ ଦୂର କଥା ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ପ୍ରତି ସମବେଦନା ମଧ୍ୟ ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ଜଳବାୟୁ ପରିବର୍ତ୍ତନ ନେଇ ସଚେତନ କରିବ କମ୍ୟୁନିଟି ରେଡିଓ

ଭୁବନେଶ୍ୱର, ୧୩।୨ (ସୁଚିସ୍ମିତା ସାହୁ)

## ଅଶୋକ ମହାପାତ୍ରଙ୍କୁ 'ସୁରଭି ଗୌରବ ସମ୍ମାନ'



କାର୍ଯ୍ୟକ୍ରମରେ ପ୍ରଫେସର ଡା. ଅଶୋକ ମହାପାତ୍ର ଏବଂ ଅନ୍ୟ ଅତିଥିମାନେ।

ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ମସ୍ତିଷ୍କ ପ୍ରଦୂଷଣ ହେଉଛି। କମ୍ପ୍ୟୁଟର, ଟିଭି ଏବଂ ମୋବାଇଲ ଟାୱାର ଯୋଗୁ ଖୁବ୍ କମ୍ ବୟସ୍କ ଲୋକଙ୍କ ମଧ୍ୟରେ ହୃଦ୍‌ରୋଗ ବଢୁଛି। ସହରରେ ପାନୀୟ ଜଳଯୋଗାଣ ମାନ ଠିକ୍ ନାହିଁ। ଜଳ ବିଶୋଧନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଦରକାର ବୋଲି ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ ମହାପାତ୍ର କହିଛନ୍ତି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଏଡୁକେଶନ ଆଣ୍ଡ କେୟାର ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ ପାଳନ ଅବସରରେ କମ୍ୟୁନିଟି ରେଡିଓ ଆସୋସିଏଶନ ସହଯୋଗରେ 'ସତତ ସହର' କାର୍ଯ୍ୟକ୍ରମ ଗୁରୁବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ମହାପାତ୍ର କହିଲେ, କମ୍ୟୁନିଟି ରେଡିଓ ଜଳବାୟୁ ପରିବର୍ତ୍ତନ ନେଇ ସଚେତନ କରିବ। ଆଇଆଇସି ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ଡ. ଶିଶିର କୁମାର ଦାସ ଯୋଗଦେଇଥିଲେ। ସେ କହିଲେ, ଜଳବାୟୁ ପରିବର୍ତ୍ତନ ପ୍ରଭାବ ରୋକିବାକୁ ଯୁବବର୍ଗଙ୍କ ନେତୃତ୍ୱରେ ଗୋଷ୍ଠୀସ୍ତରରେ କ୍ଲାଇମେଟ ଆକ୍ସନ ଟିମ୍ ଗଠନ ସହ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଉଦ୍‌ଘାଟନୀ ଅଧିବେଶନରେ ଭାଷାବିଦ୍ ଡ. ଅସିତ ମହାନ୍ତି, ରେଡିଓ ହୀରାଖଣ୍ଡର ନିର୍ଦ୍ଦେଶକ ଡ. ବିକାଶ ମହାପାତ୍ର, ଶିକ୍ଷାବିତ ଡ. ମାଧବ ଚନ୍ଦ୍ର ମିଶ୍ର, ପରିବେଶବିତ ଡ. ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପରବର୍ତ୍ତୀ ତିନୋଟି ଟେକ୍ନିକାଲ ସେସନରେ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଆକାଶବାଣୀର ପୂର୍ବତନ ସହ ନିର୍ଦ୍ଦେଶକ ଅଶୋକ ପାଣିଗ୍ରାହୀ, ରେଡ଼ିଓ ବାଘାଯତୀନର ନିର୍ଦ୍ଦେଶିକା ମିନତି ବିଷ୍ଵାଣୀ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ବିଜୟ କୁମାର ପ୍ରଧାନ, ରେଡ଼ିଓ କୋଶଳୀର ଆର. ବିଜୟ ରାଜ, ରେଡ଼ିଓ ସ୍ୱର ସୁରଭିର ତ୍ରିନାଥ ମେହେର, ରେଡ଼ିଓ ରେଭେନ୍‌ଶାର କାର୍ଯ୍ୟକ୍ରମ ମୁଖ୍ୟ ପ୍ରଫେସର ଦୁଷ୍ମନ୍ତ ଦାସ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ପ୍ରଫେସର ଡ. ଅଶୋକ ମହାପାତ୍ରଙ୍କୁ 'ସୁରଭି ଗୌରବ ୨୦୨୫' ସମ୍ମାନ, କାମାକ୍ଷା ପ୍ରସାଦ ଦାସଙ୍କୁ 'ସୁରଭି ରତ୍ନ ସମ୍ମାନ', ନୀଳିମା ଦାସଙ୍କୁ 'ସୁରଭି ମୋତି ସମ୍ମାନ', ସୁଚିସ୍ମିତା ଦାସଙ୍କୁ 'ସୁରଭି ସ୍ୱର ସମ୍ମାନ', ପ୍ରଫୁଲ୍ଲ କୁମାର ରାଉତଙ୍କୁ 'ସୁରଭି ରେଡ଼ିଓ ବନ୍ଧୁ ସମ୍ମାନ' ବଂଶୀଧର ସାହାଣୀଙ୍କୁ 'ସୁରଭି ସେବା ସମ୍ମାନ', ରେଡ଼ିଓ ବାଘାଯତୀନ ଓ ରେଡ଼ିଓ ସ୍ୱର ସଙ୍ଗମକୁ 'ସୁରଭି ପ୍ରଜ୍ଞା ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଚ୍ଚିକାନ୍ତ ପ୍ରଧାନ, ଅନିରୁଦ୍ଧ ମିଶ୍ର, ସ୍ମୃତିରଞ୍ଜନ ସାହୁ, ମିନତି ପ୍ରହରାଜ, ପ୍ରବାସିନୀ ରାଉତ ଓ ରଶ୍ମିତା ଚମ୍ପତି ପ୍ରମୁଖ ପରିଚାଳନା କରିଥିଲେ।


ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ବର୍ଣ୍ଣାଳି'ରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଓଡ଼ିଶା ମ୍ୟୁଜିକ ହେରିଟେଜ ପକ୍ଷରୁ 'ଶୀତ ଉତ୍ସବ'

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ଓଡ଼ିଶା ମ୍ୟୁଜିକ ହେରିଟେଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଶୀତ ଉତ୍ସବ-୨୦୨୫' ଗୁରୁବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ତ୍ରିଲୋଚନ ବରାଳ ଏବଂ ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସମ୍ପାଦକ ଧୀରେନ୍ଦ୍ରନାଥ ମଲ୍ଲିକ, ପ୍ରାଧ୍ୟାପକ ଡ. ସୁକାନ୍ତ ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଲିପି ନାୟକଙ୍କୁ 'ଶ୍ରେଷ୍ଠ ସାମ୍ବାଦିକା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କ ସୁପୁତ୍ର ଅଶୋକ କୁମାର ବଳ ଏବଂ ଗାୟିକା ରଶ୍ମିତା ଦାଶଙ୍କୁ ଓଡ଼ିଆ ସଂଗୀତ ଜଗତରେ ଅନନ୍ୟ ପାରଦର୍ଶିତା ପାଇଁ 'ଓଏମ୍‌ଏଚ୍ ସ୍ୱରଶ୍ରୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଞ୍ଜବିହାରୀ ନାୟକ, ଅନ୍ୱେଷା ଖୁଣ୍ଟିଆ, ଚିତ୍ତରଞ୍ଜନ ମହାପାତ୍ର, ବଜରଙ୍ଗ ଶତପଥୀ, ଶୁଭଶ୍ରୀ ପାଣି, ଅରୁତୋଷ ନାୟକ, ସନ୍ଧ୍ୟାରାଣୀ ରାଉତ, ଆଲୋକ କଟୁଆଳ, ଗଣେଶ ମହାରଣା, ଗିତ, ସ୍ୱଦେଶ ମହାନ୍ତି ଏବଂ ସ୍ୱପ୍ନିକା ପଟ୍ଟନାୟକ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। କଥାବାଚକ ବିନୋଦ ବିହାରୀ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଂସ୍ଥାପକ ବିବେକାନନ୍ଦ ରାଉତଙ୍କ ସହ ସଞ୍ଜୟ କୁମାର ରାଉତ, ରାଜେନ୍ଦ୍ର କୁମାର ଦାସ, ଗୋଲକ ବିହାରୀ ବେହେରା, ରତିକାନ୍ତ ତ୍ରିପାଠୀ, ମାନସ କୁମାର ସାହୁ ଏବଂ ଶାନ୍ତନୁ ରାଉତ ପ୍ରମୁଖ ବିଶିଷ୍ଟ କଳାକାରମାନେ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଜୟଦେବ ବାଟିକାଠାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନେ।

### ବିଲ୍ଡର ଓ ସରକାରଙ୍କ ମଧୁଚନ୍ଦ୍ରିକାରେ ଜନତା ହନ୍ତସନ୍ତ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୩।୨ (ଅନୁରାଧା ମହାରଣା)

ଦୀର୍ଘଦିନ ହେବ ପାର୍ଟ ପ୍ଲଟ ବିକ୍ରୟ ଉପରେ ରୋକ ଲଗାଯାଇଛି । ଏହାଦ୍ୱାରା ସାଧାରଣ ଲୋକେ ଝିଅ ବିଭାଘର କରିବା, ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା, ଜଟିଳ ରୋଗରେ ଚିକିତ୍ସିତ ହେବା ପାଇଁ ନିଜର ଥିବା ଜମିକୁ ଆଂଶିକ ବିକ୍ରି କରିପାରୁନାହାନ୍ତି। ଫଳରେ ସାଧାରଣ ଲୋକଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଅସୁବିଧାକୁ ମେଣ୍ଟାଇବା ପାଇଁ ସାହୁକାରଙ୍କ ଠାରୁ ଶୋଷଣର ଶିକାର ହେଉଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର କହିଛନ୍ତି, ଆପାର୍ଟମେଣ୍ଟ କିଣାବିକାରେ ମଧ୍ୟ ସାଧାରଣ ଲୋକଟି ଦୁର୍ଦ୍ଦଶା ଭୋଗୁଛି। ବିଡିଏ ଓ ବିଏମସି ମୋଟା ଅଙ୍କରେ ଲାଞ୍ଚ ନେଇ ଆପାର୍ଟମେଣ୍ଟର ମାଲିକଙ୍କୁ ଚୋରା କାରବାରରେ ପ୍ରଶ୍ରୟ ଦିଆଯାଉଛି ବୋଲି ପାତ୍ର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂଶୋଧନ ଆଣି ପାର୍ଟ ପ୍ଲଟ କିଣାବିକାର କଟକଣାକୁ ତୁରନ୍ତ ୭ ଦିନ ଭିତରେ ପ୍ରତ୍ୟାହାର କରନ୍ତୁ ନଚେତ୍ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ରାଜସ୍ୱ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ରାସ୍ତାରେ ତୀବ୍ର ବିରୋଧ କରାଯିବ ବୋଲି ସେ କହିଛନ୍ତି । ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ଗୋପନ ମାର୍ଥା, ନିହାର ବେହେରା ଓ ମହମ୍ମଦ ପରଭେଜ ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ ନେଇ ବୈଠକ

ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)

ଓଡ଼ିଶାରେ ସହରାଞ୍ଚଳ ଶାସନକୁ ଅଧିକ କ୍ରିୟାଶୀଳ କରିବା ତଥା ବିକଶିତ ଓଡିଶାର ଲକ୍ଷ୍ୟ ହାସଲ ଦିଗରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)କୁ ସହରୀକରଣ ଏବଂ ସଂସ୍କାର ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଗଠନରେ ସେମାନଙ୍କର ପ୍ରୟାସକୁ ତୀବ୍ର କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍ଥାୟୀ ସହରାଞ୍ଚଳ ବିକାଶକୁ ଆଗେଇ ନେବାରେ ଦକ୍ଷ ସାର୍ବଜନୀନ ସେବା ପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ସହରୀ ଭିତ୍ତିଭୂମି ଏବଂ ମୌଳିକ ସେବାକୁ ବୃଦ୍ଧି କରିବା, ରାସ୍ତା, ଜଳ ଯୋଗାଣ, ପରିମଳ ଏବଂ ସାଧାରଣ ସୁବିଧାରେ ଉନ୍ନତି ଆଣିବା ଦିଗରେ ଦୃଷ୍ଟି ଦେବାକୁ ସଚିବ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ସହରୀକରଣ କେବଳ ସହର ବିସ୍ତାର କରିବା ନୁହେଁ, ବରଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ଜୀବନଧାରଣ ମାନ ନିଶ୍ଚିତ କରିବା ଆବଶ୍ୟକ ବୋଲି ସେ କହିଥିଲେ।


ବୈଠକରେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ସହ ଅନ୍ୟ ଅଧିକାରୀମାନେ।

# କିଡ୍‌ଜୀ ୱାର୍ଲଡ ପ୍ରି ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

କିଡ଼ଜୀ ୱାର୍ଲଡ ପ୍ରି ସ୍କୁଲ ନୟାପଲ୍ଲୀ ଏବଂ ସୁନ୍ଦରପଦା ଶାଖାର ୩ୟ ବାର୍ଷିକ ଉତ୍ସବ 'ସପ୍ତରଙ୍ଗ' କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରୋଜାଲିନ ପାଟଶାଣୀ, ପ୍ରଫେସର ଡ. ମିହିର ରଞ୍ଜନ ସେଠୀ ଓ ଅନନ୍ୟା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ରଶ୍ମି ମିଶ୍ର ସ୍ୱାଗତ ଅଭିଭାଷଣ ସହ ବାର୍ଷିକ ଉତ୍ସବର ଆଭିମୁଖ୍ୟ ଓ ବିଦ୍ୟାଳୟର ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସ୍କୁଲର କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଭାରତ ସେବାଶ୍ରମ ସଂଘ ପ୍ରତିଷ୍ଠାତାଙ୍କ ଜୟନ୍ତୀ ଉତ୍ସବ



କାର୍ଯ୍ୟକ୍ରମରେ ଆଶ୍ରମ ଅନ୍ତେବାସୀଙ୍କୁ ସହାୟତା ବଣ୍ଟନ କରାଯାଉଛି।

ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)

ଭାରତ ସେବାଶ୍ରମର ପ୍ରତିଷ୍ଠାତା ଯୁଗାଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦଙ୍କ ଜୟନ୍ତୀ ଉତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ମୁଖ୍ୟ ପରିଚାଳକ ସ୍ୱାମୀ ଜଗନ୍ନାଥାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବ ଅବସରରେ ହୋମଯଜ୍ଞ କରାଯାଇଥିଲା। ଭୁବନେଶ୍ୱରର ବିଭିନ୍ନ ଜରାଶ୍ରମ ଓ ବୃଦ୍ଧାଶ୍ରମ ଏବଂ ଶ୍ରମିକ ବସ୍ତିରେ ଫଳରସ ଓ ଆହାର ବିତରଣ କରାଯାଇଥିଲା। ସଂଘ କର୍ମକର୍ତ୍ତା ଧୀରେନ କୁମାର ରଥ, ସଂଜୀବ କୁମାର ଗିରି, ଶୈଳବାଳା ନାୟକ, ଡି.ଏନ ସୌରୀ, ରଶ୍ମିରେଖା ନାୟକ, ବସନ୍ତ ମଞ୍ଜରୀ ମହାନ୍ତ, ସ୍ୱସ୍ତିକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କିଡ୍‌ନୀ ପ୍ରତିରୋପଣ: ମଣିପାଲ ହସ୍ପିଟାଲର ନୂଆ ମାଇଲଷ୍ଟୋନ

ଭୁବନେଶ୍ୱର,୧୩।୨: (ଅଭୟ ଦାଶ)

ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ୫୦୦ରୁ ଅଧିକ ସଫଳ କିଡନୀ ପ୍ରତିରୋପଣ କରି ହସ୍ପିଟାଲ ଏକ ନୂଆ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ରୋଗୀଙ୍କ ଅସାଧାରଣ ସହନଶୀଳତା ସହିତ ହସ୍ପିଟାଲର ଅଭିଜ୍ଞ ଡାକ୍ତର, ଉତ୍ସର୍ଗୀକୃତ ନର୍ସ ଓ କର୍ମଚାରୀ ଏବଂ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ବେଶ ସହାୟକ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ (ଚିକିତ୍ସା ଶିକ୍ଷା ଏବଂ ପ୍ରଶିକ୍ଷଣ) ଏବଂ ରାଜ୍ୟ ନୋଡାଲ ଅଫିସର ଡା. ଉମାକାନ୍ତ ସତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅଭିନେତା ତଥା ସ୍ମାଇଲ୍ ଫୋର୍ସର ପ୍ରତିଷ୍ଠାତା ସବ୍ୟସାଚୀ ମିଶ୍ର ଏବଂ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ଏବଂ ୟୁନିଟ୍ ହେଡ୍ ମେଡ଼ିକାଲ ସର୍ଭିସ୍ ଡା. ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ୫୦୦ରୁ ଅଧିକ କିଡନୀ ପ୍ରତିରୋପଣ କରିବା କେବଳ ଏକ ସଂଖ୍ୟା ନୁହେଁ, ଏହା ପ୍ରତ୍ୟେକ ରୋଗୀଙ୍କ ଆଶା ଏବଂ ରୋଗୀମାନଙ୍କ ଅଦ୍ଭୁତ ଯାତ୍ରାର ଏକ ଉତ୍ସବ ବୋଲି ମହାପାତ୍ର କହିଥିଲେ। ଅପରପକ୍ଷରେ ମଣିପାଲ ହସ୍ପିଟାଲର ଅପରେସନ୍ ହେଡ୍ ରାଜର୍ଶୀ ଉପାଧ୍ୟାୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ୬୦ରୁ ଅଧିକ କିଡନୀ ରୋଗୀ, ତାଙ୍କ ପରିବାର ସଦସ୍ୟ ମାନେ କିଡନୀ ପ୍ରତିରୋପଣ ପୂର୍ବରୁ ଏବଂ କିଡନୀ ପ୍ରତିରୋପଣ ପରେ ତାଙ୍କର ଅନୁଭବ ବଖାଣିଥିଲେ।



ଅତିଥିମାନେ କୀଡ୍‌ନି ପ୍ରତିରୋପଣର ସଫଳତା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

# ଛଉ, ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ ମନ ଜିଣିଲା

## ଅଷ୍ଟମ ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ

ବାଲକାଟୀ,୧୩।୨(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ଖେଳପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଅଷ୍ଟମ ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ଏକ ଆକର୍ଷଣୀୟ ମହୋତ୍ସବର ଆୟୋଜନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ପ୍ରାକ୍ତନ ବିଧାୟକ ତଥା ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରାକ୍ତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ନାଲ୍‌କୋର କାର୍ଯ୍ୟ ନିର୍ବାହୀ ଆଶୁତୋଷ ରଥ, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଏମ୍‌ପିଙ୍କ ବାଲିଅନ୍ତା ପ୍ରତିନିଧି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୫ ଜଣ କୃତୀ ପ୍ରତିଭାଙ୍କୁ ଯଶୁଆପୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାତା ସଦସ୍ୟ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥାପିକା ଆନି ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଛଉ, ସମ୍ବଲପୁରୀ, ଗୋଟିପୁଅ ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ।


ମହୋତ୍ସବକୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରୁଛନ୍ତି।

# ଗୋଶାଳାରେ ଅବ୍ୟବସ୍ଥା ଅଭିଯୋଗ

**୮୬୧ରୁ ଏବେ ଅଛନ୍ତି ୧୮୧**

■ଅବଶିଷ୍ଟ ଗୋରୁ କୁଆଡ଼େ ଗଲେ ଉଠିଲା ପ୍ରଶ୍ନ

■ଟିମ୍ ଗଠନ କରାଯାଇ ତଦନ୍ତ ହେବ: ପୌରାଧକ୍ଷ

ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ପୌର ପରିଷଦ ଆନୁକୂଲ୍ୟରେ ଷଣ୍ଢପୁରଠାରେ ୨୦୨୨ ମସିହାରେ ଗୋଶାଳା ନିର୍ମାଣ ହୋଇଥିଲା। ଭୁବନେଶ୍ୱର ଏବଂ ଜଟଣୀ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୮୬୧ ଗୋରୁ ଏବଂ ଷଣ୍ଢଙ୍କୁ ଏହି ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ତେବେ ବର୍ତ୍ତମାନ ଏଠାରେ ମାତ୍ର ୧୮୧ ଗୋରୁ ରହିଛନ୍ତି। ଅବଶିଷ୍ଟ ଗୋରୁ କେଉଁଆଡ଼େ ଗଲେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିସହ ଗୋଶାଳାରେ ଅବ୍ୟବସ୍ଥା ନେଇ ଅଭିଯୋଗ ଉଠିଛି। ଅନ୍ୟପଟେ ଏହି ଘଟଣାର ତଦନ୍ତ କରାଯିବ ବୋଲି ଜଟଣୀ ପୌରାଧକ୍ଷ ଅନନ୍ତ ବେହେରା କହିଛନ୍ତି।

ସୂଚନାଥାଉ କି ସାମାଜିକ ଅନୁଷ୍ଠାନ ପିପୁଲ୍ସ ଫୋରମ୍ ଏହି ଗୋଶାଳା ଦାୟିତ୍ୱରେ ରହିଛି। ଜଟଣୀ ପୌର ପ୍ରଶାସନ ପକ୍ଷରୁ ଆଗତ ଟେଣ୍ଡର ଆଧାରରେ ଏହି ସଂସ୍ଥା ଗୋଶାଳା ଦାୟିତ୍ୱ ନେଇଥିଲା। ଭୁବନେଶ୍ୱର ଏବଂ ଜଟଣୀ ଅଞ୍ଚଳରେ ଏଣେତେଣେ ବୁଲୁଥିବା ଗୋରୁଙ୍କ ସେବା ପାଇଁ ଗୋଶାଳା ନିର୍ମାଣ ଉଦ୍ଦେଶ୍ୟ ରହିଥିଲା। ୨୦୨୩ରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ ଜଟଣୀ ପୌର ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ୮୬୧ ଗୋରୁଙ୍କୁ ଏଠାକୁ ହସ୍ତାନ୍ତର କରାଯାଇଥିଲା। ପ୍ରତ୍ୟେକ ଗୋରୁଙ୍କ ପିଛା ଗୋଟିଏ ଦିନ ଖର୍ଚ୍ଚ ପାଇଁ ଶହେ ଟଙ୍କା ଧାର୍ଯ୍ୟ ହୋଇଛି। ବିଏମ୍‌ସି ପ୍ରତ୍ୟେକ ମାସରେ ଏହି ଟଙ୍କା ପ୍ରଦାନ କରୁଥିବା ବେଳେ ଜଟଣୀ ପୌର ପ୍ରଶାସନ ଏହାର ତଦାରଖ କରୁଛି। ହେଲେ ଏଠାରେ ଗୋରୁସଂଖ୍ୟା ହ୍ରାସ ପାଇ ଏବେ ୧୮୧ରେ ପହଞ୍ଚିଛି। ତେବେ ଗୋଶାଳାରେ ଗୋରୁ ନ ଥିବା ବେଳେ କାହା ଉଦ୍ଦେଶ୍ୟରେ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଭିତ୍ତିଭୂମି ଅଭାବ ଏବଂ ପୌର ପ୍ରଶାସନର ଅବହେଳାକୁ ଦାୟୀ କରି ଦାୟିତ୍ୱରେ ଥିବା ସଂସ୍ଥା ନିଜ ମୁଣ୍ଡରୁ ଦୋଷ ଖସାଇବାରେ ଲାଗିଛି। ୨୦୦ ଗୋରୁ ପାଚେରି ଡେଇଁ ପଳାଇଥିବା ଏବଂ ଅନ୍ୟ ଗୋରୁଙ୍କ ମୃତ୍ୟୁ ଘଟିଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ସଂସ୍ଥା ଚିଠି ନଂ.୧୦୯୯୪/ପିଏଫ୍/୨୦୨୪-୨୫ ତାରିଖ ୬.୧୨.୨୦୨୪ ପ୍ରକାରେ ବିଏମ୍‌ସି ପକ୍ଷରୁ ୨୦୨୪ ଅକ୍ଟୋବର ପହିଲାରୁ ନଭେମ୍ବର ୩୦ ମଧ୍ୟରେ ଗୋରୁଙ୍କ ସେବା ପାଇଁ ୧୫,୯୧,୩୦୦ ଟଙ୍କା ପଇଠ ପାଇଁ ଜଟଣୀ ପୌର ପ୍ରଶାସନକୁ ଚିଠି ଲେଖିଥିବା ଜଣାପଡ଼ିଛି। ଅବଶିଷ୍ଟ ଗୋରୁ କୁଆଡ଼େଗଲେ, ତା'ର କୌଣସି ରିପୋର୍ଟ ଉକ୍ତ ସଂସ୍ଥା ପାଖରେ ନ ଥିବା ଜଣାପଡ଼ିଛି। ଏହି ଗୋଶାଳା କିପରି ଚାଲିଛି ପୌରାଧକ୍ଷ ଅନନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କିଛିଦିନ ପୂର୍ବେ ଉକ୍ତ ଗୋଶାଳା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। କାଉନ୍‌ସିଲର ବିଷ୍ଣୁପ୍ରସାଦ ସାହୁ, ଶଶାଙ୍କଶେଖର ରାୟ ପରିଦର୍ଶନ ବେଳେ ଅବ୍ୟବସ୍ଥା ଏବଂ ପ୍ରାୟ ୬୮୦ ଗୋରୁଙ୍କ ସନ୍ଧାନ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ କାଉନ୍‌ସିଲ ବୈଠକରେ ଏ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସେମାନେ କହିଛନ୍ତି।



ଷଣ୍ଢପୁରସ୍ଥିତ ଗୋଶାଳାରେ ଗୋରୁ।

**ଏମାନେ ଯାହା କୁହନ୍ତି...**

"ଏହା ଏକ ଉଦ୍‌ବେଗଜନକ ଘଟଣା। ସେ ଏବଂ ଅନ୍ୟ କାଉନ୍‌ସିଲରମାନେ ଗୋଶାଳା ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ ବେଳେ ୨୦୦ ଗୋରୁ ପାଚେରି ଡେଇଁ ଖସିଯାଇଥିବା ବେଳେ ଅନ୍ୟ ଗୋରୁ ପର୍ଯ୍ୟାୟକ୍ରମେ ମୃତ୍ୟୁବରଣ କରିଛନ୍ତି ବୋଲି ଦାୟିତ୍ୱରେ ଥିବା ସଂସ୍ଥାର ମ୍ୟାନେଜର କହିଥିଲେ। ତେବେ ଦୈନିକ କେତେ ଦୁଗ୍ଧ ଏବଂ ଗୋବର ବିକ୍ରି ହେଉଛି, ତାହାର ମଧ୍ୟ କୌଣସି ରିପୋର୍ଟ ନାହିଁ। ଆଗାମୀ ବୈଠକରେ ଏନେଇ ଆଲୋଚନା ସହ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ। ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

**- ଅନନ୍ତ ବେହେରା, ପୌରାଧକ୍ଷ**

"ପିପୁଲ୍ସ ଫୋରମ୍ ଏକ ସାମାଜିକ ସଂସ୍ଥା ହୋଇଥିବାରୁ ପରିଷଦ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା। ଗୋମାତା ସେବାଯତ୍ନ ଏକ ପ୍ରମୁଖ ଦାୟିତ୍ୱ। ସଂସ୍ଥା ବିରୋଧରେ ଅର୍ଥ ହେରଫେର ଅଭିଯୋଗ ଆସିଲେ ତଦନ୍ତ କରାଯିବ।

**- ସୂର୍ଯ୍ୟମଣି ପାଙ୍ଗଯୋଶୀ, ପୌର ନିର୍ବାହୀ ଅଧିକାରୀ**

"ପ୍ରତ୍ୟେକ ମାସରେ ଗୋରୁଙ୍କ ସଂଖ୍ୟା ଅନୁଯାୟୀ ଟଙ୍କା ପୌର ପରିଷଦ ପକ୍ଷରୁ ମିଳିଥାଏ। ଗୋରୁଙ୍କ ସଂଖ୍ୟା କମିବା ପଛରେ ଭିତ୍ତିଭୂମିର ଅଭାବ ରହିଛି। ଏନେଇ ପୌର ପ୍ରଶାସନକୁ ଅବଗତ କରାଯାଇଛି। ବିଭିନ୍ନ ସମୟରେ ରୁଗ୍ଣ ଗୋରୁ ଆସୁଛନ୍ତି। ଫଳରେ ଚିକିତ୍ସା ସମୟରେ ସେମାନଙ୍କର ମୃତ୍ୟୁ ଘଟୁଛି।

**- ଭାଗୀରଥି ପଣ୍ଡା, ସଂସ୍ଥା ମ୍ୟାନେଜର**

**ସଂକ୍ଷେପରେ**

## ପାର୍କିଂରେ ଜଳିଗଲା କାର୍



ବେଗୁନିଆ,୧୩।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଜାମୁସାହି ଗ୍ରାମରେ ବୁଧବାର ରାତିରେ ଏକ ଅଘଟଣ ଘଟିଛି। ଗ୍ରାମର ମାସୁଦ ଅଖତାର ଖାଁଙ୍କ ଏକ କାର୍ ଜଳିଯାଇଥିବା ନେଇ ଗୁରୁବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ମାସୁଦ ତାଙ୍କ କାରକୁ ସବୁଦିନ ଭଳି ବୁଧବାର ରାତିରେ ଘର ପାର୍ଶ୍ୱରେ ପାର୍କିଂରେ ରଖଥିଲେ। ବିଳମ୍ବିତ ରାତିରେ ପ୍ରଚଣ୍ଡ ଶବ୍ଦ ଶୁଣି ମାସୁଦଙ୍କ ପରିବାର ଲୋକେ ଉଠି ଦେଖିବା ବେଳକୁ କାରଟି ଜଳୁଥିଲା। ପଡୋଶୀଙ୍କ ସହଯୋଗରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାରଟି ସମ୍ପୂର୍ଣ୍ଣ ପୋଡିଯାଇଛି। ବୀମା କମ୍ପାନୀ ସହାୟତା ଯୋଗାଇଦେବାକୁ ମାସୁଦ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ଦେଶୀମଦ ଜବତ, ୩ ଗିରଫ

ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)

ଭ୍ରାମ୍ୟମାଣ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୧ ଲିଟର ଦେଶୀମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ ଖୋର୍ଦ୍ଧା ସଦର ଏବଂ ଜଙ୍କିଆ ଥାନା ଅଞ୍ଚଳର ରାମଚଣ୍ଡୀ ଗ୍ରାମର ସଖୀ ମଲ୍ଲିକ, ନିଜିଗଡ଼ ଗ୍ରାମର ହରି ଦାସ ଏବଂ ମାନପୁର ଗ୍ରାମର ପ୍ରତିମା ସାମନ୍ତରାୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ମାରାଣ୍ଡି ପ୍ରକାଶ କରିଛନ୍ତି।

## ମତ୍ସ୍ୟ ବ୍ୟବସାୟୀ ବାବୁ ବେହେରାଙ୍କ ପରଲୋକ

ବାଲୁଗାଁ,୧୩।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକାକୂଳସ୍ଥିତ ମାଛ ଗୋଦାମଠାରେ ଗୁରୁବାର ଜଣେ ମତ୍ସ୍ୟ ବ୍ୟବସାୟୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ସୋରଣ ଗ୍ରାମର ବାବୁ ବେହେରା(୪୧)। ସୂଚନା ମୁତାବକ, ଦୈନନ୍ଦିନ ପରି ବାବୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ବାଲୁଗାଁ ଚିଲିକାକୂଳସ୍ଥିତ ଗୋଦାମକୁ ମାଛ ବ୍ୟବସାୟ ପାଇଁ ଆସିଥିଲେ। ଅପରାହ୍ନ ୨ଟାରେ ଗ୍ରାମକୁ ଯିବାକୁ ବାହାରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ମତ୍ସ୍ୟ ବ୍ୟବସାୟୀ ତାଙ୍କୁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା (ନଂ.୩/୨୫) ରୁଜୁକରି ତଦନ୍ତ ଚଳାଇଛି।

## ଆଜି ଜିଲାସ୍ତରୀୟ ନିଯୁକ୍ତି ମେଳା

ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରାଣନାଥ କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଯୋଗଦେବେ। ଏଥିସହ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ)ଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମଧ୍ୟ ଯୋଗଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ ଜିଲା ମଧ୍ୟରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ କରିପାରିବେ। ଖୋର୍ଦ୍ଧା ଜିଲାରେ ରୋଜଗାର ସନ୍ଧାନରେ ଥିବା ମାଟ୍ରିକ ପାସଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା ଏଏନ୍‌ଏମ୍, ଜିଏନ୍‌ଏମ୍ ପାସ୍ କରିଥିବା ଆଗ୍ରହୀ ଯୁବତୀ ଯୁବକମାନେ ନିଜର ନାମ ପଞ୍ଜୀକରଣ କରି ଏହିନିଯୁକ୍ତି ମେଳାରେ ଭାଗ ନେଇପାରିବେ। ପ୍ରାର୍ଥୀ, ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସର ଏକକିତା ନକଲ ସହ ପାସ୍‌ପୋର୍ଟ ସାଇଜ୍ ଫଟୋ ୬ଟି ଆଣିବେ। ନିଯୁକ୍ତି ଆଶାୟୀ ପ୍ରାର୍ଥୀ, ପ୍ରାର୍ଥିନୀ ଉକ୍ତ ନିଯୁକ୍ତିମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରିବାକୁ ଜିଲାପାଳ ଚଞ୍ଚଳ ରାଣା ଆହ୍ୱାନ କରିଛନ୍ତି।



ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ।

## ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ବାଲୁଗାଁ,୧୩।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ମଙ୍ଗଳବାର ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦିଗ୍‌ଦର୍ଶନ ଏବଂ ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଉମାକାନ୍ତ ରାଉତ, ମୁଖ୍ୟ ବକ୍ତା ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଆଶୁତୋଷ ସାମନ୍ତସିଂହାର ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ପରିଷଦର ଉପଦେଷ୍ଟା ଅଧ୍ୟାପିକା ଝରଣା ନାଥ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡ. କୈଳାସ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ମହାପାତ୍ର କହିଥିଲେ, ଗଳ୍ପ ଲେଖିବାର କଳା ହେଉଛି ସଂକ୍ଷିପ୍ତ ମଧ୍ୟରେ ବୃହତ ପରିକଳ୍ପନା। ତତ୍‌ସହିତ ଗଳ୍ପ ହେଉଛି ସ୍ରଷ୍ଟାର ସୃଜନଶୀଳ ଅଭିବ୍ୟକ୍ତି। ମୁଖ୍ୟ ଅତିଥି ରାଉତ କହିଥିଲେ, ସ୍ରଷ୍ଟା ସାହିତ୍ୟର ପୁରସ୍କାର ପଛରେ ନ ପଡ଼ି ଭାବମୟ ଭାବରେ କାଳଜୟୀ ସାହିତ୍ୟ ସୃଷ୍ଟିକଲେ, ତାହା ଚିରକାଳ ପାଇଁ ଜୀବନ୍ତ ରହିବ। ସମ୍ମାନିତ ଅତିଥି ସାମନ୍ତସିଂହାର ଶିକ୍ଷାର୍ଥୀଙ୍କୁ ପଠନ ଓ ଲିଖନର ପ୍ରକୃଷ୍ଟ ମାର୍ଗ ପ୍ରଦର୍ଶିତ କରାଇଥିଲେ। ଏହି ଅବସରରେ ଚିଲିକା ସାହିତ୍ୟ ସମାଜର କବି ଲକ୍ଷ୍ମୀ ଚରଣ ପଟ୍ଟନାୟକ, ସ୍ମୃତି ପଟ୍ଟନାୟକ ସ୍ୱରଚିତ କବିତା ପାଠ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଡ.ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ପ୍ରଦୀପ ପାଢ଼ୀ, ବିମଳ କୁମାର ପଣ୍ଡା, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଝରଣା ନାଥ, ଶୁଭଦର୍ଶିନୀ ବିଶ୍ୱାଳ ଏବଂ ଛାତ୍ରୀଙ୍କ ମଧ୍ୟରେ ଦୀପ୍ତି ସାହୁ, ଶ୍ୟାମଳି ନାୟକ, ଶାଶ୍ୱତୀ ମିଶ୍ର, ପ୍ରଜ୍ଞାସ୍ମିତ ସାହୁ, ପ୍ରିୟଙ୍କା ବେହେରା କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପକ ଧୋବିଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ୧୩୬ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୨୭ ହଜାର ବିଦ୍ୟାର୍ଥୀ

ଖୋର୍ଦ୍ଧା,୧୩।୨(ପ୍ରଭାତ ପାଣିଗ୍ରାହୀ)

ମାଟ୍ରିକ୍(ବୋର୍ଡ) ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ଖୋର୍ଦ୍ଧା ଜିଲାର ୩୩୬ଟି ବିଦ୍ୟାଳୟର ମୋଟ ୨୭,୦୦୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୧୩୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ସେଥିରୁ ଖୋର୍ଦ୍ଧା ଉପଖଣ୍ଡରେ ୬୪ଟି ଏବଂ ଭୁବନେଶ୍ୱର ଉପଖଣ୍ଡରେ ୭୨ଟି କେନ୍ଦ୍ର ରହିଛି। ସେହିପରି ଜିଲାରେ ୧୨ଟି ନୋଡାଲ ସେଣ୍ଟର କରାଯାଇଛି। ସେଥିରୁ ଭୁବନେଶ୍ୱର ଉପଖଣ୍ଡରେ ୬ଟି ଏବଂ ଖୋର୍ଦ୍ଧା ଉପଖଣ୍ଡରେ ୬ଟି ନୋଡାଲ ସେଣ୍ଟର ରହିଛି। ଏଥର ରେଗୁଲାର ୨୬,୯୦୭ ଏବଂ ଏକ୍ସରେଗୁଲାର ୨୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଓଡ଼ିଶା ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରେ ୧୮୦ ଏବଂ ବ୍ୟାକ ପେପର ଥିବା ୫୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରେଗୁଲାର ପତ୍ର ବିନିମୟରେ ୭୧ଜଣ ଏବଂ ଏକ୍ସ-ରେଗୁଲାରରେ ୩ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚାଇବା ଲାଗି ୩୩ଟି ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ୫୦ଟି ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## 'ଭଲ ପାଠପଢ଼ି ସୁନାଗରିକ ହୁଅ'




ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବେଗୁନିଆ,୧୩।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଡାଳତୋଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ପରମାନନ୍ଦ ଦଳେଇ, କୁଞ୍ଜୁରୀ ସରପଞ୍ଚ ପ୍ରଣତି ସାହୁ, ସମିତିସଭ୍ୟା ସୁବାସିନୀ ସାହୁ, ଓଷ୍ଟା ବ୍ଲକ ସଭାପତି ଗଣେଶ୍ୱର ମିଶ୍ର, ଜିଲା ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର, ଦେବରାଜ ପରିଡ଼ା, ଅକ୍ଷୟ ମହାପାତ୍ର, ନିରଞ୍ଜନ ସାମନ୍ତସିଂହାର, ସଂଗ୍ରାମ ମାନ୍ଧାତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭଲ ପାଠପଢ଼ି ସୁନାଗରିକ ହେବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ରତିକାନ୍ତ କହଲସିଂହ ଏବଂ ସିଆର୍‌ସିସି ଗଣେଶ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବେଗୁନିଆ,୧୩।୨(ସନ୍ଧ୍ୟାରାଣୀ ମିଶ୍ର)

ପୋଡ଼ାଡିହ ପଞ୍ଚାୟତ ଦିନିଆରୀ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟିତ୍ରୀ ରଶ୍ମିରେଖା ବେହେରା ସଂଯୋଜନା କରିଥିଲେ। ସରପଞ୍ଚ ଲତା ସେଠୀ ମୁଖ୍ୟ ଅତିଥି, ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ମୁଖ୍ୟବକ୍ତା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଘନଶ୍ୟାମ ସାହୁ, ପରିଚାଳନା କମିଟି ସଭାପତି ବାସନ୍ତୀ ସାହୁ, ଉପସଭାପତି ସୂର୍ଯ୍ୟକାନ୍ତ ସାହୁ, ସଦସ୍ୟ ଭଗବାନ ନାୟକ, ଶିକ୍ଷକ ସମୀର ଚିନରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷା ଦ୍ୱାରା ସମାଜ ପରିବର୍ତ୍ତନ ପାଇଁ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ ଧନ୍ୟବାଦ ଦେଇଥିଲେ।

## ଫୁଟ୍‌ବଲ: ସେଭେନ ଟୁ କ୍ଲବ୍ ସେମିରେ

ବେଗୁନିଆ,୧୩।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗଡଡିଆପଡ଼ା-ଇନ୍ଦୁପୁର ଖେଳପଡ଼ିଆରେ ମହାବୀର ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଖୋର୍ଦ୍ଧାର ସେଭେନ ଟୁ କ୍ଲବ୍ ଏବଂ ଇଟାମାଟିର ଯଦୁମଣି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ସେଭେନ ଟୁ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଚିତ୍ତରଞ୍ଜନ ପରିଡ଼ା ଏବଂ ସୁକାନ୍ତ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ମନୋଜ କୁମାର ସାମନ୍ତସିଂହାର ମ୍ୟାଚରେ ମୁଖ୍ୟ ପରିଚାଳକ ଦାୟିତ୍ୱ ତୁଲାଇଥିଲେ। ଅର୍ଜୁନ ବଳିୟାରସିଂହ, ଭଗବାନ୍ ସାମନ୍ତସିଂହାର, ପ୍ରଶାନ୍ତ କୁମାର ପାଢ଼ଶାଣୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍‌ର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## 'ଭୁଲ୍ ତୋର, ଭୋଗୁଛି ମୁଁ' ମଞ୍ଚସ୍ଥ

କୃଷ୍ଣପ୍ରସାଦ,୧୩।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ପଞ୍ଚାୟତର ସାନଅଁଳ ମା'ବୁଢ଼ୀ ଠାକୁରାଣୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ମାଘ ପୂର୍ଣ୍ଣିମା ଅବସରରେ ୪ର୍ଥ ବାର୍ଷିକ ନାଟକ 'ଭୁଲ୍ ତୋର, ଭୋଗୁଛି ମୁଁ' ମଞ୍ଚସ୍ଥ ହୋଇଯାଇଛି। ଉତ୍ସବକୁ ସାମାଜିକ କର୍ମୀ ଦୀନବନ୍ଧୁ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାନଅଁଳ ଗ୍ରାମ୍ୟ କମିଟି ସଭାପତି ବରେନ୍ଦ୍ର ବାହୁବଳେନ୍ଦ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦୀପକ କୁମାର ଜେନା, ଅତିଥିଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀ ଚରଣ ବେହେରା, ସମ୍ମାନିତ ଅତିଥିଭାବେ ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଯୁବନେତା ଆନନ୍ଦ ସିଂହ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ସୁରଥ ବେହେରା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ଷ୍ଟାଇଲିସ୍ ମାଷ୍ଟର ବିଜୟ କୁମାର ବିଶ୍ୱାଳ, ସହ ନିର୍ଦ୍ଦେଶକ ଟିଟୁ ଖଟେଇଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ମ୍ୟାନେଜର ମକଦମ ସିଂହ ଉତ୍ସବ ପରିଚାଳନା କରିଥିଲେ। ପ୍ରକାଶ, ଅଲେଖ, ଅଶୋକ, ରାକେଶ, ପିନ୍ଟୁ, ଆକାଶ, ଉମାକାନ୍ତ, ପଞ୍ଚାନନ, ବୁଲୁ, ମଣ୍ଟୁ, ରବି, ସୁମନ୍ତ ପ୍ରମୁଖ ନାଟକରେ ଅଭିନୟ କରିଥିଲେ।



ନାଟକ ମଞ୍ଚସ୍ଥ ପୂର୍ବରୁ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିମାନେ।

## ବିଦ୍ୟାଳୟ ଭିତ୍ତିଭୂମିକୁ ସରସ କରିବ ବୃତ୍ତିଗତ, ସାମଗ୍ରିକ ଯୋଜନା

**ବେଗୁନିଆ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ପ୍ରଶିକ୍ଷଣ ଶିବିର**

ବେଗୁନିଆ,୧୩।୨(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ୩ଦିନ ଧରି ଚାଲିଥିବା ପ୍ରଧାନଶିକ୍ଷକ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଜିଲା ଶିକ୍ଷା ଓ ଶିକ୍ଷଣୀୟ ପ୍ରତିଷ୍ଠାନର ପ୍ରଶିକ୍ଷିକା ଶିଖା ଶିଆଳ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷକ ତ୍ରିନାଥ ବେହେରା, ପବିଧର ପରିଡ଼ା, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା ପ୍ରମୁଖ ଯୋଗଦେଇ ବ୍ଲକର ୪୪ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ଓ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନାର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ବିକାଶ ଦିଗରେ ସକାରାତ୍ମକ ମନୋଭାବ ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଟିପ୍ସ ଦିଆଯାଇଥିଲା। ସେହିପରି ବିଦ୍ୟାଳୟ ବିକାଶ ଯୋଜନାକୁ ଲେଖିବା ଓ ତଦାରଖ କରିବା, ଶିକ୍ଷାର୍ଥୀଙ୍କ ଯୋଗଦାନ, ମାତାପିତା ଓ ଅଭିଭାବକଙ୍କୁ ସହବନ୍ଧିତ କରିବା ସହିତ ସହକାରୀଙ୍କ ସହିତ କିପରି କାର୍ଯ୍ୟ କରିବା ଆଦି ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଛି। ବିଶେଷକରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପୂର୍ବ ସୂତ୍ରୀ ଓ ପରିଚାଳନା କମିଟିର ସହଭାଗିତାରେ ବିକଶିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ପ୍ରଶିକ୍ଷିକା ଶିଆଳ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଉଦ୍‌ଯାପନୀ ଶିବିରରେ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗକୁ ଏହି ଯୋଜନା ବିଦ୍ୟାଳୟର ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ ଓ ଭୌତିକ, ଶୈକ୍ଷିକ ଏବଂ ମାନବୀୟ ପରିବେଶକୁ ସରସ ସୁନ୍ଦର କରି ଗଢ଼ି ତୋଳିବ ସେ ସମ୍ପର୍କରେ ଆହ୍ୱାନ ଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୨।୨୦୨୫

| | |
|---|---|
| ୬,୦୨,୭୨୬ ଟଙ୍କା | |
| ସୁନା | ୨.୯୫୦ ଗ୍ରାମ୍ |
| ରୁପା | ୧୧.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଆଜିଠୁ ସତ୍ୟବାଦୀ ମହୋତ୍ସବ ଆକର୍ଷଣ ସାଜିବ ପଞ୍ଚସଖାଙ୍କ ଜ୍ୟୋତିଯାତ୍ରା

ସାକ୍ଷୀଗୋପାଳ, ୧୩।୨ (ଭରତ ରାଉତ)

ବକୁଳବନ ମୁକ୍ତାକାଶ ରଙ୍ଗମଞ୍ଚରେ ଶୁକ୍ରବାର ଠାରୁ ସାଂସ୍କୃତିକ ସମାରୋହ ୮ମ ବାର୍ଷିକ ସତ୍ୟବାଦୀ ମହୋତ୍ସବ ୨୦୨୫ ଅନୁଷ୍ଠିତ ହେବ। ଅପରାହ୍ନ ୩ଟାରେ ଜ୍ୟୋତି ଯାତ୍ରା କରାଯାଇ ମହୋତ୍ସବ ଉଦ୍‌ଘାଟନ କରାଯିବ। ଏହି ମହୋତ୍ସବ ୩ଦିନ ଧରି ଚାଲିବ। ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସତ୍ୟବାଦୀ ଯୁବମଞ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ୍ୟ କରାଯାଇଛି। ବଲିଉଡ୍ ଏବଂ ଓଲିଉଡ୍‌ର ଆଗଧାଡ଼ିର କଳାକାରଙ୍କ ଦ୍ୱାରା ୩ଦିନ ଧରି ମଞ୍ଚରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହେବା ସହିତ ସ୍ଥାନୀୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ଓମ୍ ପ୍ରକାଶ ମିଶ୍ର।

### ବାବା ଆଖଣ୍ଡଳମଣି ଅଟୋଚାଳକ ସଂଘର କର୍ମକର୍ତ୍ତା ନିର୍ବାଚିତ

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)

ବାବା ଆଖଣ୍ଡଳମଣି ଅଟୋଚାଳକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ଜେନା ସଭାପତି, ବିନାୟକ ପଟ୍ଟନାୟକ ଉପସଭାପତି, ଦାଶରଥୀ ସାହୁ ସମ୍ପାଦକ, ମହେନ୍ଦ୍ର କୁମାର ସାହୁ ସହସମ୍ପାଦକ ଓ ସୁରେନ୍ଦ୍ର କୁମାର ପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସଂଘର କମିଟି ସଭ୍ୟ ଭାବେ ଗଣେଶ ବାଗୁଲି, ଅପୂର୍ବ ବାରିକ, ଅପର୍ତ୍ତି ଭୋଳ, ରୁଦ୍ରନାରାୟଣ ଜେନା, ଶୁଭଙ୍କର ମହାରଣା, ବୀରେନ୍ଦ୍ର କୁମାର ସାହୁ ଏବଂ ମହେନ୍ଦ୍ର ଭୂୟାଁ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ଅଡିଟର ଭାବେ ଗଦାଧର ବେହେରା ଓ ରତିକାନ୍ତ ସୁବୁଦ୍ଧିଙ୍କୁ ଅଡିଟର ଭାବେ ନିର୍ବାଚିତ କରାଯାଇଛି। ସୂଚନାଯୋଗ୍ୟ, ପ୍ରମୋଦ ଗତ ୪ ବର୍ଷ ଧରି ସଂଘର ସଭାପତି ଭାବେ ନିର୍ବାଚିତ ହୋଇଆସୁଛନ୍ତି।

### ଭାଗବତ ସପ୍ତାହ ଓ ମହାଯଜ୍ଞ

ପିପିଲି, ୧୩।୨ (ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ସରସ୍ୱତୀପୁର ଗ୍ରାମରେ ସାତ ଦିନ ଧରି ଭାଗବତ ସପ୍ତାହ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାଘ ପୂର୍ଣ୍ଣିମା ୭ ଦିନ ପୂର୍ବରୁ ଆରମ୍ଭ କରାଯାଇ ଗ୍ରାମଦେବତୀ ମା' ଭଗବତୀଙ୍କ ପ୍ରାଙ୍ଗଣ ପରିସର ମଧ୍ୟରେ ଭାଗବତ ପଠନ କରାଯାଇ ପୂର୍ଣ୍ଣିମା ଦିନ ଅର୍ଥାତ ବୁଧବାର ଦିନ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଉକ୍ତ ପୀଠରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦୈନିକ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇଥାଏ।

# ସାଧାରଣ ଲୋକଙ୍କ ବନ୍ଧୁ ରେଡିଓ

## 'ବଡ଼ଦାଣ୍ଡ ସେବା' ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳିତ

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)


'ବଡ଼ଦାଣ୍ଡ ସେବା' ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ଯୋଗାଯୋଗର ସବୁଠାରୁ ସହଜ ଓ ସରଳ ମାଧ୍ୟମ ରେଡିଓ। ସେଥିପାଇଁ ରେଡିଓକୁ ସାଧାରଣ ଲୋକଙ୍କ ବନ୍ଧୁ କୁହାଯାଏ ବୋଲି ପୁରୀ ଓ କଟକ ଆକାଶବାଣୀ କେନ୍ଦ୍ରର ସହାୟକ ନିର୍ଦ୍ଦେଶକ ମାନସ ରଞ୍ଜନ ନାୟକ କହିଛନ୍ତି। ଗୁରୁବାର ଅପରାହ୍ନରେ ପୁରୀ ମରିଚିକୋଟ ଛକଠାରେ ସାମାଜିକ ସଙ୍ଗଠନ 'ବଡ଼ଦାଣ୍ଡ ସେବା'ର ପଞ୍ଚମ ବାର୍ଷିକୋତ୍ସବ ଅବସରରେ ବିଶ୍ୱ ରେଡିଓ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାୟକ ଯୋଗଦେଇ ରେଡିଓ ସୂଚନା, ଶିକ୍ଷା, ମନୋରଞ୍ଜନ ମାଧ୍ୟମରେ ଶିଶୁ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର କରିନିଏ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନତାଙ୍କୁ ଅବଗତ କରାଇବା, ଲୋକଙ୍କ ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ଉପସ୍ଥାପନ କରିବାରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ସମୟରେ ଅନ୍ୟ ମାଧ୍ୟମ ପ୍ରଭାବିତ ହେଉଥିବାବେଳେ ବେତାର ମାଧ୍ୟମ ହିଁ ଲୋକଙ୍କୁ ବିବିଧ ଜରୁରୀ ଓ ସତର୍କ ସୂଚନା ପ୍ରଦାନରେ ସହାୟକ ହୋଇଥାଏ। ସେହିପରି ରେଡିଓ ପାଖରେ ଥିଲେ କେବେ କେହି ଏକଲା ଅନୁଭବ କରିବେ ନାହିଁ ବୋଲି ସେ କହିଥିଲେ। ଟାଉନ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାସ, ସଦର ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ପୂର୍ବତନ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ରନାଥ ସେନାପତି, ସମାଜସେବୀ ସୂର୍ଯ୍ୟନାରାୟଣ ରଥ, ବଡ଼ବଜାର ସଭାପତି ଯଶୋବନ୍ତ ପାତ୍ର, ମରିଚିକୋଟ ବିନାୟକ ସମିତି ସଭାପତି ରାମଚନ୍ଦ୍ର ପାଢ଼ୀ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା ଏବଂ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ରେଡିଓ ସବୁ ସମୟରେ ସମସ୍ତଙ୍କୁ ସେବା ଯୋଗାଇ ଆସିଛି ବୋଲି କହିବା ସହ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବର୍ଷୀୟାନ୍ ରେଡିଓ ଶ୍ରୋତା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ ସହ ବିବରଣୀ ଉପସ୍ଥାପନ କରିଥିଲେ। ସଦସ୍ୟ ନାରାୟଣ ରାୟ ସିଂ, ଜଗନ୍ନାଥ ପାଢ଼ୀ, ସୁନିଲ କୁମାର ମହାପାତ୍ର, ଆଲୋକ ବାରିକ, ସତ୍ୟ ଚିନାରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶିଶୁଙ୍କ ସୁରକ୍ଷାରେ ଶିକ୍ଷକଙ୍କ ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ସମସ୍ତ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ହଷ୍ଟେଲ ଅଧୀକ୍ଷକଙ୍କୁ ଗୁରୁବାର ଜିଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ଶିଶୁ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରି କହିଥିଲେ, ଶିଶୁମାନେ ଅଧିକାଂଶ ସମୟ ବିଦ୍ୟାଳୟରେ କାଟିଥାନ୍ତି। ତେଣୁ ଶିକ୍ଷକଙ୍କ ମାର୍ଗଦର୍ଶନ ଓ ଶିକ୍ଷା ହିଁ ଶିଶୁଙ୍କ ସୁରକ୍ଷାକୁ ନିଶ୍ଚିତ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଗୁଡ଼ିକା ସଙ୍ଗଠନର ମୁଖ୍ୟ ବେଣୁଧର ସେନାପତି, ପିକକ୍ ନିର୍ଦ୍ଦେଶକ ରଞ୍ଜନ ମହାନ୍ତି ଏବଂ ଜିଲା ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ ପରିଡ଼ା ଯୋଗଦେଇ ଶିଶୁ ଅଧିକାର, ଡ୍ରପ ଆଉଟ ପ୍ରଭାବ, ଶିଶୁ ସୁରକ୍ଷାର ବିଧାନ ସମୂହ, କିଶୋର ସ୍ୱାସ୍ଥ୍ୟ ଆଦି ବିଷୟରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ହରେକୃଷ୍ଣ ସାହୁ, ରୋଜାଲିନ ପାତ୍ର, ବିଜୟ କୁମାର ପରିଡ଼ା, ଶକୁନ୍ତଳା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟଜୋନ୍ ଆମ୍ବୁଲାନ୍ସ କ୍ୟାଡେଟଙ୍କୁ ସମ୍ମାନପତ୍ର

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)

## ମହାକୁମ୍ଭରେ ସେବା ଯୋଗାଇଥିଲେ

ଆସ୍ଥା ଓ ବିଶ୍ୱାସର ମହାସଙ୍ଗମ ପ୍ରୟାଗରାଜ ମହାକୁମ୍ଭରେ ଚିକିତ୍ସାସେବା ଯୋଗାଇ ସେଣ୍ଟଜୋନ୍ ଆମ୍ବୁଲାନ୍ସ ପୁରୀ ଜିଲାର କ୍ୟାଡେଟମାନେ ପ୍ରଶଂସା ସାଉଣ୍ଟିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ଇଣ୍ଡିଆନ ରେଡକ୍ରସ୍ ସୋସାଇଟିର ଉତ୍ତରପ୍ରଦେଶ ଶାଖା ପକ୍ଷରୁ ସମ୍ମାନପତ୍ର ପ୍ରେରଣ କରାଯାଇଥିଲା। ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କ୍ୟାଡେଟମାନଙ୍କୁ ଉକ୍ତ ସମ୍ମାନପତ୍ର ପ୍ରଦାନ କରିଛନ୍ତି। ଆଗାମୀ ମହାଶିବରାତ୍ରରେ ଭିଡ଼ ନିୟନ୍ତ୍ରଣ, ଚିକିତ୍ସା ଶିବିର, ପାନୀୟଜଳ ବଣ୍ଟନ ଆଦି ନିମନ୍ତେ ସେ ପରାମର୍ଶ ଦେଇଥିଲେ। ଜଗନ୍ନାଥଧାମର କମାଣ୍ଡର ଲାଲା ଅନନ୍ତ କୁମାର ସିଂ, ନିରଞ୍ଜନ ମହାପାତ୍ର, ଅଜୟ କୁମାର ପ୍ରଧାନ, ଡାକ୍ତର ପବିତ୍ର ପ୍ରଧାନ, ରମାକାନ୍ତ ଜେନା, ଜି. ବାପି, ଚିନ୍ତାମଣି ପାଢ଼ୀ, ପ୍ରଣବ ମହାପାତ୍ର, ଗଣେଶ ମାଲିଆ, ରଞ୍ଜନ ଅଗ୍ରୱାଲ ଏହି ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ସେଣ୍ଟଜୋନ୍ ଆମ୍ବୁଲାନ୍ସ ଓ ରେଡକ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ମଧୁମିତା ମହାପାତ୍ର ଏବଂ ଜୟନ୍ତୀ ମହାପାତ୍ର ଯୋଗଦେଇ କ୍ୟାଡେଟମାନଙ୍କୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ସେଣ୍ଟଜୋନ୍ ଯୁଗ୍ମସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗତ ୨୯ ତାରିଖରେ ମହାକୁମ୍ଭ ଯାଇ ଫେବୃଆରୀ ୫ ପର୍ଯ୍ୟନ୍ତ ସେବା ପ୍ରଦାନ କରିଥିଲେ। ଏଥିସହ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶାର ମହାନୀୟତା ନେଇ ପ୍ରଚାର ପ୍ରଚାର କରିବା ସମେତ ତମାଖୁମୁକ୍ତ ଓ ସ୍ୱଚ୍ଛ ଭାରତବର୍ଷ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।

# ଶ୍ରମିକଙ୍କ ସୁରକ୍ଷା, ଅଧିକାର ସଂକ୍ରାନ୍ତ ସଚେତନତା


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)

ଶ୍ରମିକଙ୍କ ଅଧିକାର ଓ ସୁରକ୍ଷା ସଂକ୍ରାନ୍ତ ଭ୍ରାମ୍ୟମାଣ ସଚେତନତା ରଥ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରସରରେ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ପୁରୀ ଜିଲାର ପ୍ରତି ବ୍ଲକ ବୁଲି ଜନସାଧାରଣଙ୍କୁ ସଚେତନ କରାଇବ। ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ୧୫ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ତଥା ପ୍ରକ୍ରିୟାରେ ନିୟୋଜନ କରିବା ଧର୍ତ୍ତବ୍ୟ ଅପରାଧ। ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମନା ଓ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏପରିକି ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ଯିବାକୁ ପଡ଼ିପାରେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସବୁଜ ପତାକା ହଲାଇ ଭ୍ରାମ୍ୟମାଣ ଭ୍ୟାନ୍‌କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶ୍ରମ କମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲା ଶ୍ରମଧିକାରିଣୀ ପ୍ରଜ୍ଞା ପରିମିତା ସାହୁ, ଅତିରିକ୍ତ ଶ୍ରମଧିକାରୀ ବିକ୍ରମ କିଶୋର ପ୍ରଧାନ, ପଲ୍ଲବୀ ସାହୁ, ଆଶୁତୋଷ ସାହୁ, ଡିସିପିଓ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ।

## ଭାଜପା ମଣ୍ଡଳର ସାଙ୍ଗଠନିକ ବୈଠକ

ବଲଙ୍ଗା, ୧୩।୨ (କେଦାରେଶ୍ୱର ନନ୍ଦ)

ବଲଙ୍ଗା ବଜାରରେ ଥିବା ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ବଲଙ୍ଗା ଭାଜପା ମଣ୍ଡଳର ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଗଡ଼ପଦନପୁର ପଞ୍ଚାୟତ ସମିତି ସଭ୍ୟ ରଞ୍ଜିତ ରାଉତରାୟ, ଜିଲା ସଭ୍ୟ ପ୍ରସନ୍ନ କୁମାର ଦାଶ, ରାଜ୍ୟ ପରିଷଦ ସଦସ୍ୟ ସ୍ୱର୍ଣ୍ଣଲତା ମାଝୀ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ ପ୍ରମୁଖ ଯୋଗଦେଇ ଆଗକୁ ଦଳକୁ ସୁଦୃଢ଼ କରାଯିବା ଉପରେ ବକ୍ତବ୍ୟ ରଖିଥିଲେ।

## ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ

ଅସ୍ତରଙ୍ଗ, ୧୩।୨ (ମମତା ଜେନା)

କାକଟପୁର ବ୍ଲକ ଅଧୀନସ୍ଥ ଶ୍ୟାମରାୟପାଟଣା ଗ୍ରାମରେ ପଞ୍ଚଦଶ ବାର୍ଷିକୀ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଳିତ ହୋଇଯାଇଛି। ନାମଯଜ୍ଞରେ ଭାଗୀରଥି ଡାଳୁଆ କର୍ତ୍ତା ଓ ପତ୍ନୀ ସୁକାନ୍ତି ଡାଳୁଆ କର୍ତ୍ତ୍ରୀ ଓ ପୂଜକ ଭାବେ ବାବା ଅକ୍ଷୟ ବାଲଯୋଗୀ ପୂଜା କାର୍ଯ୍ୟ କରିଥିଲେ। ୩ ଦିନ ବ୍ୟାପୀ ଏହି ନାମଯଜ୍ଞରେ ଗ୍ରାମବାସୀ ଓ ପରିବାର ସମୂହ ଯୋଗଦେଇଥିଲେ। ପଡ଼ୋଶୀ ଗ୍ରାମର ଓଡ଼ିଶୀ ତଥା ନଦିଆ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଗ୍ରାମଟି ମୁଖରିତ ହୋଇ ଉଠିଥିଲା। ଗ୍ରାମର ଅଧିବାସୀ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି କଣ୍ଟାପଡ଼ା ଗ୍ରାମପଞ୍ଚାୟତ ତୁଳାମାଳ ଗ୍ରାମର ଥାନପତିଙ୍କ ମନ୍ଦିର ପ୍ରାଙ୍ଗଣରେ ୩ ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଧନିତ୍ରୀ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତାପ ପଣ୍ଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟ ସମାପନ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ରାଧା ମୋହନ ବିଶ୍ୱାଳ, ବିନୟ ଷଡ଼ଙ୍ଗୀ, ବଳରାମ ସ୍ୱାଇଁ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ନିରଞ୍ଜନ ପଣ୍ଡା, ପ୍ରସନ୍ନ ବିଶ୍ୱାଳ, କାଳନ୍ଦୀ ମହାନ୍ତି, ଶରତ ବିଶ୍ୱାଳ, ବ୍ରଜମୋହନ ପ୍ରଧାନ ଓ ଚକ୍ରଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ୧୮ରୁ ସାଧୁସନ୍ଥଙ୍କ ପ୍ରାଚୀ ପରିକ୍ରମା ଆରମ୍ଭ

ଯୋଗେଶ୍ୱରପୁର, ୧୩।୨ (ରଶ୍ମିରଞ୍ଜନ ସାହୁ)

ଆସନ୍ତା ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ସାଧୁସନ୍ଥଙ୍କ ପ୍ରାଚୀ ପରିକ୍ରମା ଅନୁଷ୍ଠିତ ହେବ। ପ୍ରାଚୀ ନଦୀର ସୁରକ୍ଷା ଓ ଏହାର ମହାତ୍ମ୍ୟ ବିଷୟରେ ସଚେତନତା ସୃଷ୍ଟି କରିବାକୁ ସାଧୁସନ୍ଥଙ୍କ ପକ୍ଷରୁ ପରମହଂସ ପ୍ରଜ୍ଞାନା ନନ୍ଦ ମହାରାଜ ଦେବଙ୍କ ନେତୃତ୍ୱରେ ୧୨ବର୍ଷ ହେବ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଯାତ୍ରା ପ୍ରାଚୀ ଉପତ୍ୟକାର ଅନ୍ଧ କପିଳେଶ୍ୱର ସମ୍ଭୁ ପୀଠରୁ ପରିକ୍ରମା ଆରମ୍ଭ ହେବ। ସେହିଦିନ ଯାତ୍ରୀମାନେ ନୂଆଗାଁ ରାଧାକାନ୍ତ ମଠଠାରେ ପ୍ରାଚୀ ଆଳତି କରି ରାତ୍ରିଯାପନ କରିବେ। ୧୯ ତାରିଖରେ ମୁସିବାବା ମଠଠାରେ ପ୍ରାଚୀ ଆଳତି କରି ମାଧବ ଗ୍ରାମର ଦୁର୍ଗାମାଧବ ମନ୍ଦିରଠାରେ ସନ୍ଧ୍ୟା ଆଳତି କରି ରାତ୍ରି ଯାପନ କରିବେ। ୨୦ ତାରିଖରେ ମାଧବଠାରେ ପ୍ରାଚୀ ଆଳତି କରି ବେତେଣ୍ଡା ଦେଇ କାକଟପୁର ଦେଉଳି ମଠରେ ପହଞ୍ଚି ପ୍ରାଚୀ ଆଳତି କରି ରାତ୍ରିଯାପନ କରିବେ। ପରଦିନ ଦେଉଳି ମଠଠାରେ ପ୍ରାଚୀ ଆଳତି କରି ସରିପୁରୁର ଅପସରା ମଠ ଦେଇ କେଉଟଜଙ୍ଗାର କେଲୁଣି ମୁହାଣରେ ପହଞ୍ଚି ରାତ୍ରିଯାପନ କରିବେ। ୨୨ ତାରିଖରେ ମୁହାଣଠାରେ ପ୍ରାଚୀ ଆଳତି କରି ତେନ୍ତୁଳିଆ ମଠ, ବାଲିଶାଇ, ସୋମେଶ୍ୱର, ସମ୍ଭୁ ମନ୍ଦିର ଦେଇ ନୟାହାଟର ରାମେଶ୍ୱର ଘାଟରେ ପ୍ରାଚୀ ଆଳତି କରି ନୂଆମଠରେ ରାତ୍ରିଯାପନ କରିବେ। ୨୩ ତାରିଖରେ କ୍ଷୀର ଗଛ ମଠଠାରେ ପ୍ରାଚୀ ଆଳତି କରି ଶଙ୍ଖପଡ଼ା ଦେଇ ଦେଉଳିଧରପୁରର ବୁଧିକେଶ୍ୱର ମନ୍ଦିରରେ ପହଞ୍ଚି ପ୍ରାଚୀ ଆଳତି କରି ରାତ୍ରିଯାପନ କରିବେ। ୨୪ ତାରିଖରେ ତ୍ରିବେଣୀ ତୀର୍ଥଠାରେ ପ୍ରାଚୀ ଆଳତି କରି ଅନ୍ତର୍ବେଦୀ ମଠ ଦେଇ ଶେଷରେ କପିଳେଶ୍ୱରପୁରର ଅନ୍ଧ କପିଳେଶ୍ୱର ଓ ସମ୍ଭୁ ଯାତ୍ରା ଶେଷ କରିବେ। ସେଠାରେ ପଙ୍କ ଉଦ୍ଧାର ଏକାଦଶୀ ଦିନ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବ।

# କେସିସି ଦଳ ଚାମ୍ପିୟନ୍


ଟ୍ରଫି ସହ କେସିସି ଦଳର ଖେଳାଳିମାନେ ।

ପିପିଲି, ୧୩।୨ (ଦୁର୍ଗା ମାଧବ ମିଶ୍ର)

## ସୁହାଗପୁର ପ୍ରିମିୟର ଲିଗ୍ ସିଜନ୍-୨

ପିପିଲି ବ୍ଲକ ସହଜପୁର ପଞ୍ଚାୟତ ଅନ୍ତର୍ଗତ ମା' ଖଜୁରେଇ ଖେଳପଡ଼ିଆରେ ସୁହାଗପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେସିସି ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ଜବାବରେ ଉପ୍ପଳା କିଙ୍ଗ୍ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଏହି ଫାଇନାଲ୍ ମ୍ୟାଚକୁ କେସିସି ଦଳ ୨୪ ରନରେ ଜିତି ଚଳିତବର୍ଷର ଚାମ୍ପିୟନ ଦଳ ଭାବେ ବିବେଚିତ ହୋଇଛି।

ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଅତିଥି ଭାବେ ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ବିଶ୍ୱଜିତ୍ ଦାଶ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୀମାଞ୍ଚଳ ମହାପାତ୍ର ଓ ସନ୍ତୋଷ ସାହୁ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋର ଆଙ୍କର ଜିତେନ୍ଦ୍ର ପରିଡ଼ା, ଦେବାଶିଷ ବେହେରା ଓ କାହ୍ନୁ ଚରଣ ସେଠୀ ପ୍ରମୁଖ ରହିଥିଲେ।

# ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କର

ଗୋପ, ୧୩।୨ (ଭାରତୀ ଭୂଷଣ ଉପାଧ୍ୟାୟ)

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକମାନେ ଆଇନ କ'ଣ, କ'ଣ କରିପାରେ, ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ କୁସୁପୁରସ୍ଥିତ ଏକ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଡିଓ ଛବିରାଣୀ ସାହୁ, ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରିଣୀ ମୀନାକ୍ଷୀ ସାହୁଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗଦେଇ ଆଇନ ସମ୍ପର୍କରେ ସଚେତନ କରିବା ଲାଗି ପରାମର୍ଶ ଦେଇଥିଲେ। ଆଇନକାନୁନ ଦ୍ୱାରା ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ, ସେ ନେଇ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ, ଭଗବାନ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଗୋପ ବ୍ଲକର ୩୧ଟି ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସିଆରପି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହିତ ଅନ୍ୟମାନଙ୍କୁ ପରାମର୍ଶ ଦେବା ସହିତ ଆଇନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ମହିଳା ମହାସଂଘ ସଭାପତି ମୀନାକ୍ଷୀ ପୁଷ୍ଟି, ସୁଚିତ୍ରା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ପ୍ରଜ୍ଞା ପାରମିତା ଭୁଜବଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଡିଓ ଛବିରାଣୀ ସାହୁ ଏବଂ ଅନ୍ୟ ଅତିଥି ।

# ୧୫ରୁ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ

ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଉଛି ।

## ଟ୍ରଫି ଓ ଜର୍ସି ଉନ୍ମୋଚିତ

ଚଳିତମାସ ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଶ୍ରୀମନ୍ଦିର ଟ୍ରଫି ତଥା ସେବାୟତ ପ୍ରିମିୟର୍ ଲିଗ୍ କ୍ରିକେଟ ଆୟୋଜନ ହେବ। ଏଥିରେ ୧୪ ଟିମ୍ ଏବଂ ୧୪ ନିଯୋଗ ସାମିଲ ହେବେ। ପ୍ରତିଯୋଗିତାରେ ୨୨୪ ଜଣ ଶ୍ରୀମନ୍ଦିର ସେବାୟତ ଖେଳାଳି ଅଂଶଗ୍ରହଣ କରିବେ। ଏନେଇ ଗୁରୁବାର ଅପରାହ୍ନରେ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯିବା ସହ ଲିଗ୍‌ର ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଛି। ଛତିଶା ନିଯୋଗର ୧୪ ନିଯୋଗ ଏହି ଲିଗ୍‌ରେ ଭାଗ ନେଉଥିବା ବେଳେ ସମସ୍ତ ଟିମ ପାଇଁ ସ୍ୱତନ୍ତ୍ର ଜର୍ସି ବ୍ୟବସ୍ଥା ହୋଇଛି। ଛତିଶା ନିଯୋଗ ପକ୍ଷରୁ ଆୟୋଜିତ ଏହି ଲିଗ୍‌କୁ ଜିଲା ପ୍ରଶାସନ ସହଯୋଗ କରୁଛି। ଚାମ୍ପିୟନ ଟିମ୍ ପାଇଁ ୨୦ ହଜାର, ରନର୍ସ ଅପ୍ ପାଇଁ ୧୫ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଯଥାକ୍ରମେ ୧୦ ହଜାର ଓ ୫ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ରଖାଯାଇଛି। ୮ ଦିନ ଧରି ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଚାଲିବାକୁ ଥିବା ଏହି ଲିଗ୍ ଦିବାରାତ୍ର ବିଶିଷ୍ଟ ହେବ। ପ୍ରତ୍ୟେକ ଲିଗ୍ ମ୍ୟାଚ୍ ୧୫ ଓଭର୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ୨୦ ଓଭର ବିଶିଷ୍ଟ ହେବ। ସେବାୟତମାନଙ୍କ ଭିତରେ ଏକତ୍ୱ, ଭାଇଚାରା ଓ ଅଙ୍ଗୀକାରବଦ୍ଧତା ବଜାୟ ରଖିବା ଏହି କ୍ରିକେଟ ଲିଗ୍‌ର ଉଦ୍ଦେଶ୍ୟ ବୋଲି ସେବାୟତ ନିଯୋଗର କର୍ମକର୍ତ୍ତା ତଥା ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ବିନାୟକ ଦାସ ମହାପାତ୍ର, ଅନନ୍ତ ଚରଣ ତିଆଡ଼ି ଏବଂ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରି ଥିଲେ। ଏଥିରେ ବିଭିନ୍ନ ନିଯୋଗ କର୍ମକର୍ତ୍ତା ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଲିଗ୍‌କୁ ନେଇ ଜିଲା ପ୍ରଶାସନର ଏକ ଚିଠି ପୁରୀରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଲିଗ୍ ପାଇଁ ବିଭିନ୍ନ ତାରକା ତଥା ନାମୀଦାମୀ ହୋଟେଲକୁ ଜଳଖିଆ ଓ ରାତ୍ରଭୋଜନ ଆଦି ଯୋଗାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି। ଉକ୍ତ ଚିଠିକୁ ନେଇ ପୁରୀରେ ଆଲୋଚନା ହେବା ସହ ବୁଦ୍ଧିଜୀବୀମାନେ ପ୍ରଶାସନର ଏଭଳି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି।

## ସଂକ୍ଷେପରେ

### ମୋବାଇଲ, ବାଇକ୍ ଜବତ: ୨ ଗିରଫ

ଫୁଲନଖରା,୧୩।୨(ସତ୍ୟରଞ୍ଜନ ଦାସମହାପାତ୍ର)

ମୋବାଇଲ ଲୁଟ୍ ଅଭିଯୋଗରେ ପାହାଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଭୋଇସାହିର ମନୋରଞ୍ଜନ ଭୋଇ ଓ କଟକ ସଦର ଥାନା ଅନ୍ତର୍ଗତ ସନ୍ତୋଳନଗରୀ ଗ୍ରାମର ବିକ୍ରମ ବେହେରା। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ସକାଳ ୯ଟାରେ ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମର ଦେବେନ୍ଦ୍ର ସାହୁ ତାଙ୍କ ବନ୍ଧୁଙ୍କ ସହିତ ତ୍ରିନାଥ ବଜାରରୁ ନଖରା ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ଘରୋଇ କଲେଜ ଛକ ନିକଟରେ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ଆସି ଦେବେନ୍ଦ୍ରଙ୍କ ନିକଟରୁ ମୋବାଇଲ ଲୁଟ୍ କରି ପଳାଇ ଯାଇଥିଲେ। ଏନେଇ ଦେବେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୯/୨୫) ରୁଜୁ କରିଛି।

### ଚୌଦ୍ୱାର କଲେଜ ଅର୍ଥନୀତି ବିଭାଗର ବାର୍ଷିକ ସମ୍ମାନ

ଚୌଦ୍ୱାର,୧୩।୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଅର୍ଥନୀତି ବିଭାଗର ବାର୍ଷିକ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଶାରଦା କର ଅତିଥି ଭାବେ ଯୋଗଦେଇ ଭାରତୀୟ ଅର୍ଥନୀତିରେ ସବୁଜ କୃଷି ଓ ପରିବେଶ ସଂରକ୍ଷଣର ଧାରା ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସ୍ୱର୍ଣ୍ଣପ୍ରଭା ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଆଲୁମ୍ନି ଓ ଅଧ୍ୟାପନା ମଣ୍ଡଳୀ, ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଦୀପକ ଦାସ ଧନ୍ୟବାଦ ଦେଇଥିଲେ।

### ପ୍ରେସ୍ କ୍ଲବ୍ ପକ୍ଷରୁ ଡାକ୍ତରୀ ଉପକରଣ ପ୍ରଦାନ

ଚୌଦ୍ୱାର,୧୩।୨(ଆଶୁତୋଷ ଦାସ)

ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ଚାରବାଟିଆ ହାଉସିଂବୋର୍ଡସ୍ଥିତ ବରିଷ୍ଠ ନାଗରିକ କ୍ଲବ୍‌କୁ ବିଭିନ୍ନ ଡାକ୍ତରୀ ଉପକରଣ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବରିଷ୍ଠ ନାଗରିକ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ପ୍ରେସ୍ କ୍ଲବ୍ ସଦସ୍ୟ ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଓଜନ ଯନ୍ତ୍ର, ରକ୍ତଚାପ ପରୀକ୍ଷା ମେଶିନ, ଅକ୍ସିମିଟର ଆଦି ଯନ୍ତ୍ରପାତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କ୍ଲବ୍ ସଭାପତି ପ୍ରତାପ କୁମାର ସାମଲ, ସମ୍ପାଦକ ସୁଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଧାନମଣ୍ଡି ପରିଦର୍ଶନ କଲେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି

କଟକ ସଦର,୧୩।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତିର ଧାନମଣ୍ଡିକୁ ଗୁରୁବାର ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଥିଲେ। ସେଠାରେ ସେ ଚାଷୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ସରକାର ଦେଉଥିବାରୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଯେଉଁମାନେ ଧାନ କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ଚେତାବନୀ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଉପସଭାପତି ହୃଷୀକେଶ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ଜିତେନ୍ଦ୍ର କୁମାର ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିଭା ଶତପଥୀ, ଗୋକୁଳାନନ୍ଦ ପ୍ରଧାନ, ଅଭୟ କୁମାର ସ୍ୱାଇଁ, ଯୋଗେନ୍ଦ୍ର ଭୋଇ, ନିରଞ୍ଜନ ରାଉତ, ଅଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ମାସରେ ଦୁର୍ଘଟଣା, ମୃତ୍ୟୁସଂଖ୍ୟା କମିଲା

କଟକ,୧୩।୨(କାର୍ତ୍ତିକ ସାହୁ)

ସଡ଼କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାକୁ ସଫଳତା ମିଳିଛି। ଦୁର୍ଘଟଣାପ୍ରବଣ ମାସ ଭାବେ ପରିଚିତ ଜାନୁଆରୀରେ ପୂର୍ବବର୍ଷ ତୁଳନାରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିବା ରାଜ୍ୟ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସୂଚନା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ୨୦୨୫ ଜାନୁଆରୀକୁ ଜାତୀୟ ସଡ଼କ ସୁରକ୍ଷା ମାସ ଭାବରେ ପାଳନ କରାଯାଇଥିଲା। ଏହି ଅବସରରେ ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କ ଜରିଆରେ ଜାନୁଆରୀ ମାସ ବ୍ୟାପୀ ରାଜ୍ୟରେ ସଚେତନତା ଓ ଏନ୍‌ଫୋର୍ସମେଣ୍ଟକୁ ବ୍ୟାପକ କରାଯାଇଥିଲା। ଜାନୁଆରୀ ମାସର ସଡ଼କ ଦୁର୍ଘଟଣା ତଥ୍ୟରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ୨୦୨୫ ଜାନୁଆରୀରେ ରାଜ୍ୟରେ ୯୯୪ ଦୁର୍ଘଟଣା ଘଟିଥିବାବେଳେ ମୃତ୍ୟୁସଂଖ୍ୟା ୪୧୭ ରହିଛି। ୨୦୨୪ରେ ଦୁର୍ଘଟଣା ସଂଖ୍ୟା ୧୦୯୩ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୫୬୧ରେ ପହଞ୍ଚିଥିଲା। ସେହିଭଳି ୨୦୨୩ରେ ଏହି ସଂଖ୍ୟା ଯଥାକ୍ରମେ ୧୧୯୯ ଓ ୫୫୪ ରହିଥିଲା।

ବିଭିନ୍ନ କାରଣ ଯୋଗୁ ଡିସେମ୍ବର ଓ ଜାନୁଆରୀରେ ସର୍ବାଧିକ ଦୁର୍ଘଟଣା ଘଟିଥାଏ। ବିଦାୟୀ ବର୍ଷ ଓ ନୂଆବର୍ଷରେ ଲୋକମାନେ ବିଭିନ୍ନ ସ୍ଥାନକୁ ପିକ୍‌ନିକ୍ ପାଇଁ ଯାଇଥାନ୍ତି। ଯାହା ମଦ୍ୟପାନ ଓ ଦ୍ରୁତଗତି ଜନିତ ଦୁର୍ଘଟଣାକୁ ବୃଦ୍ଧି କରାଏ। ସେହିଭଳି କୁହୁଡ଼ି ଯୋଗୁ ଅନେକ ଦୁର୍ଘଟଣା ମଧ୍ୟ ଘଟିଥାଏ। ତେଣୁ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଏହି ମାସଗୁଡ଼ିକରେ ବିଶେଷ ନଜର ରଖିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା। ଅପରପକ୍ଷରେ ଦିନକୁ ଦିନ ଯାନବାହନ ସଂଖ୍ୟା ବୃଦ୍ଧି ସହ ସଡ଼କ ଦୁର୍ଘଟଣା ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହା ଉପରେ ନିୟନ୍ତ୍ରଣ ଆଣିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ଲଗାତର ପ୍ରୟାସ କରୁଛି। ଜାନୁଆରୀରେ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ସହିତ ପ୍ରତି ବୁଧବାରକୁ ଜିରୋ ଟଲେରାନ୍ସ ଡେ ଭାବରେ ପାଳନ କରାଯାଉଛି। ଆଗକୁ ସଚେତନତା କାର୍ଯ୍ୟକ୍ରମ ଓ ଏନ୍‌ଫୋର୍ସମେଣ୍ଟକୁ ଆହୁରି ବ୍ୟାପକ କରାଯିବ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି।




ବିଭିନ୍ନ ଦାବି ନେଇ କଟକ ବାଦାମବାଡ଼ିସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଗୁରୁବାର ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଟିପିସିଓଡିଏଲ୍‌ର ଟ୍ରାନ୍ସଫର୍ମା ୱାର୍କଶପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ଓ ଅନ୍ୟମାନେ।

ଭୁବନେଶ୍ୱର,୧୩।୨(ଅଭୟ ଦାଶ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଅତ୍ୟାଧୁନିକ ଡିଷ୍ଟ୍ରିବ୍ୟୁଶନ୍ ଟ୍ରାନ୍ସଫର୍ମା ୱାର୍କଶପ୍ କଟକ ଜିଲାର ଚୌଦ୍ୱାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ସିଂହ କହିଛନ୍ତି, ଆମେ ଆମର ଏହି ଅତ୍ୟାଧୁନିକ ଡିଷ୍ଟ୍ରିବ୍ୟୁଶନ୍ ଟ୍ରାନ୍ସଫର୍ମା ୱାର୍କଶପକୁ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ୱାର୍କଶପ ଜରିଆରେ ଆମେ ଗୁଣାତ୍ମକ ସେବା ଓ ସୁବିଧା ଆମ କାର୍ଯ୍ୟ ପରିସର ଅଞ୍ଚଳରେ ଯୋଗାଇପାରିବୁ। ଏହି ୱାର୍କଶପ୍‌ରେ ବ୍ୟବହୃତ ନବୀନତମ ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ ମାଧ୍ୟମରେ ଟ୍ରାନ୍ସଫର୍ମର ଗୁଡ଼ିକର ପରୀକ୍ଷଣ ଏବଂ ମରାମତି କରାଯିବ ବୋଲି ସେ କହିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓଙ୍କୁ ଆକ୍ରମଣ

ଖୁଣ୍ଟୁଣୀ/ଆଠଗଡ଼,୧୩।୨
(ସଚ୍ଚିଦାନନ୍ଦ ପଣ୍ଡା/ ସତ୍ୟ ପ୍ରସାଦ ରଥ)

**ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଜିଠୁ କଲମ ଛାଡ଼ ଆନ୍ଦୋଳନ**

ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଗୁରୁବାର ମଧ୍ୟାହ୍ନରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଦିବ୍ୟାନୁ ରଞ୍ଜନ ବେହେରାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଦିବ୍ୟାନୁ ପଞ୍ଚାୟତ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ସୁନୀଲ ସାହୁଙ୍କ ସହିତ ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନାର ସର୍ଭେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଖୁଣ୍ଟୁଣୀ ଗ୍ରାମର ତପନ ପ୍ରଧାନ ଓ ପରେଶ ସାହୁ ୩ ଜଣ ସହଯୋଗୀଙ୍କ ସହିତ ସେଠାରେ ପହଞ୍ଚି ହଠାତ୍ ପିଇଓ ବେହେରାଙ୍କୁ ଆକ୍ରମଣ କରିବା ସହ ତଣ୍ଟିଚିପି ମାରିଦେବାକୁ ଧମକ ଦେଇଥିଲେ। ପରେ ସେମାନେ ସରକାରୀ କାଗଜପତ୍ର ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ବୋଲି ବେହେରା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଘଟଣାର ତଦନ୍ତ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପଞ୍ଚାୟତ ସମିତିର କର୍ମଚାରୀମାନେ ଶୁକ୍ରବାରଠାରୁ କଲମ ଛାଡ଼ ଆନ୍ଦୋଳନ କରିବାକୁ ଚେତବାନୀ ଦେଇଛନ୍ତି। ଏନେଇ ଆଠଗଡ଼ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରାଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ଶିଳ୍ପୀ ଅଖଣ୍ଡଙ୍କ ସ୍ମୃତିରେ ଡାକଟିକଟ ଉନ୍ମୋଚିତ

କଟକ,୧୩।୨(କାର୍ତ୍ତିକ ସାହୁ)

ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେଶନ ପକ୍ଷରୁ ସାଧକ ଶିଳ୍ପୀ ଅସୀମ ଅଖଣ୍ଡଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ୧୦୦ ଜଣ ଶିଳ୍ପୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସତ୍ୟନାରାୟଣ ପଣ୍ଡା, ପ୍ରଫେସର ଅକ୍ଷୟ କୁମାର ଦାସ, ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇ ଶିଳ୍ପୀ ଅଖଣ୍ଡଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶିଳ୍ପୀ ଅଖଣ୍ଡଙ୍କ ସ୍ମୃତିରେ ଡାକଟିକଟ ଉନ୍ମୋଚନ ହୋଇଥିଲା। ଏଥିସହ ଶିଳ୍ପୀ ଗଡ଼ନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ମୃତିଚିହ୍ନ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶାଶ୍ୱୀ ଭଟ୍ଟାଚାର୍ଯ୍ୟ ଓ ତନିସା ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଳ୍ପୀଙ୍କ ପୁତ୍ର ପ୍ରଣବ ଅଖଣ୍ଡ ଧନ୍ୟବାଦ ଦେଇଥିଲେ।




ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକଟିକଟ ଉନ୍ମୋଚନ କରାଯାଉଛି।

## 'ଘରୋଇ ହିଂସା ଉପରେ ସଚେତନ ହୁଅନ୍ତୁ ମହିଳା'

କଟକ,୧୩।୨(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ମହିଳା କମିଶନ ପକ୍ଷରୁ ନିଆଳିଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସଂଯୁକ୍ତା ଘଡ଼େଇ ଯୋଗଦେଇ ଘରୋଇ ହିଂସା ଉପରେ ମହିଳାମାନେ ସଚେତନ ହୁଅନ୍ତୁ ବୋଲି କହିଥିଲେ। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କଲେଜ ଛାତ୍ରୀ, କିଶୋରୀ, ମହିଳା ସରପଞ୍ଚ, ସମିତିସଭ୍ୟ, ମେଡିକାଲ ଅଫିସର, ପ୍ରାଚୀ ମହିଳା କଲେଜର ଅଧ୍ୟକ୍ଷ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ ନାରୀ ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। କର୍ମଜୀବୀ ମହିଳାଙ୍କ ସୁରକ୍ଷା, କର୍ମକ୍ଷେତ୍ର ଅଥବା ନିଜ ଘରେ ହେଉଥିବା ନିର୍ଯାତନାର ମୁକାବିଲା ଏବଂ ଏ ସମ୍ପର୍କିତ ଆଇନ ଉପରେ ଆଲୋଚନା ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ସସ୍ମିତା କାନୁନ୍‌ଗୋ, ଆକ୍ସନ ଏଡ୍ ଜିଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ଶୁଭ୍ରା ଦାଶ ସଭା ପରିଚାଳନା ଓ ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଦେଇଥିଲେ।

## ବେଆଇନ ଇଟାଭାଟିରେ ଚଢ଼ାଉ

ବାରଙ୍ଗ/ତ୍ରିଶୂଳିଆ,୧୩।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବେଆଇନ ଭାବେ ଗଢ଼ି ଉଠିଥିବା ଏକ ଇଟାଭାଟିକୁ ପ୍ରଶାସନ ପକ୍ଷରୁ ଗୁରୁବାର ଭାଙ୍ଗି ଦିଆଯାଇଛି। ଭାଟିରେ ପ୍ରସ୍ତୁତ ହୋଇ ରହିଥିବା କଞ୍ଚା ଇଟା ଓ ବିକ୍ରି ଉଦ୍ଦେଶ୍ୟରେ ଗଦା ହୋଇଥିବା ନାଲି ଇଟାକୁ ଜେସିବି ସାହାଯ୍ୟରେ ନଷ୍ଟ କରାଯାଇଛି। ହେଲେ ପ୍ରଶାସନର ଏହି ଉପରଦେଖାଣିଆ ଚଢ଼ାଉକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ପ୍ରକାଶ ଯେ, ବାରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜାଗାରେ ବେଆଇନ ଭାବେ ଭାଟିରେ ଇଟା ନିର୍ମାଣ ଚାଲିଛି। ଗୋଟେ ପଟେ ଉତ୍ତାପ ବୃଦ୍ଧି ସାଙ୍ଗକୁ ବେଆଇନ ଇଟାଭାଟି ବନ୍ଦ ଉପରେ ପ୍ରଶାସନର ଅଙ୍କୁଶ ରହୁ ନ ଥିବା ଦେଖିବାକୁ ମିଳିଛି। ରାମଦାସପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନସ୍ଥ ଅରିଲୋ ଗ୍ରାମର ସରକାରୀ ଜାଗାରେ ବେଆଇନ ଭାବେ ଏକ ଇଟାଭାଟି ଗଢ଼ି ଉଠିଥିବା ଅଭିଯୋଗ ତହସିଲ ପାଖକୁ ଆସିଥିଲା। ଲୋକଙ୍କ ଅଭିଯୋଗ ଆଧାରରେ ଗୁରୁବାର ରାତି ସମୟରେ କଟକ ଖଣି ବିଭାଗ ଅଧିକାରୀ ସମ୍ବିତ ସାହୁ, ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ଓ ବାରଙ୍ଗ ଥାନା ପୋଲିସର ମିଳିତ ଉଦ୍ୟମରେ ଏହି ଚଢ଼ାଉ କରାଯାଇଥିଲା।

## ୧୫ରୁ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ

କଟକ,୧୩।୨(କାର୍ତ୍ତିକ ସାହୁ)

**କଶ୍ମୀର ଉପତ୍ୟକାରୁ ଯୋଗଦେବେ ୧୩୨ ଅଂଶଗ୍ରହଣକାରୀ**

ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ପ୍ରଚାର, ଗୋଟିଏ ସ୍ଥାନର ସାଂସ୍କୃତିକ, ଧାର୍ମିକ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଆଦି ସମ୍ପର୍କରେ ଅନ୍ୟ ଗୋଟିଏ ସ୍ଥାନର ଯୁବବର୍ଗ ଜାଣିବା ଉଦ୍ଦେଶ୍ୟରେ ଆୟୋଜନ ହେବାକୁ ଯାଉଛି ପଞ୍ଚମ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଓ କଟକ ଜିଲା ପ୍ରଶାସନର ମିଳିତ ସହଯୋଗରେ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି)ଠାରେ ଆସନ୍ତା ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଶ୍ମୀର ଉପତ୍ୟକାର ୬ଟି ଜିଲାରୁ ପ୍ରାୟ ୧୩୨ଜଣ ଅଂଶଗ୍ରହଣକାରୀ ଯୋଗଦେବେ। ସେମାନେ କଟକ ଓ ଭୁବନେଶ୍ୱରର ଅନେକ ସ୍ଥାନ ଭ୍ରମଣ କରିବା ସହିତ ପ୍ରତିଦିନ ବିଭିନ୍ନ ଅଧିବେଶନ ମାଧ୍ୟମରେ ଓଡ଼ିଶା ବିଷୟରେ ଜାଣିବେ। ଏଥିସହ ରାଷ୍ଟ୍ରର ଅଖଣ୍ଡତା, ସୁରକ୍ଷା, ସଂସ୍କୃତି ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଶେଷଜ୍ଞମାନେ ସେମାନଙ୍କ ସହ ଆଲୋଚନା କରିବେ। ଏହି ଉପଲକ୍ଷେ ଖାଦ୍ୟମେଳା, ବସ୍ତ୍ର ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯିବ। ଆସନ୍ତା ୧୫ ତାରିଖ ଅପରାହ୍ନରେ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ସିଏନ୍‌ବିଟି ପରିସରରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସିଏନ୍‌ବିଟିଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନେହେରୁ ଯୁବକେନ୍ଦ୍ର କଟକ ଜିଲା ଯୁବ ଅଧିକାରୀ ବିପିନ କୁମାର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଏସିପି ଅଶୋକ କୁମାର ଗିରି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ସିଏନ୍‌ବିଟି ମ୍ୟାନେଜର ପ୍ରଶାନ୍ତ କୁମାର ଦାଶ, ସୌର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## 'ସମସ୍ତେ ସଚ୍ଚୋଟ, କର୍ତ୍ତବ୍ୟପରାୟଣ ହେବା ଉଚିତ୍'

କଟକ,୧୩।୨(କାର୍ତ୍ତିକ ସାହୁ)




ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ଅହମଦୀୟା ମୁସ୍‌ଲିମ ସଙ୍ଗଠନର ଆନ୍ତଃ ସଙ୍ଗଠନ ମଜଲିସ୍ ଅନସାରୁଲ୍ଲାଃ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର କଟକ ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସ୍‌ଲିମ ମିଶନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ମଜଲିସ୍ ଅନସାରୁଲ୍ଲାଃର ଉପସଭାପତି ସଫାରତ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୌଲାନା ଫଜଲ ହକ ଖାଁ କୋରାନ ପାଠ ଓ ସେକ୍ ବାହାଦୁର ଉର୍ଦ୍ଦୁ ସଙ୍ଗୀତ ପାଠ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲା ସଙ୍ଗଠନ ମୁଖ୍ୟ ମୌଲାନା ହାରୁନ ରଶିଦ୍ ଯୋଗଦେଇ କହିଥିଲେ, ସତ୍‌କର୍ମରେ ଆଗକୁ ବଢ଼ି ଚାଲ। ମହାପୁରୁଷଙ୍କ ଆଦର୍ଶ ହିଁ ଅନ୍ୟଙ୍କୁ ପ୍ରେରଣା ଦେଇଥାଏ। ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟପରାୟଣ ହେବା ଉଚିତ୍। ଧର୍ମ, ସେବା ଦ୍ୱାରା ଆୟୁଷ ବୃଦ୍ଧି ହୋଇଥାଏ। କର୍ମଯୋଗୀ ସବୁଠି ପ୍ରଶଂସିତ ଓ ସମ୍ମାନିତ ହୋଇଥାଏ। ପଦବୀର ସଦ୍‌ବ୍ୟବହାର କରିବା ଓ ନ୍ୟାୟକୁ ସର୍ବଦା ପ୍ରୋତ୍ସାହନ ଦେବା ଉଚିତ୍। ନ୍ୟାୟ ଦ୍ୱାରା ସମାଜରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ହୁଏ ବୋଲି ସେ କହିଛନ୍ତି। ସମ୍ମାନିତ ବକ୍ତା ଭଦ୍ରକ ଓ ବାଲେଶ୍ୱର ଜିଲା ମୁଖ୍ୟ ଅବ୍‌ଦୁଲ ଓଦୁଦ ଖାଁ ଯୋଗଦେଇ ମଜଲିସ୍ ଅନସାରୁଲ୍ଲାଃ ସଙ୍ଗଠନ ପ୍ରତିଷ୍ଠା ହେବାର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଅନ୍ୟତମ ବକ୍ତା ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲା ସଙ୍ଗଠନର ମୁଖ୍ୟ ମୌଲାନା ମହମ୍ମଦ ମେରାଜ ଅଲ୍ଲି କହିଥିଲେ, ମୁରବିମାନଙ୍କର ସଙ୍ଗଠନ, ସମାଜ ଓ ସଂସାର ପ୍ରତି କର୍ତ୍ତବ୍ୟ ଏବଂ ଦାୟିତ୍ୱ ବହୁତ ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବେ କଟକ ଅହମଦୀୟା ମୁସ୍‌ଲିମ ସଙ୍ଗଠନର ସଭାପତି ସୟଦ ତୟବ ଅହମଦ ସଲିମ ଯୋଗଦେଇଥିଲେ। ଏଥିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଜଗତ୍‌ସିଂପୁର, ସୁନ୍ଦରଗଡ଼, ଖୋର୍ଦ୍ଧା ଓ ନୟାଗଡ଼ରୁ ସଙ୍ଗଠନର ପଦାଧିକାରୀ, ପ୍ରତିନିଧି ଓ କର୍ମକର୍ତ୍ତା ଯୋଗଦେଇଥିଲେ।

# ମୃତ୍ୟୁ ତାରିଖର ଭବିଷ୍ୟବାଣୀ କରୁଛି ଏଆଇ ଡେଥ୍ କ୍ଲକ୍




ନୂଆଦିଲ୍ଲୀ

ସମ୍ପ୍ରତି ଜୀବନର ପ୍ରତ୍ୟେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ବଢ଼ିବାରେ ଲାଗିଛି। ନିକଟରେ ଏକ ଏଆଇ ଚାଳିତ 'ଡେଥ୍ କ୍ଲକ୍' ଯେକୌଣସି ବ୍ୟକ୍ତିଙ୍କ ମୃତ୍ୟୁର ତାରିଖକୁ ନେଇ ଭବିଷ୍ୟବାଣୀ କରୁଥିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ 'ଡେଥ୍ କ୍ଲକ୍' ଏକ ୱେବ୍‌ସାଇଟ ହୋଇଥିବାବେଳେ ଏହା ସମ୍ପୂର୍ଣ୍ଣ ମାଗଣାରେ ସହ କୌଣସି ବ୍ୟକ୍ତିଙ୍କ ବୟସ, ବିଏମ୍ଆଇ (ବଡି ମାସ୍ ଇଣ୍ଡେକ୍ସ), ଖାଦ୍ୟପେୟ, ବ୍ୟାୟାମ, ଧୂମପାନ ପରି ଅଭ୍ୟାସ ଆଦିକୁ ଆଧାର କରି ତାଙ୍କ ମୃତ୍ୟୁ ତାରିଖକୁ ଆକଳନ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

ଡେଥ୍ କ୍ଲକ୍ ୱେବସାଇଟ୍ ପକ୍ଷରୁ କୁହାଯାଇଛି, ଏହା 'ଆଡ୍‌ଭାନ୍ସଡ ଲାଇଫ୍ ଏକ୍ସପେକ୍ଟାନ୍ସି କାଲ୍‌କୁଲେଟର ଏଆଇ' ସାହାଯ୍ୟରେ କୌଣସି ବ୍ୟକ୍ତିଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ବିଶ୍ଳେଷଣ କରି ତାଙ୍କ ମୃତ୍ୟୁର ଆନୁମାନିକ ତାରିଖକୁ ପୂର୍ବାନୁମାନ କରିପାରିଥାଏ। ଖାସ୍‌କରି ଏପରି ପୂର୍ବାନୁମାନ କରିବା ସମୟରେ କୌଣସି ବ୍ୟକ୍ତିଙ୍କ ଅବସ୍ଥାନ, ଜୀବନଶୈଳୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ବିବରଣୀ ଆଦିକୁ ବିଚାରକୁ ନିଆଯାଇଥାଏ। ସମସ୍ତ ଇନ୍‌ପୁଟ୍ ପାଇବା ପରେ ଏହି ଏଆଇ କାଲ୍‌କୁଲେଟର ବ୍ୟକ୍ତିଙ୍କ ଜୀବନରେ ବାକିଥିବା ସମୟକୁ ପ୍ରଥମେ ଏକ କାଉଣ୍ଟଡାଉନ୍ ଟାଇମର୍ ଦେଖାଇଥାଏ। ଶେଷରେ ଏକ କବର ସଦୃଶ ଗ୍ରାଫିକ୍ସ ସହ ଏହା ମୃତ୍ୟୁର ଆନୁମାନିକ ତାରିଖକୁ ପ୍ରକାଶ କରେ। ତେବେ ୨୦୦୬ରୁ ଏହି ପ୍ଲାଟ୍‌ଫର୍ମରେ ଲୋକଙ୍କ ମୃତ୍ୟୁର ଭବିଷ୍ୟବାଣୀ କରାଯାଇ ଆସୁଛି ବୋଲି ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ୱେବ୍‌ସାଇଟ ୬ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁର ତାରିଖକୁ ନେଇ ପୂର୍ବାନୁମାନ କରିସାରିଛି। ତେବେ ଡେଥ୍ କ୍ଲକ୍ ୱେବ୍‌ସାଇଟ୍‌ରେ ଏକ ଡିସ୍‌କ୍ଲେମର ମରାଯାଇଛି। ଏଥିରେ କୁହାଯାଇଛି, ଏହା ଏକ ଗଣନା ଆଧାରିତ ଆକଳନ। ଏହାକୁ ଶତ ପ୍ରତିଶତ ଠିକ୍ ବୋଲି ବିବେଚନା କରିବା ଉଚିତ୍ ନୁହେଁ। କୌଣସି ବ୍ୟକ୍ତି ଏହି ପ୍ଲାଟ୍‌ଫର୍ମରୁ ପାଇଥିବା ତାଙ୍କ ମୃତ୍ୟୁ ତାରିଖକୁ ଗୁରୁତ୍ୱର ଭାବେ ଗ୍ରହଣ କରିବା ଠିକ୍ ହେବ ନାହିଁ।

ତେବେ ଡେଥ୍ କ୍ଲକ୍ ୱେବ୍‌ସାଇଟ୍ କେବଳ ମୃତ୍ୟୁର ତାରିଖକୁ ଆକଳନ କରି ନ ଥାଏ ବରଂ ଏହା ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବା ଦିଗରେ ଲୋକଙ୍କୁ ବିଭିନ୍ନ ଉପଦେଶ ଏବଂ ପରାମର୍ଶ ମଧ୍ୟ ଦେଇଥାଏ। ସବୁବେଳେ ସୁସ୍ଥ ଓଜନ ବଜାୟ ରଖିବା, ନିୟମିତ ବ୍ୟାୟାମ କରିବା, ଧୂମପାନ ଏବଂ ମଦ୍ୟପାନରୁ ଦୂରେଇ ରହିବା, ସନ୍ତୁଳିତ ଖାଦ୍ୟ ଖାଇବା, ଚାପ ପରିଚାଳନା ପାଇଁ ଯୋଗ ଏବଂ ଧ୍ୟାନ କରିବା, ସର୍ବନିମ୍ନ ଦୈନିକ ୭ ଘଣ୍ଟା ଭଲ ନିଦରେ ଶୋଇବା, ସାମାଜିକ ସମ୍ପର୍କ ବଜାୟ ରଖିବା ଆଦି ସୁସ୍ଥ ଏବଂ ଦୀର୍ଘାୟୁ ଜୀବନ ପାଇଁ ନିତାନ୍ତ ଆବଶ୍ୟକ ବୋଲି ଏହି ୱେବ୍‌ସାଇଟ୍ ପକ୍ଷରୁ କୁହାଯାଇଛି। ସମ୍ପ୍ରତି ଏହି ୱେବ୍‌ସାଇଟ୍‌କୁ ନେଇ ଲୋକଙ୍କ ମଧ୍ୟରେ କୌତୂହଳ ଦେଖା ଦେଇଛି। କିନ୍ତୁ ବିଶେଷଜ୍ଞମାନେ ମୃତ୍ୟୁର ଏପରି ଭବିଷ୍ୟବାଣୀକୁ ନାପସନ୍ଦ କରିଛନ୍ତି। ବିଭିନ୍ନ ଉପଲବ୍ଧ ତଥ୍ୟକୁ ଆଧାର କରି ଏଆଇ କେବଳ ଏକ ସମ୍ଭାବ୍ୟ ଗଣନା କରିପାରିବ, କିନ୍ତୁ ଜୀବନର ଅନେକ ଦିଗ ରହିଛି ଯାହା ଗଣନା ପରିସର ବାହାରେ ଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ବିବାହରେ ଆତଙ୍କ ଖେଳାଇଲା କଲରାପତରିଆ



ଲକ୍ଷ୍ନୌ

ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବୁଦ୍ଧେଶ୍ୱର ରୋଡ୍‌ରେ ଥିବା ଏମ୍‌ଏମ୍ ଲନ୍‌ରେ ବୁଧବାର ଏକ ବିବାହ ଚାଲିଥିବାବେଳେ ହଠାତ୍ ସେଠାକୁ ଏକ କଲରାପତରିଆ ବାଘ ପଶି ଆସିବାରୁ ଆତଙ୍କ ଖେଳିଯାଇଥିଲା। ଫଳରେ ବିବାହ ସ୍ଥଳକୁ ଆସିଥିବା ଲୋକେ ଆତଙ୍କିତ ହୋଇ ଉଠିଥିଲେ ଏବଂ ଜୀବନ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। କଲରାପତରିଆଠାରୁ ରକ୍ଷା ପାଇବା ପାଇଁ ଜଣେ ବ୍ୟକ୍ତି ଛାତ ଉପରୁ ଡେଇଁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଲକ୍ଷ୍ନୌ ଡିଏଫ୍‌ଓ ସୀତାଂଶୁ ପାଣ୍ଡେଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ବିବାହ ସ୍ଥଳରେ ପହଞ୍ଚି ଦୀର୍ଘ ୮ ଘଣ୍ଟାର ଅପରେଶନ ପରେ କଲରାପତରିଆକୁ କାବୁ କରିବାକୁ ସକ୍ଷମ ହୋଇଛି। କଲରାପତରିଆ ବିବାହ ସ୍ଥଳରେ ଥିବାର କିଛି ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଏମ୍‌ଏମ୍ ଲନ୍ ମଧ୍ୟରେ କଲରାପତରିଆଟି ନିର୍ଭୀକ ଭାବେ ବୁଲୁଥିବାର ଦେଖିବାକୁ ମିଳିଛି। ରେସ୍କ୍ୟୁ ଅପରେଶନ ସମୟରେ ବନବିଭାଗର ୨ ଜଣ ଅଧିକାରୀ ଆହତ ହୋଇଛନ୍ତି।

# ୬ ଫୁଟ ୮ ଇଞ୍ଚର ସବୁଠୁ ଡେଙ୍ଗା ମଇଁଷି




## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ

ବ୍ୟାଙ୍କକ୍

ସମ୍ପ୍ରତି ସୋସିଆଲ ମିଡିଆରେ ୩ ବର୍ଷର ମଇଁଷି 'କିଙ୍ଗ୍‌କଙ୍ଗ୍'କୁ ନେଇ ଚର୍ଚ୍ଚା ଲାଗିରହିଛି। ୬ ଫୁଟ ୮ ଇଞ୍ଚ ଉଚ୍ଚତାର କିଙ୍ଗ୍‌କଙ୍ଗ୍ ବିଶ୍ୱର ସବୁଠାରୁ ଡେଙ୍ଗା ମଇଁଷି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍) ରେ ସ୍ଥାନ ପାଇଛି। ଥାଇଲାଣ୍ଡର ନାଖୋନ ରଚ୍ଚାସୀମା ସହରର ନିନ୍‌ଲାନି ଫାର୍ମରେ ରହୁଥିବା ଏହି ମଇଁଷି ଏକ ସାମାନ୍ୟ ବୟସ୍କ ମଇଁଷିଠାରୁ ୨୦ ଇଞ୍ଚ ଅଧିକ ଡେଙ୍ଗା। ନିଜର ଆକାର କାରଣରୁ ଏହି ମଇଁଶି ଲୋକଙ୍କର ଦୃଷ୍ଟି ଆକର୍ଷଣକୁ ଆସି ପାରିଛି। ନିନ୍‌ଲାନି ଫାର୍ମର ମାଲିକ ସୁଚାର୍ଟ ବୁଞ୍ଚୋରୋଏନ ଜିଡବ୍ଲ୍ୟୁଆର୍‌କୁ କହିଛନ୍ତି, ୨୦୨୧ ଏପ୍ରିଲ ୧ରେ କିଙ୍ଗ୍‌କଙ୍ଗ୍‌ର ଜନ୍ମ ହୋଇଥିଲା। ଏହା ଅନ୍ୟ ମଇଁଷିଠାରୁ ଆକାରରେ ଖୁବ୍ ବଡ଼ ହେବ ବୋଲି ସେତେବେଳଠାରୁ ହିଁ ଜଣାପଡ଼ିଯାଇଥିଲା। ସେହିପରି ନିନ୍‌ଲାନି ଫାର୍ମର କର୍ମଚାରୀ ଚେର୍‌ପଟ ବୁଙ୍ଗି ଜିଡବ୍ଲ୍ୟୁଆର୍‌କୁ କହିଛନ୍ତି, ଜନ୍ମ ହେବା ସମୟରୁ ହିଁ କିଙ୍ଗ୍‌କଙ୍ଗ୍ ସାମାନ୍ୟ ମଇଁଷିଙ୍କ ତୁଳନାରେ ଅଧିକ ଡେଙ୍ଗା ଥିଲା। ପରେ ଏହା ଅସାଧାରଣ ଭାବେ ଡେଙ୍ଗା ହୋଇ ଚାଲିଥିଲା ଏବଂ ମାତ୍ର ୩ ବର୍ଷ ବୟସରେ ଏହା ବିଶ୍ୱର ସବୁଠାରୁ ଡେଙ୍ଗା ମଇଁଷି ହୋଇପାରିଛି। ତେବେ ଆକାରରେ ବହୁତ ବଡ଼ ହୋଇଥିଲେ ମଧ୍ୟ ଏହାର ପ୍ରକୃତି ଏକ ପୋଷା କୁକୁର ପରି ହୋଇଥିବା ଚେର୍‌ପଟ କହିଛନ୍ତି। କିଙ୍ଗ୍‌କଙ୍ଗ୍ ଖୁବ ମଜାଳିଆ ଏବଂ ଆଜ୍ଞାକାରୀ ମଧ୍ୟ। ମଣିଷଙ୍କ ସହ ଖେଳିବା, ବୁଲିବା, ଏଣେତେଣେ ଦୌଡ଼ିବା, ଲୋକଙ୍କଠାରୁ ନିଜର ଯତ୍ନ କରାଇବା ଆଦି କିଙ୍ଗ୍‌କଙ୍ଗ୍‌କୁ ଭାରି ପସନ୍ଦ। ଏହାସହ ରହିବା ଏକ ବଡ଼ ନିରୀହ ପୋଷା କୁକୁର ସହ ରହିବା ପରି ମନେହୁଏ ବୋଲି ଚେର୍‌ପଟ କହିଛନ୍ତି। କିଙ୍ଗ୍‌କଙ୍ଗ୍‌କୁ କଦଳୀ ଖାଇବା ସହ ପୋଖରୀରେ ଗାଧୋଇବା ମଧ୍ୟ ଖୁବ୍ ପସନ୍ଦ ବୋଲି ସେ କହିଛନ୍ତି। କିଙ୍ଗ୍‌କଙ୍ଗ୍ ନିଜ ମାଁ ସହ ନିନ୍‌ଲାନି ଫାର୍ମରେ ରହି ଆସୁଛି। ଏହି ଫାର୍ମରେ ବହୁ ଅନ୍ୟ ମଇଁଷି ଏବଂ ଘୋଡ଼ା ମଧ୍ୟ ରହୁଛନ୍ତି।

**ADVERTISEMENT**

## ENGAGEMENT DRIVE FOR OFFICERS OF THE 1ST BATTALION OF ODISHA SPECIAL STRIKING FORCE OF ODISHA POLICE (OSSF)

No.D-

1. Please refer Home Deptt. Govt. of Odisha letter No. 37868/D&A, Bhubaneswar, Dtd. 14.10.2024, letter No. 40282/D&A, Bhubaneswar, Dtd. 30.10.2024, letter No. 0906/D&A, Bhubaneswar, Dtd 04.11.2024 and letter No. 41935/D&A, Bhubaneswar, Dtd. 11.11.2024.
2. Engagement drive for the officers of.1st Battalion of OSSF will be conducted as per the following details.
3. The details of vacancies in different ranks and consolidated remuneration per month are given below :-

| Sl. No. | Category | No. of Posts | Consolidated remuneration per month | Rank of Ex-Army, Ex-Air Force, Ex-Navy, Ex-Coast Guard and Ex-CAPF |
|---|---|---|---|---|
| (a) | Commandant | 1 | Rs. 80,500/- | Ex-Serviceman in the rank of Col/Lt. Col (Retired) of Army or equivalent rank of Air Force/ Indian Navy/Coast Guard/ CAPF. |
| (b) | Deputy Commandant | 3 | Rs. 65,500/- | Ex-Serviceman in the rank of Major (Retired) of Army or equivalent rank of Air Force/ Indian Navy/Coast Guard/CAPF |
| (c) | Assistant Commandant | 7 | Rs. 62,500/- | Ex-Serviceman in the rank of Captain (Retired) of Army or equivalent rank of Air Force/ Indian Navy/Coast Guard/ CAPF |
| | Total | 11 Posts | | |

**4. The followings are the mandatory Qualifications -**
(a) Should have retired within five years as on 28.02.2025.
(b) Should have been honorably discharged from their service.
(d) Maximum Age for entry in OSSF -55 years as on 28.02.2025.
(e) No OSSF Personnel shall continue in OSSF after attaining the age of 60 years.
(f) Medical Category - **SHAPE-1**
S - Psychiatric
H - Hearing
A - Appendag
P - Physical
E - Eyesight
At the time of discharge from service. Good health at the time of engagement in OSSF as per examination of Medical Officer.
(g) Character - Good & Above.

**5. Documents** - The applicants are required to submit the scanned copy/ PDF of duly filled up application form along with following documents through e-mail on **comdtsog.orpol@nic.in** by **28.02.2025** :-
(a) Pension payment order.
(b) Discharge Book.
(c) Ex-Servicemen Identity card.
(d) Aadhar Card.

6. Terms of Engagement are as under -
(a) The nature of engagement of OSSF personnel shall be purely on term basis.
(b) The nature of duty of OSSF personnel shall be anti-naxal operations or any other duty in the State of Odisha as decided by DGP, Odisha, from time to time.
(c) The duration of engagement of OSSF personnel shall initially be for a period of one year, which will be extended by one more year in suitable/ deserving cases or till attaining the age of 60 years, whichever is earlier.
(d) In case the engaged personnel is found to be unsuitable later on, his engagement can be terminated by giving him 30 days notice.
(e) The OSSF personnel shall have to wear the uniform and badges, as prescribed by the D.G & I.G of police Odisha.
(f) The persons applying for engagement in OSSF should not have been convicted in any criminal case nor awarded with major punishment in the disciplinary proceedings during his service career. No criminal case should be pending against him at the time of his re-employment in OSSF.
(g) The OSSF personnel shall be governed, among others, by the provisions of section-18 & 19 of Police Act-1861. The OSSF personnel shall have to execute and strictly abide by the agreement enclosed here with. (Details is available on Odisha Police website i.e.odishapolice.gov.in).

**7. Entitlement -**
(a) Retired Ex-servicemen / Ex-CAPFs / Ex-Coast Guard engaged in OSSF shall be allowed Uniform Allowance and Ex-Gratia benefits (in the event of death or incapacitation during active duty) as per relevant resolution/guideline following due process and procedure.
(b) Retired Ex-servicemen / Ex-CAPFs / Ex-Coast Guard engaged in OSSF shall be eligible to get Special Leave of 15 days in a year.

**8. Engagement process -**
(a) Applicants will submit the application form along with all necessary documents through e-mail on comdtsog.orpol@nic.in by 28.02.2025
(b) After receipt of the applications, all applications will be scrutinized.
(c) After scrutiny of applications, the suitable candidates will be intimated about the date, time and venue of the interview.

**9. Contact -** Contact Number for clearance of any doubt:-
(a) Sri Tapan Kumar Moharana, Asst. Commandant, SOG (0938408151)
(b) Ex-Sub. Santosh Kumar Behera (09309082891)

Sd./ - IG. of Police (Operations),
Odisha, Bhubaneswar

**APPLICATION FORM** ANNEXURE-II

PHOTO

1. Name & Sex :
2. Father's Name :
3. Permanent Address :
4. Date of birth :
5. Rank last held just before retirement :
6. Organization / Force from where retired :
7. Details of last three postings held, date and duration :
8. Date of retirement :
9. Last pay drawn (Gross) :
10. Nationality :
11. Educational Qualifications
12. Whether able to read, write and speak Oriya :
13. Community-General / SC / ST / OBC :
14. Whether any Criminal case or Vigilance enquiry or Departmental proceeding was initiated during the Service career. If yes, did it lead to conviction or imposition of punishment or it is still pending. Give Details :
15. Details of rewards / punishments (other than above) earned during the service career. :
16. Details of post retirement engagement, if any :
17. Any other information, candidate wants to give :
18. Present Address :
19. Mobile number :
20. E-mail address :

**Signature of the Applicant**

**DECLARATION**

I, Sri..........................................................................................
..............................................................................
S/o ............................................................ do hereby solemnly declare that the information furnished above are true to the best of my knowledge. If at any time, the information furnished is found to be incorrect; I will be liable to be discharged from contract without assigning any reason thereof.

**Place :**
**Dated :** **Signature of the Applicant**

OIPR-12110/11/0004/2425

See Career Appointment on every Wednesday & Saturday

## ZILLA SWASTHYA SAMITI, KENDRAPARA, DPMU, NHM, KENDRAPRA

**Advt. No. 837/DPMU/NHM/2025** **Date : 12.02.2025**

**No.E-751** : Applications are invited from the eligible candidates for filling of the following vacant posts under National Urban Health Mission (NUHM) of Kendrapara District. The post is purely temporary and also co-terminus with the continuity of the scheme. The selection process and HR principles is applicable as per the rules of NHM, Odisha. Lower age limit for all the positions is 21 years as on dtd. 31.01.2025.

| Sl. No. | Name of the post | Vacancy | Age Limit | Monthly Remuneration (In Rupees) | Mode of Selection |
|---|---|---|---|---|---|
| 1 | Medical Officer, UPHC | 2 | Up to 68 Years | 65,611/- with PI | Walk in Interview Date - 28.02.2025 |
| 2 | **Part-time Specialists** (O&G/ Pediatric/Medicine/Skin-VD/ Orthopedic/Surgery/ENT/Eye Specialist or Ophthalmologist/ Psychiatric Specialist/ Nutritionist | 2 from each category | No age bar (Subject to physical Fitness) | 1500/- per session (2 sessions per week for all specialist) and 750/- per sessions (2 sessions per day & 4 days per week) for Nutritionist | |
| 3 | **Data Assistant cum Accountant** | 2 | Up to 40 Years | 15,258/- with PI | Applications Invited (on or before 07.03.2025) |

**Sl. 1 & 2.** The eligible candidates are requested to attend the Walk-In-Interview on dated 28.02.2025 with filled up application form, self-attested xerox copy of all testimonials and all original certificates & mark sheet for verification. The registration of candidates for the above post will be held in the above-mentioned date between **10.30 A.M. to 12.30 P.M. at the Office Chamber of CDM & PHO, Old DHH, Kendrapara**. The late comers will not be entrained for registration. **Sl. 3.** Candidates fulfilling the eligibility criteria are to apply CDM & PHO-cum-District Mission Director, Kendrapara on or before **07.03.2025 (5 P.M.)** in the prescribed application form along with self-attested copies of all supportive documents through Regd. Post/Speed Post/Courier only and the envelope containing the application should be **superscribed clearly name of the post applied for.**

Interested candidates can download the prescribed Application Form, Selection Procedure & details of said advertisement from the district website **https://kendrapara.odisha.gov.in**. The undersigned has reserved the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

**OIPR-10018/11/0008/2425** **Sd./- CDM & PHO-cum-DMD, Kendrapara**

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**ଘୋଷଣା**

**File No.COL/JAJ/IVL-2022-23(VIIL-38)/2022/8297/LA Dated 10.12.2024**

**No. XXIV-39**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ମକେଇପୁର, ଥାନା-ଯାଜପୁର, ନଂ ୩୩, ତହସିଲ-ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜିଲ୍ଲାରେ ରେଡକ୍ରସ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act. ୨୦୧୩)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୭୨୪/ ତା ୦୬.୧୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ମକେଇପୁର,** ଥାନା-ଯାଜପୁର, ନଂ ୩୩, ତହସିଲ-ଯାଜପୁର, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ ୧.୫୧ ଡି | ଏ. ୦.୬୯୦ ଡି | ଏଥି ସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ଯାଜପୁର — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୩.୧୨.୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

## ଭୂମି ଅନୁସୂଚୀ

ପ୍ରକଳ୍ପ- ରେଡକ୍ରସ ଛକ ଠାରୁ ମକେଇପୁର ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ

ମୌଜା-ମକେଇପୁର, ଥାନା ନଂ-୩୩, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କଣ୍ଟୁରୀ ରାଉତ, ପି:ସିଦ୍ଧ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି:ବୃନ୍ଦାବନ ପଣ୍ଡା, ଜା:ବ୍ରାହ୍ମଣ, ବା:ଖଇରାବାଦ, ହା. ବା. ଝରାବାହାଲ, ଜି.ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଞ୍ଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି:ନାରାୟଣ ମହାପାତ୍ର, କନକ ମହାପାତ୍ର, ପି:ବନମାଳୀ ଓଝା, ଜା:କମାର, ବା:ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି:ରାମଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି:ରାମଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି:ଜଗବନ୍ଧୁ ମଲ୍ଲିକ, ଜା:ଖଣ୍ଡାୟତ, ବା:ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି:ଜଗବନ୍ଧୁ ମଲ୍ଲିକ, ଜା:ଖଣ୍ଡାୟତ, ବା:ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି: ଶିବ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା:ସନାତନ ରାଉତ ଜା:ଖଣ୍ଡାୟତ, ବା:ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁ ଚରଣ ରାଉତ, ପି: ନବୀନ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| | | ମୋଟ | | ୦.୬୯୦ | | |

OIPR-24163/14/0055/2425 ସ୍ୱା./-ତହସିଲଦାର ତଥା ଭୂ ଅର୍ଜନ ଅଧିକାରୀ, ଯାଜପୁର

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

No.O-1467

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-05/25, Letter No.271, Date:11.02.25

**e-Procurement NOTICE**

1. Name of the Work: Tender for the road projects of Building/Road Work in the Dist. of Jajpur. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other Details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-05/25 | 17.02.2025 at 11.00 A.M. | 01.03.2025 to 05.00 P.M. | 01.03.2025 upto 02.00 P.M. | 03.03.2025 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer,
Rural Works Circle, Kendrapara-Jajpur

OIPR-25129/11/0037/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK

e-mail:serw_ctc@yahoo.com

No.Tender Online RWC-05/2025 Letter No.478, Date:12.2.25

**e-Procurement Notice**

**No.O-1473:** 1.Name of the Work: Construction of Road Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-05/25 | 15.02.2025 at 11.30 A.M. | 07.03.2025 upto 5.00 P.M. | 07.03.2025 upto 02.00 P.M. | 10.03.2025 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**

Sd./- Chief Construction Engineer,
Rural Works Circle, Cuttack

OIPR-25097/11/0016/2425

**ରଣେନ୍ଦ୍ରଙ୍କୁ ଆକ୍ରମଣ ଭାଜପାର ସୁରଚିତ ଷଡ଼ଯନ୍ତ୍ର: ପ୍ରତାପ ଜେନା**

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା): ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ବ୍ଲକର ଏକ ପଞ୍ଚାୟତ ସମିତି ବୈଠକରୁ ଫେରୁଥିବାବେଳେ ତାଙ୍କୁ ଆକ୍ରମଣ କରାଯିବା ଭାଜପାର ସୁରଚିତ ଷଡ଼ଯନ୍ତ୍ର ବୋଲି ଦଳୀୟ ନେତା ପ୍ରତାପ ଜେନା କହିଛନ୍ତି। ଗୁରୁବାର ଶଙ୍ଖଭବନରେ ଏକ ଖବରଦାତା ସମ୍ମିଳନୀରେ ଜେନା କହିଛନ୍ତି, ଜଣେ ନିର୍ବାଚିତ ପ୍ରତିନିଧି ଯିଏକି ୮ଥର ବିଧାୟକ ତଥା ପ୍ରୋଟେମ୍ ସ୍ପିକର ରହିସାରିଛନ୍ତି ତାଙ୍କ ଉପରେ ଏପରି ଆକ୍ରମଣ ଭାଜପାର ହୀନ ମାନସିକତାକୁ ସୂଚାଉଛି।





ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଧାନସଭାକୁ ପ୍ରବେଶ କରିବାବେଳେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଦଳୀୟ ବୈଠକରେ ଯୋଗ ନ ଦେବା ନେଇ ପ୍ରଶ୍ନ କରୁଛନ୍ତି।

# ବୈଠକରେ ଯୋଗ ନ ଦେବା ନେଇ ସନାତନଙ୍କୁ ନବୀନଙ୍କ ପ୍ରଶ୍ନ

ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)

**ଭାଜପାରେ ମିଶିବା ନେଇ ଧରିଲା ଚର୍ଚ୍ଚା, ଚମ୍ପୁଆ ବିଧାୟକଙ୍କ ଖଣ୍ଡନ**

ବିଧାନସଭା ଅଧିବେଶନର ପ୍ରଥମ ଦିନରେ ନିଜ ଦଳର ନେତାଙ୍କୁ ତାଗିଦ୍ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ନବୀନ ଗାଡ଼ିରୁ ଓହ୍ଲାଇ ବିଧାନସଭା ଗୃହକୁ ପ୍ରବେଶ କରିବା ସମୟରେ ବିଜେଡି ବିଧାୟକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ନବୀନ କେନ୍ଦୁଝର ଜିଲାର ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ଦେଖି ଅଟକି, ଗତକାଲି (ବୁଧବାର) ବିଜେଡି ବିଧାୟକ ଦଳ ବୈଠକକୁ କାହିଁକି ଆସି ନ ଥିଲେ ବୋଲି ପ୍ରଶ୍ନ କରିଥିଲେ। ଅସୁସ୍ଥ ଥିବାରୁ ବୈଠକରେ ଯୋଗଦେଇ ପାରି ନ ଥିବା ସନାତନ ଉତ୍ତର ରଖିଥିଲେ। ତାଙ୍କ ଉତ୍ତରକୁ ବିଜେଡି ବିଧାୟକ ସାରଦା ଜେନା ହିନ୍ଦୀରେ ନବୀନଙ୍କୁ କହିଥିଲେ। ତେବେ ଦଳୀୟ ବୈଠକରେ ଯୋଗ ନ ଦେବା ବାସ୍ତବରେ ଅସୁସ୍ଥତା ନୁହେଁ, ବରଂ ସନାତନ ଭାଜପା ଆଡ଼କୁ ମୁହାଁଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ସନାତନ କହିଛନ୍ତି ଯେ, ସେ ବିଜେଡି ସହିତ ଅଛନ୍ତି ଓ ଆଗକୁ ମଧ୍ୟ ରହିବେ। ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଛୁ ଓ ଆଲୋଚନା କରୁଛୁ। ମୁଖ୍ୟମନ୍ତ୍ରୀ ହେବା ପରେ ମୋହନ ମାଝୀ ସମସ୍ତଙ୍କର। ସେ କେବଳ ଭାଜପାର ମୁଖ୍ୟମନ୍ତ୍ରୀ ନୁହନ୍ତି, ବରଂ ପୂରା ରାଜ୍ୟର ମୁଖ୍ୟମନ୍ତ୍ରୀ ବୋଲି ସନାତନ କହିଛନ୍ତି। ସେହିପରି ବିଜେଡିର ଘସିପୁରା ବିଧାୟକ ବଦ୍ରି ପାତ୍ର ଏବଂ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସୁସମ୍ପର୍କ ରହିଛି। ଜିଲାର ବିକାଶ ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି। ତେଣୁ ତାଙ୍କ ଭେଟିବାରେ କ'ଣ ଅସୁବିଧା ରହିଛି ବୋଲି ସନାତନ ପ୍ରଶ୍ନ କରିଛନ୍ତି। କାହିଁକି ଦଳୀୟ ବୈଠକକୁ ଆସିଲେନି ବୋଲି ନବୀନ ପଚାରିଥିଲେ ଏବଂ ଅସୁସ୍ଥତା ହେତୁ ଯୋଗ ଦେଇପାରିଲିନି ବୋଲି ସନାତନ କହିଛନ୍ତି। 'ଭାଜପାକୁ ଯାଉଛନ୍ତି କି' ବୋଲି ନବୀନ ମୋତେ ପଚାରିନାହାନ୍ତି। ସେ ଦଳର ମୁରବି। ତେଣୁ ପଚାରିବାର ଅଧିକାର ତାଙ୍କର ଅଛି। ଚମ୍ପୁଆର ଏକ ସ୍କୁଲର ହୀରକ ଜୟନ୍ତୀ ପାଳନ ହୋଇଥିଲା। ସେଥିରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଅଞ୍ଚଳର ବିଧାୟକ ଭାବେ ସେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ବୋଲି କହିଛନ୍ତି। ୨୦୨୯ ପରେ ଭାଜପା ଯିବା କଥା ଆସିବ, ୨୦୨୯ ପୂର୍ବରୁ ସେ ଯାଇପାରିବେ ନାହିଁ ବୋଲି ସନାତନ କହିଛନ୍ତି।

ଘଟଣାକୁ ନେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସମସ୍ତେ କାଳେ ଭାଜପାକୁ ପଳାଇବେ ସେହି କଥା ଭାବି ନବୀନ ଏବେ ଭୟଭୀତ ହୋଇଗଲେଣି। ଯେଉଁଦିନ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଚାହିଁବେ, ସେହିଦିନ ବିଜେଡି ଖଣ୍ଡଖଣ୍ଡ ହୋଇଯିବ। ସେ ଆଗରୁ ମଧ୍ୟ କହିଥିଲେ, ହୁଇସିଲ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଏତେବର୍ଷ ଧରି ନବୀନ କିଛି ବୁଝୁ ନଥିଲେ, କିନ୍ତୁ ରାଜୁତି କରୁଥିଲେ। ତା'ର ଫଳ ଇଏ ବୋଲି ଜୟନାରାୟଣ କହିଛନ୍ତି।

ସେହିପରି କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ନବୀନ ପଟ୍ଟନାୟକ ବିଜେଡି ଦଳର ବସ୍। ସନାତନ ଦୁଇଥର ବିଧାୟକ। ତେଣୁ ଆଜିର ଘଟଣା ବିଜେଡିର ନିଜ କଥା। ବିଜେଡି ଏବେ ବହୁତ ସସ୍‌ପେନ୍ସରେ ଅଛି, କାଳେ କିଏ ଭାଜପା, କିଏ କଂଗ୍ରେସକୁ ପଳେଇବେ। ତେଣୁ ଏବେ ଦଳ ମାନସିକସ୍ତରରେ ଦୁର୍ବଳ ହୋଇପଡିଥିବାରୁ ଦଳର ନେତା ତାଗିଦ୍ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀର ବିକାଶ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାପ ନୁହେଁ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ବୈଠକରେ କାହିଁକି ଯୋଗଦେଇ ନ ଥିଲେ ବୋଲି ନବୀନ ପଚାରିଥିଲେ। ଏହା ବ୍ୟତୀତ ସେ ଆଉ କିଛି କହି ନାହାନ୍ତି। ବିଜେଡିର କୌଣସି ବିଧାୟକ ଭାଜପା ଲିଙ୍କ୍‌ରେ ନାହାନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଳେ ସମସ୍ତ ବିଧାୟକ ଅଛନ୍ତି। ବିଜୁ ଜନତା ଦଳ ସଶକ୍ତ ଅଛି ଏବଂ ନବୀନଙ୍କ ନେତୃତ୍ୱ ପ୍ରତି ସମସ୍ତ ବିଧାୟକଙ୍କର ଆସ୍ଥା ଅଛି। ଦଳର ଦଳପତି ଭାବେ ପ୍ରଶ୍ନ ପଚାରିବା ତାଙ୍କର ଅଧିକାର। ଏହା ହିଁ ନେତାଙ୍କର ବିଧାୟକଙ୍କ ପ୍ରତି ଆନ୍ତରିକତା ବୋଲି ସାରଦା କହିଛନ୍ତି।

# 'ବିକଶିତ ଓଡ଼ିଶା'ର ନକ୍ସା ପ୍ରତିଫଳିତ ହୋଇଛି : ମନମୋହନ

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)




ବିଧାନସଭାରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ଅଭିଭାଷଣରେ ଗରିବ, ଯୁବକ, କୃଷକ ଏବଂ ମହିଳାଙ୍କୁ ବିକାଶ ଧାରାରେ ସାମିଲ କରିବାରେ ଆମ ସରକାରଙ୍କ ଅଭିମୁଖ୍ୟ ସ୍ପଷ୍ଟ ହୋଇଛି। ଜନସାଧାରଣଙ୍କ ନିକଟରେ ଅତ୍ୟାବଶ୍ୟକ ସରକାରୀ ସେବା ପହଞ୍ଚାଇବା, ନିଯୁକ୍ତି ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ଏଥି ସକାଶେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ପାଇଁ ଡବଲ ଇଞ୍ଜିନ ସରକାରର ପ୍ରଚେଷ୍ଟାକୁ ଏଥିରେ ପ୍ରାଥମିକତା ଦିଆଯାଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ପାନୀୟ ଜଳ, ବିଜୁଳି, ଜଳସେଚନ ଭଳି ଦୀର୍ଘ ୨୪ ବର୍ଷର ଅବହେଳିତ କ୍ଷେତ୍ରଗୁଡିକର ପୁନଃସର୍ଜନା ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇଛି। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରି ବିକଶିତ ଭାରତକୁ ୧.୫ ଟ୍ରିଲିୟନ ଡଲାରର ଯୋଗଦାନ ପାଇଁ ଓଡିଆ ଜାତିର ସଂକଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି। ଓଡିଶାରେ ଶିଳ୍ପାୟନ ଏବଂ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ପାଇଁ ନିକଟରେ ଆୟୋଜିତ ଉତ୍କର୍ଷ ଓଡିଶା ସମ୍ମିଳନୀରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରତିଶ୍ରୁତି ହାସଲ କରିବା ରାଜ୍ୟ ସରକାରଙ୍କ ଯୁବସମାଜ ଓ ଭିତ୍ତିଭୂମି ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ବିକଶିତ ଓଡିଶାର ନକ୍ସାରେ ଜନସାଧାରଣଙ୍କ ସହଭାଗିତା ସକାଶେ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଜନସାଧାରଣଙ୍କଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିବା ଲୋକତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଭାଜପା ସରକାରଙ୍କ ଆଭିମୁଖ୍ୟ ରାଜ୍ୟପାଳଙ୍କ ଅଭିଭାଷଣରେ ଗୁରୁତ୍ୱ ବହନ କରୁଛି ବୋଲି ସାମଲ କହିଛନ୍ତି ।

# ୨୭ ବର୍ଷ ଦିଲ୍ଲୀ ଅବହେଳିତ ଥିଲା: ବୈଜୟନ୍ତ



ଶୋଭାଯାତ୍ରାରେ ବୈଜୟନ୍ତ ପଣ୍ଡାଙ୍କ ଗୁରୁବାର ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଉଛନ୍ତି।

ଭୁବନେଶ୍ୱର, ୧୩।୨ (ଅନୁରାଧା ମହାରଣା)

ଗତ ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା ଓ ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା ବୋଲି ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ତଥା ଦିଲ୍ଲୀ ପ୍ରଭାରୀ ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି। ଆପ୍ ସରକାରର ମିଛ ପ୍ରତିଶ୍ରୁତିରେ ଦିଲ୍ଲୀବାସୀଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚିଥିଲା। ମୋଦି ଗ୍ୟାରେଣ୍ଟି ଓ କାର୍ଯ୍ୟକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଭାଜପା ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିପୁଳ ସଂଖ୍ୟାରେ ଆସନ ଦଖଲ କରି ସରକାର ଗଠନ କରିବାକୁ ଯାଉଛି ବୋଲି ସେ କହିଛନ୍ତି। ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତାମାନେ ବୈଜୟନ୍ତଙ୍କୁ ସ୍ୱାଗତ କରିବା ସହ ଏକ ବିଶାଳ ଶୋଭାଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଆଣିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ରାଷ୍ଟ୍ରୀୟ ଉପାଧକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ରାଜ୍ୟ ସାଧାରଣ ସଂପାଦକ ଶାରଦା ଶତପଥୀ, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ଅରିନ୍ଦମ ରାୟ, କେନ୍ଦ୍ରାପଡ଼ା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟପାଳଙ୍କ ଅଭିଭାଷଣ ନୈରାଶ୍ୟଜନକ: ରଣେନ୍ଦ୍ର

ଭୁବନେଶ୍ୱର, ୧୩।୨ (ବନ୍ଦନା ସେଠୀ)

ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିବସରେ ଗୁରୁବାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିଭାଷଣ ରଖିଥିଲେ। ତାହାକୁ ନେଇ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରତିକ୍ରିୟା ରଖି ରାଜ୍ୟପାଳଙ୍କ ଅଭିଭାଷଣ ନୈରାଶ୍ୟଜନକ, ଦିଶାହୀନ, ଦୂରଦୃଷ୍ଟିବିହୀନ ବୋଲି କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ବଜେଟ୍ ଅଧିବେଶନ ପାଇଁ ନ ରହି, ବରଂ ଜୁଲାଇ ୨୫ରେ ମୁଖ୍ୟମନ୍ତ୍ରୀ ଆଗତ କରିଥିବା ବଜେଟକୁ ପୁନର୍ବାର ପଢ଼ିବା ପରି ମନେ ହୋଇଛି। ଦୀର୍ଘ ୧ଘଣ୍ଟାରୁ ଅଧିକ ସମୟ ଧରି ପ୍ରଦାନ କରିଥିବା ଅଭିଭାଷଣରେ କିଛି ନୂତନତ୍ୱ ନାହିଁ ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ଓଡିଶାର ସ୍ୱାର୍ଥରକ୍ଷା ପାଇଁ ବିଭିନ୍ନ ଆହ୍ୱାନ ଯେପରିକି କେନ୍ଦ୍ରୀୟ ଅବହେଳା, ପୋଲାଭରମ, ମହାନଦୀ ଜଳ ବିବାଦ ଉପରେ କିଛି କୁହାଯାଇନାହିଁ। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା କିମ୍ବା କୌଣସି ସ୍ୱତନ୍ତ୍ର ପ୍ୟାକେଜ୍ ନ ମିଳିବା ନେଇ କୌଣସି ଉଲ୍ଲେଖ ନାହିଁ। ରାଜ୍ୟରେ ଦେଖାଯାଉଥିବା ମଣ୍ଡିରେ ବିଭ୍ରାଟ, ଦରଦାମ ବୃଦ୍ଧି, ବିଭିନ୍ନ ସରକାରୀ ଯୋଜନାରେ ଖର୍ଚ୍ଚ ହେଉ ନ ଥିବା ବିଷୟରେ ରାଜ୍ୟପାଳ କିଛି କହିନାହାନ୍ତି ବୋଲି ରଣେନ୍ଦ୍ର କହିଛନ୍ତି।

## Business

# ଇପିଏଫ୍ ଉପରେ ୮.୨୫% ସୁଧ ପ୍ରଦାନକୁ ମିଳିପାରେ ଅନୁମୋଦନ

ଭୁବନେଶ୍ୱର,୧୩।୨ (ଅନୁରାଧା ମହାରଣା)

ହୋଲି ପୂର୍ବରୁ ପ୍ରାୟ ୭ କୋଟି ଇପିଏଫ୍ ଆକାଉଣ୍ଟଧାରୀଙ୍କ ପାଇଁ ବଡ଼ ଘୋଷଣା ହୋଇପାରେ। କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକ ଫେବୃଆରୀ ୨୮ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି, ଯେଉଁଥିରେ ୨୦୨୪-୨୫ ଆର୍ଥିକ ବର୍ଷରେ ଇପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ ପ୍ରଦାନ ନିଷ୍ପତ୍ତି ଅନୁମୋଦନ ହୋଇପାରିବ। ଏହାପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ପାଣ୍ଠି ଉପରେ ୮.୨୫ ପ୍ରତିଶତ ସୁଧ ଦିଆଯାଇଥିଲା। ଇପିଏଫଓର ଇନ୍‌ଭେଷ୍ଟମେଣ୍ଟ ଏବଂ ଅଡିଟ କମିଟି ଆସନ୍ତା ସପ୍ତାହରେ ବୈଠକ କରିବାକୁ ଯାଉଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଇପିଏଫ୍‌ଓର ଆୟ ଏବଂ ବ୍ୟୟକୁ ବିଚାର କରାଯିବ। ଏହି ବୈଠକରେ ଇପିଏଫ୍‌ଓରେ କେତେ ସୁଧ ପ୍ରଦାନ କରାଯିବ ସେନେଇ ଆଲୋଚନା ହେବ। ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକରେ ସୁଧ ହାର ଉପରେ ଚୂଡ଼ାନ୍ତ ମୁଦ୍ରା ଦିଆଯିବ। କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକରେ ସୁଧ ହାର ସ୍ଥିର ହେବା ପରେ ଏହାକୁ ଅନୁମୋଦନ ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯିବ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଇପିଏଫ୍ ଆକାଉଣ୍ଟଧାରୀମାନେ ୮.୨୫ ପ୍ରତିଶତ, ୨୦୨୨-୨୩ରେ ୮.୧୫ ପ୍ରତିଶତ ଏବଂ ୨୦୨୧-୨୨ ରେ ୮.୧୦ ପ୍ରତିଶତ ହାରରେ ସୁଧ ପାଉଥିଲେ। ଚଳିତ ଆର୍ଥିକ ବର୍ଷରେ ଇପିଏଫ୍ ଏହାର ପୁଞ୍ଜି ବିନିଯୋଗରେ ଉତ୍କୃଷ୍ଟ ଲାଭ ପାଇଛି। ପ୍ରୋଭିଡେଣ୍ଟ ପାଣ୍ଠି ବୀମାଦାବି ସମାଧାନ ପ୍ରସଙ୍ଗରେ ଇପିଏଫ୍ ଇତିହାସ ସୃଷ୍ଟି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କର୍ମଚାରୀ ପ୍ରୋଭିଡେଣ୍ଟ ପାଣ୍ଠି ସଂଗଠନ ୫ କୋଟିରୁ ଅଧିକ ଦାବି ସମାଧାନ କରିଛି, ଯାହା ଏକ ରେକର୍ଡ। ୨୦୨୪-୨୫ ଆର୍ଥିକ ବର୍ଷରେ ଇପିଏଫଓ ୨,୦୫,୯୩୨.୪୯ କୋଟି ମୂଲ୍ୟର ୫.୦୮ କୋଟି ଦାବି ସମାଧାନ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧,୮୨,୮୩୮.୨୮ କୋଟିର ୪.୪୫ କୋଟି ସମାଧାନଠାରୁ ଅଧିକ ଅଟେ। ବର୍ତ୍ତମାନ ଇପିଏଫ୍‌ଓର ୭ କୋଟିରୁ ଅଧିକ ଗ୍ରାହକ ଅଛନ୍ତି। ଇପିଏଫ୍‌ଓରେ ଜମା ହୋଇଥିବା ଅର୍ଥ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଶେଷ ଭାବରେ ବେସରକାରୀ କ୍ଷେତ୍ରରେ ସବୁଠାରୁ ବଡ଼ ସାମାଜିକ ସୁରକ୍ଷା ଯୋଜନା ଭାବରେ ବିବେଚନା କରାଯାଏ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୩।୨

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୨ (୩୨.୧୧) ପଏଣ୍ଟ କମି ୭୬,୧୩୯(୭୬,୧୩୮.୯୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୪ (୧୩.୮୫) ପଏଣ୍ଟ ହ୍ରାସ ଘଟି ୨୩,୦୩୧ (୨୩,୦୩୧.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ଲକ୍ଷ୍ମୀକାନ୍ତ ନନ୍ଦଙ୍କୁ ଚାଣକ୍ୟ ସମ୍ମାନ




ଡା. ଲକ୍ଷ୍ମୀକାନ୍ତ ନନ୍ଦଙ୍କୁ ଚାଣକ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି। ଏହି ଅବସରରେ ଡା. ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୨

ଚାଣକ୍ୟ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜୟଦେବ ଭବନରେ ଚାଣକ୍ୟ ସମ୍ମାନ ସମାରୋହ ଏବଂ ଚାଣକ୍ୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ହୋମିଓପାଥିକ୍ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡା. ଲକ୍ଷ୍ମୀକାନ୍ତ ନନ୍ଦଙ୍କୁ ଚାଣକ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ଅନ୍ୟତମ ଅତିଥ ଭାବେ ବିଏମ୍‌ସି କର୍ପୋରେଟର ରାଜକିଶୋର ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିଭଳି ଟ୍ରଷ୍ଟର ଚେୟାରମ୍ୟାନ୍ ଜ୍ୟୋତିଶଙ୍କର ମହାନ୍ତି ଏବଂ ନିର୍ଦ୍ଦେଶିକା ଡା. ଏଲୋରା ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆଗଭର ହେବା ପାଇଁ ଉତ୍ସାହିତ କରିଥିଲେ। ଚାଣକ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ହରିଚନ୍ଦନ ମଧ୍ୟ ଉପସ୍ଥିତ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଦୀପାଞ୍ଜଳି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସିପେଟ୍ ସହାୟତାରେ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୩।୨

ଚାକିରି ଆଶାୟୀ ଅନେକ ଯୁବକଙ୍କୁ ସିପେଟ୍ ସହାୟତାରେ ନିଯୁକ୍ତିର ବ୍ୟବସ୍ଥା କରାଯାଇଛି। ଏପରିକି ଏକ ଉନ୍ନତ ତଥା ପ୍ରଗତିଶୀଳ କନ୍‌ସେପ୍ଟ ଜରିଆରେ ବହୁମୁଖୀ ଦକ୍ଷତା ବିକାଶ ତାଲିମ୍ ଦ୍ୱାରା ଆଶାୟୀଙ୍କୁ ସ୍ୱାବଲମ୍ବୀ କରାଯିବା ସହ ଦକ୍ଷତା ବିକାଶର ଦିଗ ଏକ ନୂତନ ମାର୍ଗଦର୍ଶନ ପାଉଛନ୍ତି। ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ସିପେଟ୍ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଏହି ବୁଝାମଣା ଅନୁଯାୟୀ ସିପେଟ୍ ଏକାଧିକ ଟ୍ରେଡ୍‌କୁ ନେଇ ମଲ୍ଟି ସ୍କିଲ୍ ଟ୍ରେନିଂ ପ୍ରୋଗ୍ରାମର ପ୍ରୋଜେକ୍ଟ ଆରମ୍ଭ କରିଥିଲା। ଏଥିରେ ୪୦ଜଣ ବେରୋଜଗାର ଯୁବକଙ୍କୁ ସିପେଟ୍‌ର ମଞ୍ଚେଶ୍ୱରସ୍ଥିତ ସିପେଟ୍ ସିଏସ୍ ଟିଏସ୍ କ୍ୟାମ୍ପସରେ ଏକ ଛଅମାସିଆ ନିଃଶୁଳ୍କ ତାଲିମ୍ ମଧ୍ୟ ଦିଆଯାଇଥିଲା। ଏହି ଅବସରରେ ସିପେଟ୍‌ର ମୁଖ୍ୟ ତଥା ଡାଇରେକ୍ଟର ବି.ପି. ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଉଦ୍‌ଯାପନୀ କାର୍ଯ୍ୟକ୍ରମର ଆୟୋଜନ ସିପେଟ୍ କ୍ୟାମ୍ପସରେ କରାଯାଇଥିଲା। କଟକ ମହାନଗର ନିଗମର ଆଡିଶନାଲ କମିଶନର କଳ୍ପତରୁ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେହିପରି ସିପେଟ୍‌ର ମୁଖ୍ୟ ପାତ୍ର ତାଙ୍କ ଅଭିଭାଷଣରେ ସିପେଟ୍‌ର ଉପସ୍ଥିତ ଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ କଠୋର ପରିଶ୍ରମ ଦ୍ୱାରା କିପରି ସଫଳ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସିପେଟ୍‌ର ଟ୍ରେନିଂ ଇନ୍‌ଚାର୍ଜ ଜୟନ୍ତ କୁମାର ଦାସ ସଭା କାର୍ଯ୍ୟକ୍ରମ ପରିଚାଳନା କରିବା ସହ କଟକ ମହାନଗର ନିଗମ, ମଲ୍ଟି ସ୍କିଲ୍ ଟ୍ରେନିଂ କନ୍‌ସେପ୍ଟକୁ ପ୍ରୋତ୍ସାହିତ କରିଥିବାରୁ ସେ କଟକ ମହାନଗର ନିଗମ ତଥା ଅତିରିକ୍ତ କମିଶନରଙ୍କୁ ବିଶେଷ ରୂପେ ଧନ୍ୟବାଦ ଜଣାଇଥିଲେ। ଉକ୍ତ ସଭାରେ ସିପେଟ୍‌ର ଅନ୍ୟ ଶିକ୍ଷକବୃନ୍ଦ ଏବଂ ଛାତ୍ରୀଛାତ୍ର ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ମୁଖ୍ୟ ଅତିଥି ଆଡିଶନାଲ୍ କମିଶନର କଳ୍ପତରୁ ବେହେରା ସିପେଟ୍‌ର ଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରେନିଂ କିଟ୍ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।

# ଖଣି ସୁରକ୍ଷା କାର୍ଯ୍ୟରେ ଏଆଇ-ଚାଳିତ ଡ୍ରୋନ ବ୍ୟବହୃତ



ଏଆଇ-ଚାଳିତ ଡ୍ରୋନର ଶୁଭାରମ୍ଭ ଅବସରରେ ବେଦାନ୍ତର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୨ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଡ୍ରୋନ-ଆଧାରିତ ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଓଡିଶାର ସୁନ୍ଦରଗଡସ୍ଥିତ ଜାମଖାନି କୋଇଲା ଖଣିରେ ଏହି ଏଆଇ-ଚାଳିତ ଡ୍ରୋନ ବ୍ୟବହୃତ ହେବ। ଫଳରେ ବ୍ଲାଷ୍ଟିଂ କ୍ଲିୟରାନ୍ସ ଏବଂ ସମ୍ପୃକ୍ତ ଅଞ୍ଚଳର ବିପଦ ପୂର୍ଣ୍ଣ କ୍ଷେତ୍ରକୁ ମଧ୍ୟ ଏହା ଠିକ ଭାବେ ମନିଟରିଂ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଅତ୍ୟାଧୁନିକ ସଫ୍ଟୱେର୍ ସହିତ ସଜ୍ଜିତ ଏହି ଏଆଇ-ଚାଳିତ ଡ୍ରୋନ ୫୦୦ ମିଟର ବ୍ଲାଷ୍ଟିଂ ଜୋନ୍ ଅଞ୍ଚଳରେ ପ୍ରକୃତ ସମୟର ଆକାଶ ଦୃଶ୍ୟ ଏବଂ ମଣିଷ, ପ୍ରାଣୀ ଏବଂ ଯାନବାହନର ଗତିବିଧିକୁ ସ୍ୱୟଂଚାଳିତ କ୍ୟାପଚରିଂ ପ୍ରଦାନ କରିବ।

ଯାହା ଅଧିକାରୀମାନଙ୍କୁ ଦୂରରୁ କାର୍ଯ୍ୟଗୁଡ଼ିକ ତଦାରଖ କରିବାକୁ ଏବଂ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଯେକୌଣସି ଭୂମି ଗତିବିଧିର ସ୍ୱୟଂଚାଳିତ ସତର୍କତା ପାଇବାକୁ ସକ୍ଷମ କରିଥାଏ। ବିଶେଷ କରି ଏହା ଅଧିକାରୀ, ଡ୍ରୋନ୍ ପାଇଲଟ୍ ଏବଂ ବ୍ଲାଷ୍ଟିଂ ଅଧିକାରୀଙ୍କ ମଧ୍ୟରେ ନିର୍ବିଘ୍ନ ଅଡିଓ ଯୋଗାଯୋଗକୁ ମଧ୍ୟ ସୁବିଧା ପ୍ରଦାନ ସହ ଠିକ୍ ସମନ୍ୱୟ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସୁନିଶ୍ଚିତ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଆମର କାର୍ଯ୍ୟ ପରିସର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ପ୍ରମୁଖ ପ୍ରାଥମିକତା ଦେଇଥାଉ। ଏପରିକି ଆମର ଖଣି ସୁରକ୍ଷା ପ୍ରୋଟୋକଲରେ ଏଆଇ-ଚାଳିତ ଡ୍ରୋନର ସମନ୍ୱୟ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ସହିତ ମନିଟରିଂ ଏବଂ ଅନୁପାଳନରେ ମଧ୍ୟ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

ସେହିଭଳି ବେଦାନ୍ତ କୋଲ୍ ମାଇନ୍ସର ସିଇଓ ଡେଭିଡ୍ ଷ୍ଟୋନ୍ କହିଛନ୍ତି, ଏହି ଡ୍ରୋନ୍-ଆଧାରିତ ମନିଟରିଂ ସିଷ୍ଟମର ପ୍ରଚଳନ କମ୍ପାନୀର ଖଣି ସୁରକ୍ଷା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

# ଜେଇଇ ମେନ୍‌ରେ ଏମ୍‌ପିଏସ୍‌ର ବାଜିମାତ୍

ଭୁବନେଶ୍ୱର,୧୩।୨

ମଦର୍ସ ପବ୍ଲିକ ସ୍କୁଲ(ଏମ୍‌ପିଏସ୍)ର ଛାତ୍ରୀଛାତ୍ରମାନେ ଜେଇଇ ମେନ୍-୨୦୨୫ରେ ବାଜିମାତ କରିଛନ୍ତି। ଏପରିକି ଶିକ୍ଷାଗତ ଉତ୍କର୍ଷତା ପ୍ରତି ସ୍କୁଲର ପ୍ରତିବଦ୍ଧତା ଏବଂ ସମର୍ପଣ ଯୋଗୁ ଏହି ଅସାଧାରଣ ଫଳାଫଳ ସମ୍ଭବ ହୋଇଛି। ଅପରପକ୍ଷରେ ଜେଇଇ ମେନ୍‌ର ସମସ୍ତ ଶୀର୍ଷ ଛାତ୍ରୀଛାତ୍ର ସ୍ୱାର୍କ ବ୍ୟାଚର ଛାତ୍ରୀଛାତ୍ର ହୋଇଥିଲାବେଳେ ବିଦ୍ୟାଳୟର କେନ୍ଦ୍ରୀଭୂତ ଶିକ୍ଷା ଆଭିମୁଖ୍ୟର ଫଳପ୍ରଦତାକୁ ଏହା ପ୍ରଦର୍ଶିତ କରୁଛି। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସାଇ ସ୍ୱନ୍ଦନ ନାୟକ ୯୯.୯୨% ହାସଲ କରିଥିବାବେଳେ ଗଣିତରେ ୧୦୦% ନମ୍ବର ରଖିଛନ୍ତି। ସେହିଭଳି ସାଇ ଅମୃତ ସାଗର ୯୯.୮୭% ଏବଂ ଆୟୁଷ୍ମାନ୍ ସାହୁ ୯୯.୮୫% ହାସଲ କରିଛନ୍ତି। ସେହିପରି ସ୍କୁଲର ଆୟୁଷ ମିଶ୍ର ୯୯.୩୫% , ରୁଦ୍ର ପ୍ରସାଦ ପାତ୍ର ୯୯.୩୧% ଓ ଆଦିତ୍ୟ କୁମାର ସାହୁ ୯୯.୧୪% ନମ୍ବର ରଖିଛନ୍ତି। ଏ ସମ୍ପର୍କରେ ଏମ୍‌ପିଏସ୍‌ର ପ୍ରତିଷ୍ଠାତା ତଥା ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲୀ ପଟ୍ଟନାୟକ କହିଛନ୍ତି, ଆମର ଛାତ୍ରୀଛାତ୍ରମାନେ ସେମାନଙ୍କର ପରବର୍ତ୍ତୀ ଯାତ୍ରା ଆରମ୍ଭ କରୁଥିବାବେଳେ ଆମେ ସେମାନଙ୍କୁ ସେମାନଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭେଚ୍ଛା ଜଣାଉଛୁ। ଗୋଟିଏ କଥା ଉପରେ ମୁଁ ଗୁରୁତ୍ୱ ଦେବାକୁ ଚାହୁଁଛି। ଏତେ ଚମତ୍କାର ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ନିୟମିତ ବିଦ୍ୟାଳୟକୁ ଆସୁଥିଲେ, ସମସ୍ତ ଶ୍ରେଣୀ ପରୀକ୍ଷା ଓ ଆସାଇନ୍‌ମେଣ୍ଟ ନେଉଥିଲେ ଏବଂ କେବେ ବି ମଧ୍ୟ କ୍ଲାସ୍ ବନ୍ଦ କରିନାହାନ୍ତି। ମୁଁ ଭାବୁଛି ଏହା ସେମାନଙ୍କ ସଫଳତାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଛି।

# ବୁଲେଟ ଚଳାଇବାରୁ ଦଳିତ ଛାତ୍ରଙ୍କ ହାତ କାଟିଦେଲେ

**ଶିବଗଙ୍ଗା,୧୩।୨**

ଏକବିଂଶ ଶତାବ୍ଦୀର ୨୫ବର୍ଷ ପରେ ମଧ୍ୟ ଏବେବି ସମାଜରେ ସବର୍ଣ୍ଣ ଅସବର୍ଣ୍ଣ ଚିନ୍ତାଧାରା ମଣିଷ ମନରୁ ଯାଇନାହିଁ। କେଉଁଠି ନା କେଉଁଠି ଅସବର୍ଣ୍ଣ ବା ଦଳିତ ଜାତିର ଲୋକାମାନେ ସବର୍ଣ୍ଣ ବା ଉଚ୍ଚଜାତିର ଲୋକମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ତାମିଲନାଡୁ ଶିବଗଙ୍ଗାର ଜିଲାର ମେଲାପିଦାଭୁର ଗ୍ରାମରେ। ଜଣେ ଦଳିତ ଛାତ୍ର ବୁଲେଟ ଗାଡ଼ି ଚଳାଇବାରୁ ସବର୍ଣ୍ଣ ଜାତିର ୩ଜଣ ଯୁବକ ତାଙ୍କ ହାତ କାଟି ଦେଇଛନ୍ତି। ଦଳିତ ଛାତ୍ର ଆର୍. ଲ୍ୟାସାମୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଆର୍. ବିନୋଥ କୁମାର(୨୧), ଏ. ଆଥିସ୍ୱରନ୍(୨୨) ଏବଂ ଏମ୍. ଭାଲାରାସୁ(୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ଆକ୍ରମଣର ଶିକାର ଦଳିତ ଛାତ୍ର

ପୋଲିସ ସୂଚନାନୁସାରେ, ଲ୍ୟାସାମୀ ଶିବଗଙ୍ଗାର ଏକ କଲେଜରେ ସ୍ନାତକ ତୃତୀୟ ବର୍ଷରେ ପଢ଼ନ୍ତି। ସେ ବୁଧବାର ସନ୍ଧ୍ୟାରେ ଏକ ବୁଲେଟରେ ଘରକୁ ଫେରୁଥିବାବେଳେ ବାଟରେ ସବର୍ଣ୍ଣ ଜାତିର ସ୍ଥାନୀୟ ୩ଜଣ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଦଳିତମାନେ ଦାମୀ ବୁଲେଟ ଗାଡ଼ି ଚଳାଇପାରିବେ ନାହିଁ ବୋଲି ଅଭିଯୁକ୍ତମାନେ ଲ୍ୟାସାମୀଙ୍କୁ କହିଥିଲେ। ହେଲେ ଏହାକୁ ପ୍ରତିବାଦ କରିବାରୁ ସେମାନେ ଲ୍ୟାସାମୀଙ୍କ ୨ହାତକୁ ଏକ ମାରଣାସ୍ତ୍ରରେ ହାଣି ପକାଇଥିଲେ। ଏନେଇ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଲ୍ୟାସାମୀଙ୍କ ଜଣେ ସମ୍ପର୍କୀୟ ମୁନିୟାସାମୀଙ୍କ କହିବା ହେଲା ଅଭିଯୁକ୍ତମାନେ ଲ୍ୟାସାମୀଙ୍କ ହାତ ହାଣିବା ସହ ଦଳିତମାନେ ବୁଲେଟ ଚଳାଇପାରିବେ ନାହିଁ ବୋଲି କହିବା ସହିତ ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ଭାଷା ପ୍ରୟୋଗ କରିଥିଲେ। ଯଦି ଲ୍ୟାସାମୀ ଆହତ ଅବସ୍ଥାରେ ଅଭିଯୁକ୍ତଙ୍କ କବଳରୁ ଖସିଆସି ନ ଥାନ୍ତେ, ତେବେ ସେମାନେ ତାଙ୍କୁ ଜୀବନରେ ମାରିଦେଇଥାନ୍ତେ ବୋଲି ମୁନିୟାସାମୀ କହିଛନ୍ତି। ଲ୍ୟାସାମୀଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ହସ୍ପିଟାଲକୁ ନେଇଯିବା ପରେ ତାଙ୍କ ଘରକୁ ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଲ୍ୟାସାମୀଙ୍କ ବାପା ଭୂମିନାଥନଙ୍କ କହିବା ହେଲା ପୁଅ ବୁଲେଟ ଚଳାଉଥିବାରୁ ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ।

## ରେମୁଣା ତହସିଲଦାରଙ୍କୁ ଗିରଫ କଲା ଭିଜିଲାନ୍ସ

# ୩ ବର୍ଷରେ ୧.୫ କୋଟି ଜମା

**ଭୁବନେଶ୍ୱର/ବାଲେଶ୍ୱର,୧୩।୨ (ସତ୍ୟଜିତ୍ ରାଉତ/ ବାଞ୍ଛାନିଧି ଦେ)**

- ୨ ଦିନର ଯାଞ୍ଚ, ପ୍ରକୃତ ଆୟଠାରୁ ୨୦୪% ଅଧିକ ସମ୍ପତ୍ତି ଠାବ
- ପ୍ରୋତ୍ସାହିତ କରି ମାମଲାରେ ଫସିଲେ ସ୍ତ୍ରୀ

ବାଲେଶ୍ୱର ଜିଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଯାଞ୍ଚରେ ଭିଜିଲାନ୍ସ ଟିମ୍ ବିଦ୍ୟାଧରଙ୍କ ନିକଟରୁ ବିପୁଳ ସମ୍ପତ୍ତି ଠାବ କରିଛି। ବଡ଼କଥା ହେଲା, ବିଦ୍ୟାଧର ଗତ ୩ ବର୍ଷରେ ସ୍ତ୍ରୀ ଓ ନିଜ ନାଁରେ ବ୍ୟାଙ୍କ ଏବଂ ପୋଷ୍ଟାଲ୍‌ରେ ୧.୫ କୋଟି ଟଙ୍କା ଜମା କରିଛନ୍ତି। ତେବେ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୦୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ବିଦ୍ୟାଧରଙ୍କ ବିରୋଧରେ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପତ୍ତି ଠୁଳ କରିବାରେ ବିଦ୍ୟାଧରଙ୍କ ସ୍ତ୍ରୀ ପ୍ରୋତ୍ସାହନ ଦେଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେଣୁ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏହି ମାମଲାରେ ଭିଜିଲାନ୍ସ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତ ବିଦ୍ୟାଧରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ତହସିଲଦାର ବିଦ୍ୟାଧର ପତି

ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ବିଦ୍ୟାଧରଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଗୋଟିଏ ଫ୍ଲାଟ୍, ରୁଦ୍ରପୁରରେ ଆଉ ଏକ ଫ୍ଲାଟ୍ ଓ ବାଲେଶ୍ୱର କୁରୁଡାରେ ଏକ ଫ୍ଲାଟ୍ ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱରର ବାଲିଅନ୍ତା ଓ ବାଲେଶ୍ୱରରେ ବିଦ୍ୟାଧରଙ୍କ ଗୋଟିଏ ଲେଖାଏ ଦୁଇଟି ପ୍ଲଟ୍ ମଧ୍ୟ ଥିବା ଜଣାପଡ଼ିଛି। ଘରୁ ଯାଞ୍ଚ ବେଳେ ୯୧୭ ଗ୍ରାମ୍‌ର ସୁନା ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ ଓ ୨ଟି ଦୁଇଚକିଆ ଯାନ ଠାବ ହୋଇଛି। ତେବେ ବିଦ୍ୟାଧର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧ କୋଟି ୧୨ ଲକ୍ଷ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ୨୦୨୨ରୁ ୨୦୨୪ ମଧ୍ୟରେ ସ୍ତ୍ରୀ ଓ ବିଦ୍ୟାଧରଙ୍କ ନାଁରେ ୧.୫ କୋଟି ଟଙ୍କା ଜମା ହୋଇଥିବା ବେଳେ ଭିଜିଲାନ୍ସ ଏହାକୁ ନେଇ ଅଧିକ ଖୋଳତାଡ଼ ଚଳାଇଛି। ନିଆଳି, ନିମାପଡ଼ା, କରଞ୍ଜିଆ ଆଦି ସ୍ଥାନରେ ବିଦ୍ୟାଧର ତହସିଲଦାର ଥିବାବେଳେ ବେଆଇନ ଭାବରେ ଏହି ଟଙ୍କା ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ତଦନ୍ତ ଚଳାଇଥିବା ସୂଚନା ଦିଆଯାଇଛି।

## ବାରାକ୍‌ରେ କନ୍‌ଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ

**ବିନିକା,୧୩।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ବାରାକ୍‌ରେ ଜଣେ କନ୍‌ଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ରିଜର୍ଭ ପୋଲିସ କନ୍‌ଷ୍ଟେବଲ ଦିଲୀପ କୁମାର ମିଶ୍ର(୫୦)। ବିନିକା ଲୋକ ମହୋତ୍ସବ ପାଇଁ ସେ ଗତ ୧୧ତାରିଖରୁ ବିନିକା ପୋଲିସ ବାରାକ୍‌ରେ କର୍ମଚାରୀଙ୍କ ସହ ରହୁଥିଲେ। କୌଣସି କାରଣବଶତଃ ବୁଧବାର ରାତିରେ ସେ ମହୋତ୍ସବକୁ ଡ୍ୟୁଟି କରିବାକୁ ଯାଇ ନ ଥିଲେ। ଗୁରୁବାର ସକାଳେ ସେ ଶଯ୍ୟାରୁ ଉଠି ନ ଥିଲେ। ସହ କର୍ମଚାରୀମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଶୁଣି ନ ଥିଲେ। ତାଙ୍କୁ ତୁରନ୍ତ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଦିଲୀପଙ୍କୁ ମୃତ ଘୋଷଣା କରିଥିବା ବିନିକା ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି। ଖବର ପାଇ ସୋନପୁରରେ ରହୁଥିବା ଦିଲୀପଙ୍କ ସ୍ତ୍ରୀ ବିନିକା ଥାନାରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ପାଣିଗ୍ରାହୀ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟପାଡ଼ ଏଡିଇଓ

## ୧୫ ପ୍ଲଟ୍, କାଜୁ ପ୍ରୋସେସିଂ ୟୁନିଟ୍ ସହ ରହିଛି ଅନେକ ସମ୍ପତ୍ତି

**କୋରାପୁଟ/କୋଟପାଡ଼, ୧୩।୨ (ଅମିତାଭ ବେହେରା/କେ.ରାଜଶେଖର ରାଓ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଜୟପୁର ଭିଜିଲାନ୍ସ ପକ୍ଷରୁ କୋଟପାଡ଼ ବ୍ଲକ୍ ବତାସନା ପଞ୍ଚାୟତ ଆକାଉଣ୍ଟାଣ୍ଟ ତଥା ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ପାର୍ଥସାରଥି ବିଷୋୟୀଙ୍କ ଚମ୍ପିଆସ୍ଥିତ ବାସଭବନ ସହ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପାର୍ଥଙ୍କ ୩ଟି ବିଲ୍ଡିଂ, କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ୧୫ଟି ପ୍ଲଟ୍, ନଗଦ ୨ ଲକ୍ଷ ୪୫ ହଜାର ଟଙ୍କା, ୨୮୫ ଗ୍ରାମ ସୁନା, ୭୦୩ ଗ୍ରାମ ରୁପା, ୨ଟି କଂକ୍ରିଟ୍ ମିକ୍ସଚର ମେଶିନ ଓ ୮୫୦୦ବର୍ଗଫୁଟର କାଜୁ ପ୍ରୋସେସିଂ ୟୁନିଟ୍‌ଥିବା ଭିଜିଲାନ୍ସପକ୍ଷରୁ ସୂଚନା ମିଳିଛି।


ପାର୍ଥସାରଥି ବିଷୋୟୀ।

ସୂଚନାଯୋଗ୍ୟ, ଗୁରୁବାର ସକାଳେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ବତାସନା ପଞ୍ଚାୟତର ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ପାର୍ଥସାରଥିଙ୍କ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ପାର୍ଥଙ୍କ କୋରାପୁଟ ଚମ୍ପିଆ ବାସଭବନ, ଭାଇଙ୍କ ଘର, ସମ୍ପର୍କୀୟ ଘର, ଚମ୍ପିଆସ୍ଥିତ ସାଇକ୍ରିଷ୍ଟା ଏଣ୍ଟରପ୍ରାଇଜେସ୍, ବୋରିଗୁମ୍ମାସ୍ଥିତ ୩ ମହଲା କୋଠା ଓ ବତାସନାସ୍ଥିତ ଅଫିସ ଆଦି ସ୍ଥାନରେ ଚଢ଼ାଉହୋଇଥିଲା। ଭିଜିଲାନ୍ସ ଟିମ୍‌ରେ ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୬ଇନ୍ସପେକ୍ଟର ଓ ୬ ଏଏସ୍‌ଆଇ ସାମିଲ ରହିଥିଲେ। ଅଧିକ ଖୋଳତାଡ଼ ପାଇଁ ପାର୍ଥଙ୍କୁ ଜୟପୁର ଭିଜିଲାନ୍ସ ଅଫିସକୁ ନିଆଯାଇଛି।

# କମ୍ପାନୀରେ ନିବେଶ ଆଳରେ ୨୫ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୩।୨(ସତ୍ୟଜିତ୍ ରାଉତ)**

ଏକ କମ୍ପାନୀରେ ନିବେଶ କରି ବଡ଼ ଧରଣର ଲାଭ ମିଳିବାର ପ୍ରତିଶ୍ରୁତି ଦେଇ ୨୫ ଲକ୍ଷ ଠକେଇ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଫେଜ-୨ରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ଚନ୍ଦନ କୁମାର ଭୁୟାଁ (୩୭। କୋର୍ଟ ଚାଲାଣ ପରେ ଅଭିଯୁକ୍ତ ଚନ୍ଦନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ୨୦୨୩ ଅଗଷ୍ଟ ୨୯ରେ ଭିମାଟାଙ୍ଗୀ ଅଞ୍ଚଳରେ ରହୁଥିବା ଏସ୍. ଚନ୍ଦ୍ରଙ୍କୁ ଚନ୍ଦନ କୁମାର ଭୁୟାଁ ଫସାଇଥିଲେ। ଏକ କମ୍ପାନୀରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିବା ସହ ସେଠାରୁ ମୋଟା ଅଙ୍କର ଲାଭ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଚନ୍ଦ୍ର ଏଥିରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ଚନ୍ଦନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩୫ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ୨୦୨୩ ଅକ୍ଟୋବରରେ ଚନ୍ଦ୍ରଙ୍କୁ ଚନ୍ଦନ ମାତ୍ର ୧୦ ଲକ୍ଷ ଟଙ୍କା ଫେରାଇଥିଲେ। ଏହାପରେ ବାରମ୍ବାର କହିବା ପରେ ମଧ୍ୟ ଚନ୍ଦନ ଲାଭ ଦେବା ତ ଦୂରର କଥା ବାକି ଟଙ୍କା ମଧ୍ୟ ଦେଉ ନ ଥିଲେ। ଚନ୍ଦ୍ର ସମ୍ପର୍କୀୟଙ୍କ ଠାରୁ ଟଙ୍କା ଉଧାର ଆଣି ଫେରାଇ ନ ପାରିବାରୁ ବଡ଼ ଆର୍ଥିକ ସମସ୍ୟାର ପଡ଼ିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୩୬୫/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା


ଗିରଫ ୧୧ ଅଭିଯୁକ୍ତ।

**ସୁନ୍ଦରଗଡ଼,୧୩।୨ (ଜୟ ନାରାୟଣ ମେଣ୍ଡୁଲି)**

## ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ ଘଟଣା

## ୧୧ ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା କୁଲଟା ପଞ୍ଚାୟତ ବିଜାଡିହି ଜଙ୍ଗଲରୁ ୧୯ତାରିଖ ଅପରାହ୍ନରେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରିଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରାର ଚନ୍ଦନ ଧୁରୁଆ। ସମସ୍ତ ଅଭିଯୁକ୍ତ ଓ ମୃତ ଚନ୍ଦନ ସମସ୍ତେ ସାଙ୍ଗ ବୋଲି ଗୁରୁବାର ଅପରାହ୍ନରେ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଧରୁଆଡିହି ଥାନା କେସ୍ ନଂ. ୪/୨୦/୧/୨୦୨୫ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧)/୬୧(୨)/୨୩୮(ଏ)/୩(୫)ରେ ମାମଲା ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡରେ ୭ ଜଣ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ହତ୍ୟାକାଣ୍ଡ ଷଡ଼ଯନ୍ତ୍ରରେ ୪ ଅଭିଯୁକ୍ତ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଝାରସୁଗୁଡ଼ା ଜିଲା ଲାଇକେରା ଥାନା ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଚନ୍ଦନ ଅଭିଯୁକ୍ତଙ୍କ ମା, ଭଉଣୀ ସମସ୍ତଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା କାରଣରୁ ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଚନ୍ଦନଙ୍କୁ ହତ୍ୟା କରିବା ପାଇଁ ୭ଟି ଛୁରି ବାମରା ମକର ଯାତ୍ରାରୁ ଅଭିଯୁକ୍ତମାନେ କିଣି ଥିଲେ। ଘଟଣା ଦିନ ସମସ୍ତେ ଚନ୍ଦନଙ୍କ ସହ ମଦ୍ୟପାନ କରିଥିଲେ। ପରେ ତାଙ୍କୁ ହତ୍ୟାକରି ଧରୁଆଡିହି ଥାନା ବିଜାଡିହି – ଲମଟି ରାସ୍ତାର ଘୁମୁଡ଼ା ରିଜର୍ଭ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମୃତା ନନ୍ଦିନୀ ମହାନ୍ତି, ଧରୁଆଡିହି ଥାନା ଆଇଆଇସି ସଂଯୁକ୍ତା ସାହୁ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠିକିଲା ନାରୀ ଘର କରେ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠିଠେଇ ଘଇତା ଘନଶ୍ୟାମ<br>ପେଟ ପୂରିଲେ ରାମ ରାମ।**

ପେଟୁଆ ବ୍ୟକ୍ତି ସାଧାରଣତଃ ଖାଦ୍ୟଲୋଭୀ ହୋଇଥାନ୍ତି। ଏପରି ସ୍ଥିତିରେ ସଦାସର୍ବଦା ନିଜର ପେଟ ଚିନ୍ତା କରୁଥିବା ସ୍ୱାର୍ଥପର ଗୃହସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଲେଜରେ ଛୁରାମାଡ଼ ଘଟଣା, ଅଭିଯୁକ୍ତ ଛାତ୍ର ଗିରଫ

**ଖଲ୍ଲିକୋଟ,୧୩।୨(ପ୍ରଶାନ୍ତ କୁମାର ମିଶ୍ର)**

## ଆହତ ୩ ଅଣଛାତ୍ରଙ୍କ ଅବସ୍ଥା ସ୍ଥିର

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ (ଆର୍‌ସିଏମ୍) କଲେଜରେ ଛୁରାମାଡ଼ କରିଥିବା ଛାତ୍ର ମେଘନାଦ ପାହାନ(୨୨)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ମେଘନାଦ ଆର୍‌ସିଏମ୍ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର। ପ୍ରେମ ବ୍ୟାପାରକୁ ନେଇ ବୁଧବାର କଲେଜକୁ ଲାଗି ରହିଥିବା ଖେଳପଡ଼ିଆରେ ୩ ଅଣଛାତ୍ର ବିଜୟ ନାୟକ, ରାଜା ଗୌଡ଼ ଏବଂ ରାଜା ସେଠୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ଭିତରେ ହଠାତ୍ ମେଘନାଦ ବ୍ୟାଗରୁ ଏକ ଛୁରି ବାହାର କରି ସେମାନଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆହତମାନଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ରାଜାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ନଂ.୧୨୮/୨୦୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ମେଘନାଦଙ୍କୁ ଗିରଫ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିଆଁ ଲଗାଇ ସ୍ତ୍ରୀଙ୍କୁ ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର, ୧୩।୨(ବାଞ୍ଛାନିଧି ଦେ)**

କିରୋସିନ ଢାଳି ନିଆଁ ଲଗାଇ ସ୍ତ୍ରୀଙ୍କୁ ହତ୍ୟା ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱାମୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବରହମପୁର ଥାନା ଯାମୁନା ଗ୍ରାମର ଅନ୍ତର୍ଯ୍ୟାମୀ କବାଟ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୁରୁଣା ବାରିପଦା ଅଞ୍ଚଳର ଅଜିତ ମଲିକଙ୍କ ଝିଅ ପାର୍ବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଆସବାବପତ୍ର, ସୁନା ଅଳଙ୍କାର ସହ ନଗଦ ୧୦ହଜାର ଟଙ୍କା ଯାନିଯୌତୁକ ଦିଆଯାଇଥିଲା। ଏହାପରେ ଆଉ ୨୦ହଜାର ଟଙ୍କା ଅଧିକ ଯୌତୁକ ପାଇଁ ସ୍ୱାମୀଙ୍କ ପରିବାର ପକ୍ଷରୁ ଦାବି କରାଯାଇ ଆସୁଥିଲା। ଉକ୍ତ ଟଙ୍କା ଦେଇ ନ ପାରିବାରୁ ସ୍ୱାମୀ ଅନ୍ତର୍ଯ୍ୟାମୀ ଓ ପରିବାର ଲୋକେ ବିଭିନ୍ନ ସମୟରେ ମାନସିକ, ଶାରୀରିକ ନିର୍ଯ୍ୟାତନା ଦେବା ସହ ହତ୍ୟା ଧମକ ଦେଉଥିଲେ। ଗତ ୨୦୨୦ ଅକ୍ଟୋବର ୯ ତାରିଖ ରାତିରେ ପାର୍ବତୀଙ୍କୁ ଶାଶୁଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ପାର୍ବତୀଙ୍କ ଶିଶୁକନ୍ୟା ସେଠାକୁ ଦୌଡ଼ିଯିବାରୁ ଉଭୟ ମା' ଓ ଝିଅ ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମା' ଓ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ୨୦୨୦ ଅକ୍ଟୋବର ୧୬ ତାରିଖରେ ପାର୍ବତୀଙ୍କ ବାପା ବରହମ୍ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୋଟ୍ ୧୩ଜଣ ସାକ୍ଷ୍ୟ ଓ ୧୬ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ ପତି ମାମଲାର ପରିଚାଳନା କରୁଥିଲେ।

## କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା

# ବିଜୟନଗରମ୍‌ରୁ ଧରାପଡ଼ିଲେ ଆନ୍ତଃରାଜ୍ୟ ଲୁଟେରା



ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୂଚନା ଦେଉଛନ୍ତି।


ଗିରଫ ଅଭିଯୁକ୍ତ।

**ଭୁବନେଶ୍ୱର,୧୩।୨(ସୂର୍ଯ୍ୟକାନ୍ତ ବେହେରା)**

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ କମିଶନରେଟ ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଶାଖାପାଟଣା ଗାଜୁୱାକାର କାରୀ ସତୀ ବାବୁ ଓରଫ ସତୀଶ ରେଡ୍ଡି ଓରଫ ସ୍ପାଇଡର ସତୀଶ ଓରଫ ବୁଜ୍ଜି ଷ୍ଟିଫେନ(୩୮)। ତାଙ୍କଠାରୁ ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ ଭଳି ସାମଗ୍ରୀ ଜବତ ହୋଇଛି। ସେ ବଡ଼ବଡ଼ିଆଙ୍କ ଘରକୁ ଗୁଗୁଲ୍‌ରେ ସର୍ଚ୍ଚ କରି ଚୋରି କରିଥାନ୍ତି ବୋଲି ଗୁରୁବାର ପୋଲିସ ସେବା ଭବନରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ୪୦୦ ସିସିଟିଭି ଫୁଟେଜ, ୧୦ ହଜାର ଫୋନ୍ ଯାଞ୍ଚ କରାଯାଇଥିଲା। ବରମୁଣ୍ଡା ବସ୍ ଷ୍ଟାଣ୍ଡ ସିସିଟିଭିରେ ଏକ କାର୍‌ରେ ଯାଉଥିବାରୁ ଗାଡ଼ି ନମ୍ବରରୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଠାବ କରାଯାଇଥିବା ପୋଲିସ କମିଶନର ସିଂ କହିଛନ୍ତି। ସେହିପରି ଅଭିଯୁକ୍ତ ବିଭିନ୍ନ ରାଜ୍ୟରେ ସେ ଚୋରି କରନ୍ତି। କେରଳର ଜଣଙ୍କ ଘରୁ ୭ କିଲୋ ସୁନା ଚୋରି କରିଥିବା ସୂଚନା ମିଳିଛି। ସେହିପରି ୨୦୨୩ ଅକ୍ଟୋବର ୧୫ରେ ନୟାପଲ୍ଲୀସ୍ଥିତ ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ଲିମିଟେଡ କମ୍ପାନୀର ମାଲିକଙ୍କ ଘରୁ ମଧ୍ୟ ପ୍ରାୟ ୨ କୋଟିର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିଥିବା ଜଣାପଡ଼ିଛି ବୋଲି କମିଶନରସିଂ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୫ ବିଳମ୍ବିତ ରାତିରେ ନୟାପଲ୍ଲୀ ଆଇଆରସି ଭିଲେଜ ଏନ-୨ ସ୍ଥିତ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟେରା ଜଣଙ୍କ ପଶି ୨.୫୦ ଲକ୍ଷ ନଗଦ ଟଙ୍କା ଓ ୫୦ ଲକ୍ଷ ଟଙ୍କାର ସୁନା ଗହଣା ନେଇ ପଳାଇ ଯାଇଥିଲେ। ଏସମ୍ପର୍କରେ ନିରଞ୍ଜନଙ୍କ ପୁଅ ଦେବଜ୍ୟୋତି ପଟ୍ଟନାୟକ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ କମିଶନରେଟ ପୋଲିସର ୩ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସିସିଟିଭିକୁ ଆଧାର କରି ପୋଲିସ ଯାଞ୍ଚ ଆରମ୍ଭ କରିଥିଲା। ଲୁଟେରା ବାହାର ରାଜ୍ୟରେ ଥିବା ଜଣାପଡିବା ପରେ ଗଠନ ହୋଇଥିଲା ଟିମ କେରଳ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ୧୪ ଦିନ ଧରି ବିଭିନ୍ନ ଜେଲକୁ ଯାଇ ୪୦ ବଡ଼ ଅପରାଧୀଙ୍କ ରେକର୍ଡ ମଧ୍ୟ ଯାଞ୍ଚ କରିଥିଲା। ପରେ ଆନ୍ଧ୍ରପ୍ରଦେଶ ବିଜୟନଗରମରୁ ସ୍ଥାନୀୟ ପୋଲିସ ସହାୟତରେ କମିଶନରେଟ ପୋଲିସ ଧରିବା ପରେ ଓଡିଶା ଆଣିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଅଭିଯୁକ୍ତଙ୍କ ନାମରେ ୧୦୦ ମାମଲା

ଅଭିଯୁକ୍ତ ସତୀଶ ଜଣେ ପେସାଦାର ଅପରାଧୀ ସହ ଆନ୍ତଃରାଜ୍ୟ ଲୁଟେରା ଭାବେ ଜଣାଶୁଣା। ତାଙ୍କ ନାମରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ,ତାମିଲନାଡୁ, କେରଳ, ତେଲଙ୍ଗାନାରେ ବିରୋଧରେ ନିଶା କାରବାର, ଯୁବତୀ ଚାଲାଣ, ଡକାୟତି, ଚୋରି ଭଳି ୧୦୦ ମାମଲା ରହିଛି। ସେଥିମଧ୍ୟରୁ ୧୧ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିବା ତଦନ୍ତବେଳେ ଜଣାପଡ଼ିଛି। ଗତ ସେପ୍ଟେମ୍ବର ୪ ତାରିଖରେ କେରଳର ତ୍ରିଭେନ୍ଦ୍ରମ୍ ସେଣ୍ଟ୍ରାଲ ଜେଲରୁ ସେ ଜାମିନରେ ଆସିଥିଲେ। ଏହାପୂର୍ବରୁ ସେ ଦକ୍ଷିଣ ଭାରତୀୟ ରାଜ୍ୟର ବିଭିନ୍ନ ଜେଲରେ ରହିଥିଲେ। ଅଭିଯୁକ୍ତ ଗୁଗୁଲ ସହାୟତାରେ ଧନୀ ଓ ଭିଆଇପିଙ୍କ ଘରକୁ ଟାର୍ଗେଟ କରି ପରବର୍ତ୍ତୀ ସମୟରେ ଚୋରି କରିଥାନ୍ତି ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ଅଙ୍କିତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଲିଉଡ୍‌ରେ ଷ୍ଟାର୍ କିଡ୍‌ଙ୍କୁ ବେଶି ସୁଯୋଗ ମିଳେ: ହର୍ଷବର୍ଦ୍ଧନ


ହର୍ଷବର୍ଦ୍ଧନ ରାଣେ

ମୁମ୍ବାଇ: ୨୦୧୬ରେ ରିଲିଜ୍ ହୋଇଥିବା ଫିଲ୍ମ 'ସନମ ତେରି କସମ୍'କୁ ଗତ ୭ ତାରିଖରେ ରି-ରିଲିଜ୍ କରାଯାଇଥିଲା। ଭାଲେଣ୍ଟାଇନ୍ସ ୱିକ୍‌ରେ ବକ୍ସ ଅଫିସ୍‌କୁ ଆସିଥିବା ନୂତନ ଫିଲ୍ମଗୁଡ଼ିକଠାରୁ 'ସନମ ତେରି କସମ୍' ଫିଲ୍ମକୁ ଦର୍ଶକଙ୍କର ଅଧିକ ସମର୍ଥନ ମିଳିଥିଲା। ଏହି ଫିଲ୍ମକୁ ନେଇ ସମ୍ପ୍ରତି ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ଲାଗି ରହିଛି। ଫିଲ୍ମରେ ମୁଖ୍ୟ ଅଭିନେତା ଭାବେ ନଜରକୁ ଆସିଥିବା ହର୍ଷବର୍ଦ୍ଧନ ରାଣେଙ୍କୁ ବିଭିନ୍ନ ବଡ଼ ଫିଲ୍ମରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ଦିଆଯାଉ ବୋଲି ସୋସିଆଲ ମିଡିଆରେ ସିନେପ୍ରେମୀମାନେ ଦାବି କରିଛନ୍ତି। ସମ୍ପ୍ରତି ବଲିଉଡ୍ ଇଣ୍ଡଷ୍ଟ୍ରିରେ ହର୍ଷବର୍ଦ୍ଧନ ସଂଘର୍ଷ କରୁଥିବାରୁ ସୋସିଆଲ ମିଡିଆରେ ତାଙ୍କୁ ନେଇ ଏହି ଦାବି ଉଠିଛି। ତେବେ ଏନେଇ ହର୍ଷବର୍ଦ୍ଧନ ଗୁରୁବାର ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ତାଙ୍କ ଆଖପାଖରେ ଚାଲିଥିବା କୋଳାହଳଠାରୁ ସେ ନିଜ କାମରେ ଅଧିକ ଫୋକସ୍ କରିବାକୁ ପସନ୍ଦ କରନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଶ୍ଚିତ ଭାବେ ପରିବାରବାଦ ରହିଛି। ଏହାକୁ ଅସ୍ୱୀକାର କରାଯାଇ ପାରିବନି। ଏଠାରେ ଷ୍ଟାର୍ କିଡ୍‌ମାନଙ୍କୁ ବେଶି ସୁଯୋଗ ମିଳିଥାଏ। ଭଲ କାମ ସତ୍ତ୍ୱେ ମଧ୍ୟ ଇଣ୍ଡଷ୍ଟ୍ରି ବାହାରର କଳାକାରମାନଙ୍କୁ କମ୍ ସୁଯୋଗ ମିଳିଥାଏ।

# ତୁ ମୋ ଭାଲେଣ୍ଟାଇନ୍...



ପ୍ରେମ ଚିରନ୍ତନ... ବିଶ୍ୱାସର ନୀଡ଼। ପ୍ରେମ ବ୍ୟକ୍ତ ପାଇଁ ଭାଷା ବା ଶବ୍ଦର ଆବଶ୍ୟକ ହୁଏନି। ଦୁଇ ଜଣଙ୍କ ଆଖିରେ ଆଖି ମିଶିବା ପରେ ହଜିଯାଏ ମନ। ପ୍ରେମିକର ଭାବନା ଆଉ ପ୍ରେମିକାର ଆନମନା ହିଁ ଏଇ ପ୍ରେମ। ନିଜ ଅବ୍ୟକ୍ତ ପ୍ରେମକୁ ପ୍ରେମୀଯୁଗଳ ପରିପ୍ରକାଶ ପାଇଁ ପାଳନ କରିଥାନ୍ତି ଭାଲେଣ୍ଟାଇନ୍ସ ଡେ'।

ପ୍ରେମ ସପ୍ତାହ (ଭାଲେଣ୍ଟାଇନ୍ସ ୱିକ୍) ରୋଜ୍ ଡ଼େ'ରୁ ଆରମ୍ଭ ହୋଇ ପ୍ରପୋଜ୍ ଡେ', ଚକୋଲେଟ୍ ଡେ', ଟେଡ଼ି ଡେ', କିସ୍ ଡେ' ଦେଇ ଭାଲେଣ୍ଟାଇନ୍ସ ଡେ'ରେ ଆସି ପହଞ୍ଚେ। ଆଜି ଫେବୃଆରୀ ୧୪, ଭାଲେଣ୍ଟାଇନ୍ସ ଡେ'। ଏହି ପ୍ରେମ ଦିବସ ସମ୍ବନ୍ଧିତ ବିବିଧ ପ୍ରସଙ୍ଗକୁ ନେଇ ଉପସ୍ଥାପନା...

## ଭାଲେଣ୍ଟାଇନ୍ କେକ୍

ଜନ୍ମଦିନ ହେଉ ଅବା ନୂଆବର୍ଷ କିମ୍ବା ରିଙ୍ଗସେରିମନି ସବୁ କାର୍ଯ୍ୟକ୍ରମରେ ଏବେ କେକ୍ କାଟିବା ଏକ ଟ୍ରେଣ୍ଡ ପାଲଟିଛି। ପରିବାର ଲୋକ ହୁଅନ୍ତୁ କି ସାଙ୍ଗସାଥୀ ସେମାନଙ୍କ ସହିତ ଖୁସିର ମୂହୁର୍ତ୍ତକୁ ଉପଭୋଗ କରିବାରେ କେକ୍ କାଟିବାକୁ ପ୍ରାଧାନ୍ୟ ଦିଆଯାଉଛି। ତେବେ ଭାଲେଣ୍ଟାଇନ୍ସ ଡେ' ଲାଗି କେକ୍ ଦୋକାନ ଗୁଡିକ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ବିଭିନ୍ନ ଫ୍ଲେଭର ସାଙ୍ଗକୁ ଟ୍ରେଣ୍ଡରେ ଥିବା ବିଭିନ୍ନ ଭେରାଇଟର କେକ୍ ଦୋକାନରେ ଦେଖିବାକୁ ମିଳିଛି। ପ୍ରେମୀଯୁଗଳଙ୍କ ମନ ଜିଣିଲା ଭଳି କେକ ଉପରେ କଣ୍ଢେଇ, ସୁନ୍ଦର ଗୋଲାପ ଫୁଲ ସହିତ 'ହାପି ଭାଲେଣ୍ଟାଇନ୍', 'ଆଇ ଲଭ୍ ୟୁ' ଭଳି ବିଭିନ୍ନ ପ୍ରକାର କୋଟେସନ ରହିଛି।

## ଗୋଲାପ ବିନା ପ୍ରେମ ଅଧୁରା

ଗୋଲାପ ପ୍ରେମର ପ୍ରତୀକ। ବିଭିନ୍ନ ରଙ୍ଗର ଗୋଲାପ ମଧ୍ୟରୁ ଲାଲ ଗୋଲାପ ସ୍ୱତନ୍ତ୍ର। ଲାଲ ଗୋଲାପ ଦେଇ ପ୍ରେମୀଯୁଗଳମାନେ ନିଜ ମନର ଭାବନା ପରିପ୍ରକାଶ କରିଥାଆନ୍ତି। ଯେତେ ଯାହା ଗିଫ୍ଟ ଦିଅନା କାହିଁକି ତା ସହିତ ଫୁଲର ଆବଶ୍ୟକତା ରହିଛି। ତେଣୁ ଫୁଲର ଚାହିଦାକୁ ଦେଖି ବ୍ୟବସାୟୀମାନେ ମଧ୍ୟ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଭୁବନେଶ୍ୱର ଏଜି ଛକ ନିକଟରେ ଫୁଲ ଦୋକାନ ଗୁଡିକରେ ବିଭିନ୍ନ ରଙ୍ଗବେରଙ୍ଗର ଗୋଲାପ ଦେଖିବାକୁ ମିଳିଛି। ଗୋଲାପ ଫୁଲ ଗୋଟାଏର ଦାମ୍ ୨୦ଟଙ୍କାରୁ ଆରମ୍ଭ ହୋଇଛି। ୧୫୦ଟଙ୍କାରୁ ଫୁଲତୋଡ଼ା ଆରମ୍ଭ ହେବ। କେବଳ ଗୋଲାପ ଫୁଲରତୋଡ଼ା ଦାମ୍ ୩ଶହ ଟଙ୍କାରୁ ଆରମ୍ଭ ହୋଇ ୧୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଆଗରୁ କେବଳ ଗୋଲାପ ଫୁଲର ଚାହିଦା ରହିଥିବାବେଳେ ଏବେ ଫୁଲ କିସାନ୍‌କିମାମ୍, ଲିଲି, ଅର୍କିଡ୍, ଜରବେରା, ଜିପ୍ସ, ବ୍ଲୁଡେଜି ଭଳି ବିଭିନ୍ନ ଫୁଲର ଚାହିଦା ବଢୁଛି। କିସାନ୍‌କିମାମ୍ ଫୁଲ ଥାଇଲାଣ୍ଡରୁ ଆସୁଥିବାବେଳେ ଏହାର ଦାମ୍ ୧୦୦ଟଙ୍କା ରହିଛି। ସେହିପରି ନାଲି ଗୋଲାପର ଦାମ୍ ୨୦ରୁ ଆରମ୍ଭ ହେଉଥିବାବେଳେ ରଙ୍ଗୀନ ଗୋଲାପର ଦାମ୍ ୪୦ଟଙ୍କାରୁ ଆରମ୍ଭ ହେଉଛି। କୋଲକତା, ବାଙ୍ଗାଲୋର୍, ହାଇଦ୍ରାବାଦ୍ ଆଦି ବିଭିନ୍ନ ରାଜ୍ୟରୁ ଫୁଲ ଅଣାଯାଇଛି।

## ଉପହାର ଦେବାକୁ ଉତ୍କଣ୍ଠା



ଭାଲେଣ୍ଟାଇନ୍ସ ଡେ'ରେ ଉପହାର ଦେବା ପାଇଁ ପ୍ରେମୀଯୁଗଳଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖାଦେଇଛି। ଉପହାର ଏମିତି ହେବା ଦରକାର ଯାହା ସବୁ ସମୟରେ ସେମାନଙ୍କର ଉପସ୍ଥିତିକୁ ଜାହିର୍ କରୁଥିବ। ତେଣୁ କେଉଁଟା ସବୁଠାରୁ ଭଲ ହେବ ଆଉ ମନକୁ ପାଇବ ତାକୁ ବଜାରରେ ଖୋଜିବାରେ ବ୍ୟସ୍ତ। କିଏ ପସନ୍ଦର ପର୍‌ଫ୍ୟୁମ୍ ଦେବାକୁ ମନ କରିଛନ୍ତି ତ ଆଉ କିଏ ଡ୍ରେସ୍, ଡିନର୍, କପଲ୍ ଗିଫ୍ଟ ସାଙ୍ଗକୁ ଫଟୋ ଫ୍ରେମ୍, ରୋଟେସନ୍ ମ୍ୟୁଜିକ୍ ଗିଫ୍ଟ, ଲଭ୍‌ବାର୍ଡ ଭଳି ବିଭିନ୍ନ ଗିଫ୍ଟ ଦେବାକୁ ମନ ବଳାଇଛନ୍ତି। ତା' ସାଙ୍ଗକୁ ମନର କଥାକୁ ଶବ୍ଦର ରୂପ ଦେବା ପାଇଁ କାର୍ଡର ଚାହିଦା ଆଜି ମଧ୍ୟ ରହିଛି। ତେଣୁ ରୋମାଣ୍ଟିକ୍ ଲଭ୍ କାର୍ଡ କିଣିବା ନେଇ ଆଗ୍ରହ ଦେଖାଦେଇଥିଲା।

## ପାର୍କ, ମଲ୍ ଓ ଫିଲ୍ମ ହଲ୍‌ରେ ପ୍ରେମୀଙ୍କ ଭିଡ଼

ରାଜଧାନୀର ବିଭିନ୍ନ ମଲ ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ରେଷ୍ଟୁରାଣ୍ଟରେ ପ୍ରେମ ଦିବସକୁ ପାଳନ କରିବା ପାଇଁ ଜୋର୍‌ଦାର୍ ପ୍ରସ୍ତୁତ ହୋଇଛି। କେଉଁଠି ସ୍ପେଶିଆଲ ଅଫର ରହିଥିବା ବେଳେ କ୍ୟାଣ୍ଡେଲ ନାଇଟ ଡିନରର ଆୟୋଜନ କରାଯାଇଛି। ପ୍ରେମୀଯୁଗଳଙ୍କ ମନ ପସନ୍ଦ ହେଲା ଭଳି ଟେବୁଲ ସଜା ଯାଇଛି। ଭାଲେଣ୍ଟାଇନ୍ ସ୍ପେଶିଆଲ ଡିସ୍ ମଧ୍ୟ ପ୍ରସ୍ତୁତ କରଯାଇଛି। ଏହାସାଙ୍ଗକୁ ବିଭିନ୍ନ ସପିଂମଲ୍‌ରେ ମଧ୍ୟ ଭିଡ଼ ଜମିବ। ତେଣୁ ଖାଦ୍ୟପାନୀୟ ସହିତ ଭଳିକି ଭଳି ଉପହାର ଏବଂ ସ୍ୱତନ୍ତ୍ର ଆକର୍ଷଣକୁ ନେଇ ସଜେଇ ହୋଇଛି ସପିଂମଲ୍। ସେହିପରି ଆଇଜି ପାର୍କ, ଫରେଷ୍ଟ ପାର୍କ, ଜୟଦେବ ବାଟିକା ଭଳି ବିଭିନ୍ନ ପାର୍କ ଏବଂ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପ୍ରେମୀ ଯୁଗଳଙ୍କ ଭିଡ଼ ଦେଖିବାକୁ ମିଳିବ।

ରିପୋର୍ଟ: ସୂଚିସ୍ମିତା ସାହୁ


## ନବମ ଜନ୍ମଦିନ ଶୁଭେଚ୍ଛା



ଲାସ୍ୟା ତାପସୀ (ରାଣୀ)
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ ।
ଧ-୭୬୦୪୬

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



ହନଷିତ ରାଜ (ବାବୁ)
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ ।
ଧ-୭୬୦୪୭

## Happy Birthday



ଇତିଶ୍ରୀ ସାହାଣୀ
ଆଜି ତୁମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମ ଚଲାପଥ କୁସୁମିତ ହେବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ ।
ଶୁଭେଚ୍ଛା ସହ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-2921


## ଏମାନେ ଯାହା କହନ୍ତି

### ମହତ୍ତ୍ୱ ବୁଝିବାର ଆବଶ୍ୟକତା ରହିଛି



ପ୍ରେମ ଶାଶ୍ୱତ। ଏହା ଏମିତି ଏକ ସମ୍ପର୍କ ଯାହାକୁ ଛାଡି ରହିବା କଷ୍ଟକର। କିନ୍ତୁ ଆଜିର ଆଧୁନିକ ଯୁବପିଢ଼ିମାନେ ଏ ସମ୍ପର୍କ ମହତ୍ତ୍ୱକୁ ବୁଝିପାରୁ ନାହାନ୍ତି। କେତେକ ସ୍ଥାନରେ ଏହା ବ୍ୟବସାୟ ଭଳି ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଆଜିର ଦିନରେ ଲୋକେ ପ୍ରେମ ସମ୍ପର୍କକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ତେଣୁ ଏ ଦିଗରେ ସଚେତନ ହେବାର ଆବଶ୍ୟକତା ରହିଛି।

-ପ୍ରସାଦ ମହାପାତ୍ର, କର୍ମଜୀବୀ

### ଭଉଣୀମାନେ ମିଶି କେକ୍ କାଟିବାକୁ ଯୋଜନା କରିଛୁ



ପ୍ରେମ ଏକ ନିଆରା ସମ୍ପର୍କର ବନ୍ଧନ। ପ୍ରେମ ଯେ କେବଳ ପୁଅ ଓ ଝିଅକୁ ହୁଏ ନାହିଁ। ଏହା ଦୁଇ ସାଙ୍ଗ ଓ ବାପା, ମାଆଙ୍କ ସହିତ ମଧ୍ୟ ହୋଇଥାଏ। ଏହି ପବିତ୍ର ସମ୍ପର୍କକୁ ସମସ୍ତେ ଭାଲେଣ୍ଟାଇନ୍ସ ଡେ ଭାବେ ପାଳନ କରିପାରିବା। ମୁଁ ମୋର ସାନ ବଡ ଓ ଭଉଣୀଙ୍କୁ ସହିତ ଭାଲେଣ୍ଟାଇନ୍ସ ଡେ ପାଳନ କରିବି। ସବୁ ଭଉଣୀମାନେ ରାତିରେ କେକ କାଟିବାକୁ ଯୋଜନା କରିଛୁ।

-ମୋନାଲିସା ସାହୁ, ଛାତ୍ରୀ


# Classified Everyday
0674-2580101, 9692975378



REAL ESTATE
SALE

**Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741.** D-2801

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76417

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584.** D-2922

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



FOR RENT

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

We Dillip Kumar Nayak and Neelambar Nayak, S/o- Ullash Nayak, resident of Pipili- 752104 Lost sale deed document No.- 795/1995 on 07.02.2025 while travelling from Bharatipur to Pipili. If anyone find can contact: 7008793929. D-2920

## AFFIDAVIT

I Md. Akhtar, S/o- Abdul Rahiman, R/o- Old Post Office Lane, P.O.- Rourkela-1, P.S.- Plantsite, Dist.- Sundargarh, Odisha, declare that the name Md. Akhtar, Mohammad Akhtar and Akhtar, S/o- Abdul Rahiman, Abdul Raheman and Abdul Rahaman stands for one and same person i.e. myself and my father by this affidavit sworn before the Notary Public, Rourkela. I shall be known as Md. Akhtar S/o- Abdul Rahiman for all purposes. D-2908

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, SUSANTA KUMAR MAHAPATRA, S/o-SUDHIR KUMAR MOHAPATRA, resident of Circuit House Road, P.O./P.S.- Athmallik, Dist.- Angul, PIN- 759125, Odisha, declare by this affidavit No.- 167 dt.- 13.02.2025. That now onwards I shall be known as SUSANTA KUMAR MAHAPATRA for all future purposes. D-2911

I, MALABIKA MAHAPATRA, W/o- SUSANTA KUMAR MAHAPATRA, resident of Circuit House Road, P.O./P.S.- Athmallik, Dist.- Angul, PIN- 759125, Odisha, declare by this affidavit No.- 168, dt-13.02.2025. That now onwards I shall be known as MALABIKA MAHAPATRA for all purposes. D-2910

I, Sanjay Kumar Ram, S/o- Late Seetaram Ram resident of At/P.O./P.S.- Karanjia, Dist.- Mayurbhanj, PIN- 757037, Odisha, declare by this affidavit No.- 495, dt-13.02.2025. My actual name is "Sanjay Kumar Ram", wife's name is "Jyoti Ram" and son's name "Priyanshu Kumar Ram", as mentioned in their respective Aadhaar Cards. In the Vikas Convent School, Xth Registration Register it has been wrongly reflected as "Sanjay Ram" & "Priyanshu Ram" but both are same & one respectively. D-2912

By virtue an affidavit sworn before Executive Magistrate, Dhenkanal, dtd.- 07.01.2025, No.- 153, I, Nibas Dehury, Village- Chandrasekharprasad, P.S.- Sadar, Dist.- Dhenkanal, Odisha, declare that my daughter's name has changed from Rakhi Sehuri to Julee Dehury. Henceforth she shall be known as JULEE DEHURY for all purposes.
Nibas Dehury.
D-75491

Before the Executive Magistrate, Jagatsinghpur, I, Sogra Begum, W/o- Late Mirja Abdul Kadir Beig of village- Kantaballavpur (Sunamunhi), P.O.- Dihatartanga, P.S./Dist.- Jagatsinghpur do hereby solemnly affirm that my name has been recorded as Sugra Begum in my PPO No.- CCA/2000 instead of Sogra Begum which is correctly mentioned in my Aadhaar No. xxxx xxxx 5542. Both Sugra Begum and Sogra Begum is one and same person, no other person in the above named in my village. D-2923

## ମନେ ପଡ଼ନ୍ତି

### ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



✓ ନିଶାମଣି ପାଣିଗ୍ରାହୀ
ତାଲୁକା ଛକ, ଆସିକା (ଗଞ୍ଜାମ)
ଆବିର୍ଭାବ : ୧୩.୧୦.୧୯୪୯
ତିରୋଧାନ : ୦୩.୦୨.୨୦୨୫
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ସ୍ୱାମୀ- ବାଞ୍ଛାନିଧି ପାଣିଗ୍ରାହୀ (ପୂର୍ବତନ ପ୍ରଧାନଶିକ୍ଷକ)
ଚନ୍ଦ୍ର ଶେଖର, ଗଙ୍ଗାଧର, ପଞ୍ଚାନନ, ମନୋରମା, ନନ୍ଦିନୀ ଏବଂ ପରିବାର ବର୍ଗ
ଧ-୭୯୧୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ସଂଗ୍ରାମ କେଶରୀ ମହାନ୍ତି
ଜେଲ ମାର୍ଗ, ଭଞ୍ଜପୁର, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ-18.04.1947
ତିରୋଧାନ-04.02.2025
ଜଣେ ମହାନ୍ ଗୀତିକାର ଏବଂ ସରଳ ବ୍ୟକ୍ତିତ୍ୱ ଭାବେ ଆପଣ ସାରା ରାଜ୍ୟରେ ସୁପରିଚିତ ଥିଲେ। ଆପଣଙ୍କର ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ ପରିବାର: ସ୍ତ୍ରୀ- ମମତା, ବଡ଼ ଝିଅ- ଅର୍ଘ୍ୟରୂପା, ଜ୍ୱାଇଁ- ସୁଜୀତ କୁମାର, ମଝିଆଁ ଝିଅ- ବିଶ୍ୱରୂପା, ଜ୍ୱାଇଁ-ଲଲାଟେନ୍ଦୁ, ସାନଝିଅ ବର୍ଣ୍ଣରୂପା, ଜ୍ୱାଇଁ-ଲଡୁକେଶ୍ୱର ଏବଂ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ
ଧ-୭୯୧୩

ଆଇସିସି ଚାମ୍ପିୟନ୍ସ ଟ୍ରଫିର ୯ମ ସଂସ୍କରଣ ଆସନ୍ତା ୧୯ରୁ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବ । ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ...







# ଆଇସିସି ଚାମ୍ପିୟନ୍ସ ଟ୍ରଫି

ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ଆଇସିସି ଚାମ୍ପିୟନ୍ସ ଟ୍ରଫି ଏକଦିବସୀୟ ଫର୍ମାଟ୍‌ରେ ଅନୁଷ୍ଠିତ ହେଉଛି । ୧୯୯୮ରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଅଣ ଟେଷ୍ଟ ପ୍ଲେଇଂ ଦେଶଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଲକ୍ଷ୍ୟରେ ଏହି ଟୁର୍ନାମେଣ୍ଟର ପରିକଳ୍ପନା କରାଯାଇଥିଲା । ଫୁଟ୍‌ବଲରେ ଏହାକୁ ଫିଫା କନ୍‌ଫେଡେରେଶନ କପ୍ ସହ ତୁଳନା କରାଯାଇଥାଏ । ଦିନିକିଆ କ୍ରିକେଟ ବିଶ୍ୱକପ୍ ପରି ଚାମ୍ପିୟନ୍ସ ଟ୍ରଫି ୫୦ ଓଭର ବିଶିଷ୍ଟ ଫର୍ମାଟରେ ଅନୁଷ୍ଠିତ ହୋଇଆସୁଛି । ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସଂସ୍କରଣ ବାଂଲାଦେଶରେ ୧୯୯୮ ଜୁନ୍‌ରେ ଆୟୋଜିତ ହୋଇଥିଲା । ଇତିମଧ୍ୟରେ ୮ଟି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାର ପ୍ରଥମ ୨ଟି ସଂସ୍କରଣ ଆଇସିସିର ସହଯୋଗୀ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ଓ କେନିଆରେ ଆୟୋଜନ କରାଯାଇଥିଲା । ସେହି ଦେଶଗୁଡ଼ିକରେ କ୍ରିକେଟର ଲୋକପ୍ରିୟତା ବଢ଼ାଇବା ଏବଂ ପାଣ୍ଠି ଯୋଗାଡ଼କରି ଏହି ଖେଳର ବିକାଶ କରିବା ମୁଖ୍ୟ ଲକ୍ଷ୍ୟ ଥିଲା । ୨୦୦୨ରୁ ଏପର୍ଯ୍ୟନ୍ତ ପ୍ରତିଯୋଗିତାଗୁଡ଼ିକ ରୋଟେଶନ ପଦ୍ଧତିରେ ଆୟୋଜନ ହୋଇଆସୁଛି । ଫଳରେ ଆଇସିସିର ୬ ସଦସ୍ୟ ରାଷ୍ଟ୍ର ଏହାକୁ ଅତି କମ୍‌ରେ ଥରେ ଲେଖାଏ ଆୟୋଜନ କରିବାର ସୁଯୋଗ ପାଇଛନ୍ତି ।

ବିଶ୍ୱର ଶ୍ରେଷ୍ଠ ୮ ର୍‍ୟାଙ୍କ୍ ପ୍ରାପ୍ତ (ଆୟୋଜକ ଦେଶକୁ ମିଶାଇ) ଦଳ ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି । ଗତ ୮ ସଂସ୍କରଣରେ ମୋଟ ୧୩ ଦଳ ଟୁର୍ନାମେଣ୍ଟ ଖେଳି ସାରିଛନ୍ତି । ଶେଷଥର ପାଇଁ ଅନୁଷ୍ଠିତ ୨୦୧୭ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଅଷ୍ଟ୍ରେଲିଆ ଓ ଭାରତ ସବୁଠାରୁ ସଫଳ ଦଳଭାବେ ୨ ଥର ଲେଖାଏ ଚାମ୍ପିୟନ୍ସ ଟ୍ରଫି ଜିତିସାରିଛନ୍ତି । ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଥରେ ଲେଖାଏ ଟ୍ରଫି ସ୍ୱାଦ ପାଇଛନ୍ତି । ପାକିସ୍ତାନ ଡିଫେଣ୍ଡିଂ ଚାମ୍ପିୟନ ଭାବେ ଆଗାମୀ ସଂସ୍କରଣରେ ଖେଳିବ । ଇଂଲଣ୍ଡ ଓ ୱେଲ୍ସରେ ୨୦୧୭ରେ ଅନୁଷ୍ଠିତ ପ୍ରତିଯୋଗିତାରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା ।

ଏଥର ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍ 'ଏ'ରେ ଭାରତ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଆୟୋଜକ ପାକିସ୍ତାନ ରହିଥିବାବେଳେ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛି । କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଅନ୍ୟ ୩ ଦଳ ବିପକ୍ଷରେ ମ୍ୟାଚ ଖେଳିବେ । ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟ ହେବେ । ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହିଁ ।

## କାର୍ଯ୍ୟସୂଚୀ

| ତାରିଖ | ଦଳ | ସ୍ଥାନ | ସମୟ |
|---|---|---|---|
| ଫେବୃଆରୀ ୧୯ | ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ | କରାଚୀ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୦ | ଭାରତ ବନାମ ବାଂଲାଦେଶ | ଦୁବାଇ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୧ | ଆଫଗାନିସ୍ତାନ ବନାମ ଦ.ଆଫ୍ରିକା | କରାଚୀ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୨ | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ଲାହୋର | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୩ | ଭାରତ ବନାମ ପାକିସ୍ତାନ | ଦୁବାଇ | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୪ | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୫ | ଅଷ୍ଟ୍ରେଲିଆ ବନାମ ଦ.ଆଫ୍ରିକା | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୬ | ଆଫଗାନିସ୍ତାନ ବନାମ ଇଂଲଣ୍ଡ | ଲାହୋର | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୭ | ପାକିସ୍ତାନ ବନାମ ବାଂଲାଦେଶ | ରାୱଲପିଣ୍ଡି | ଅପରାହ୍ନ ୨ଟା ୩୦ |
| ଫେବୃଆରୀ ୨୮ | ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ | ଲାହୋର | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୧ | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | କରାଚୀ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୨ | ଭାରତ ବନାମ ନ୍ୟୁଜିଲାଣ୍ଡ | ଦୁବାଇ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୪ | ପ୍ରଥମ ସେମିଫାଇନାଲ | ଦୁବାଇ | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୫ | ଦ୍ୱିତୀୟ ସେମିଫାଇନାଲ | ଲାହୋର | ଅପରାହ୍ନ ୨ଟା ୩୦ |
| ମାର୍ଚ୍ଚ ୯ | ଫାଇନାଲ | ଲାହୋର କିମ୍ବା ଦୁବାଇ | ଅପରାହ୍ନ ୨ଟା ୩୦ |

(ବି.ଦ୍ର.– ଯଦି ଅନ୍ୟ ଯେକୌଣସି ଦଳ ସହ ଭାରତ ଫାଇନାଲରେ ପ୍ରବେଶ କରିବ ତେବେ ମ୍ୟାଚ ଦୁବାଇରେ ଖେଳାଯିବ । ଭାରତ ଯୋଗ୍ୟତା ଅର୍ଜନ ନ କଲେ ଫାଇନାଲ ଲାହୋରରେ ଅନୁଷ୍ଠିତ ହେବ) ।

## ଫଳାଫଳ

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଫଳାଫଳ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ୱେଷ୍ଟଇଣ୍ଡିଜ | ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ | | ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ |
| ୨୦୦୪ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ | ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ |
| ୨୦୦୯ | ଦ.ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ପାକିସ୍ତାନ ୧୮୦ ରନରେ ବିଜୟୀ |

## ଆଫଗାନିସ୍ତାନର ପଦାର୍ପଣ

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଏଥର ପ୍ରଥମ ଥରପାଇଁ ପଦାର୍ପଣ କରିବ ଆଫଗାନିସ୍ତାନ । ରେକର୍ଡ ଅନୁସାରେ ବିଶ୍ୱର ୧୪ତମ ଦଳଭାବେ ଆଫଗାନିସ୍ତାନ ଏହି ପ୍ରତିଯୋଗିତା ଖେଳିବ । ୧୯୯୮ ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ପଦାର୍ପଣ କରିଥିଲେ । ୨୦୦୦ରେ ୨ଟି ଦଳ ବାଂଲାଦେଶ ଓ କେନିଆ ପ୍ରଥମ ଥରପାଇଁ ଖେଳିବା ସୁଯୋଗ ପାଇଥିଲେ । ସେହିପରି ୨୦୦୨ରେ ନେଦରଲାଣ୍ଡ୍ସ ଓ ୨୦୦୪ରେ ଆମେରିକା ଯୋଗ୍ୟତା ଅର୍ଜନ କରିଥିଲା । ୨୦୦୬, ୨୦୦୯, ୨୦୧୩ ଓ ୨୦୧୭ରେ କୌଣସି ନୂଆ ଦଳ ଡେବ୍ୟୁ କରି ନ ଥିଲା ।

## ଏଥର କେଉଁ ଗ୍ରୁପ୍‌ରେ କିଏ

| ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
|---|---|
| ବାଂଲାଦେଶ | ଆଫଗାନିସ୍ତାନ |
| ଭାରତ | ଅଷ୍ଟ୍ରେଲିଆ |
| ନ୍ୟୁଜିଲାଣ୍ଡ | ଇଂଲଣ୍ଡ |
| ପାକିସ୍ତାନ | ଦକ୍ଷିଣ ଆଫ୍ରିକା |

# ଭାରତୀୟ ଦଳକୁ ନେଇ ଚର୍ଚ୍ଚା



ନିର୍ମଳ କୁମାର ମିଶ୍ର

ଚାମ୍ପିୟନ୍ସ ଟ୍ରଫି ପାଇଁ ଖେଳାଳି ତାଲିକା ପ୍ରକାଶ କରିସାରିଛି ବିସିସିଆଇ । ଅନେକ ବିବାଦ ଯୋଗୁ ଏହି ଟୁର୍ନାମେଣ୍ଟ ବେଶ୍ ଚର୍ଚ୍ଚାରେ ରହିଛି । ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ତାରିଖ ମଧ୍ୟରେ ଖେଳାଯିବ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା । ୮ଟି ଦଳ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ହାଇବ୍ରିଡ୍ ମଡେଲରେ ପାକିସ୍ତାନ ଏବଂ ୟୁଏଇରେ ଖେଳାଯିବ ଏହି ଟୁର୍ନାମେଣ୍ଟ । ଭାରତ ତା'ର ସମସ୍ତ ମ୍ୟାଚ ଦୁବାଇଠାରେ ଖେଳିବ । ଭାରତ ଯଦି ସେମିଫାଇନାଲ କିମ୍ବା ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନକରେ ତେବେ ଦୁବାଇରେ ଖେଳିବ । ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ଗ୍ରୁପ୍ 'ଏ' ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ରହିଛି । ଖରାପ ପ୍ରଦର୍ଶନ ଯୋଗୁ ଏକଦିବସୀୟ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ନିମ୍ନରେ ଥିବାରୁ ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ଏଥର ବାଦ୍ ପଡ଼ିଛନ୍ତି ।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୮ଟି ସଂସ୍କରଣ ଖେଳାଯାଇଥିବା ବେଳେ ଭାରତ ୨୦୦୨ ଓ ୨୦୧୩ ଚାମ୍ପିୟନ ହୋଇଛି ଏବଂ ୨୦୦୦ ଏବଂ ୨୦୧୭ରେ ରନର ଅପ୍ ହୋଇଛି । ଖେଳାଯାଇଥିବା ସମସ୍ତ ୮ଟି ସଂସ୍କରଣରେ ଭାରତ ଭାଗନେଇଛି । ୧୯୯୮ରୁ ଏହି ଏକଦିବସୀୟ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା । ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଥିବା ବେଳେ ଶେଷ ୨୦୧୭ ସଂସ୍କରଣରେ ପାକିସ୍ତାନ ଟ୍ରଫି ଜିତିଥିଲା । ପାକିସ୍ତାନ ପ୍ରଥମଥର ଟାଇଟଲ ହାସଲ କରିଥିବା ଯୋଗୁ ୯ମ ସଂସ୍କରଣର ଆୟୋଜକ ରହିଛି । ଅଷ୍ଟ୍ରେଲିଆ ଓ ଭାରତ ପ୍ରତ୍ୟେକ ୨ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି । ପ୍ରତି ୪ବର୍ଷରେ ଏହି ଟୁର୍ନାମେଣ୍ଟ ଆଇସିସି ପକ୍ଷରୁ ଆୟୋଜନ ହୋଇଥାଏ । ପ୍ରଥମ ସଂସ୍କରଣ ବାଂଲାଦେଶରେ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଥିଲା । ୨୦୦୨ରେ ଏହି ଟୁର୍ନାମେଣ୍ଟ ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ବର୍ଷା ଯୋଗୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ୨୦୦୪ରେ ଇଂଲଣ୍ଡରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜ ୨ ଉଇକେଟରେ ଇଂଲଣ୍ଡକୁ ହରାଇଥିଲା । ୨୦୦୬ରେ ଭାରତ ଆୟୋଜକ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରିଥିଲା । ସେହିପରି ୨୦୦୯ର ଆୟୋଜକ ରହିଥିଲା ଦକ୍ଷିଣ ଆଫ୍ରିକା । ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଫାଇନାଲରେ ବାଜି ମାରିଥିଲା ଅଷ୍ଟ୍ରେଲିଆ । ୨୦୧୩ରେ ମହେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତ ଆୟୋଜକ ଇଂଲଣ୍ଡକୁ ଏକ ରୋମାଞ୍ଚକର ମ୍ୟାଚରେ ମାତ୍ର ୫ରନ୍‌ରେ ହରାଇ ଚାମ୍ପିୟନ୍ସ ଟ୍ରଫି ହାସଲ କରିଥିଲା । ଶେଷ ଥର ପାଇଁ ଏହି ପ୍ରତିଯୋଗିତା ପୁନର୍ବାର ଇଂଲଣ୍ଡ ଓ ୱେଲ୍ସଠାରେ ଆୟୋଜ ହୋଇଥିବା ବେଳେ ପାକିସ୍ତାନ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ୧୮୦ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରିଥିଲା ।

ଏହି ସମ୍ମାନଜନକ ଆଇସିସି ଏକଦିବସୀୟ ପ୍ରତିଯୋଗିତାକୁ ମିନି ବିଶ୍ୱକପ କୁହାଯାଉଥିଲା । ୧୯୯୮ ପ୍ରଥମ ସଂସ୍କରଣରେ ମହମ୍ମଦ ଆଝାରୁଦ୍ଦିନ ଭାରତର ଅଧିନାୟକ ରହିଥିବା ବେଳେ ଦଳ ସେମିଫାଇନାଲରେ ୱେଷ୍ଟଇଣ୍ଡିଜଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା । ୨୦୦୦ରେ ସୌରଭ ଗାଙ୍ଗୁଲି ଭାରତର ଅଧିନାୟକ ରହିଥିଲେ । ତେବେ ଏକ ରୋମାଞ୍ଚକର ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା ଭାରତ । ୨୦୦୨ରେ ମଧ୍ୟ ସୌରଭ ଗାଙ୍ଗୁଲି ଅଧିନାୟକ ରହିଥିଲେ । ହେଲେ ଫାଇନାଲରେ ବର୍ଷା ପାଇଁ ଶ୍ରୀଲଙ୍କା ଓ ଭାରତ ଯୁଗ୍ମ ବିଜେତା ରହିଥିଲେ । ୨୦୦୪ରେ ଗାଙ୍ଗୁଲି ଅଧିନାୟକ ରହିଥିଲେ ମଧ୍ୟ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା । ୨୦୦୬ରେ ମଧ୍ୟ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱରେ ଓ ୨୦୦୯ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବିଦାହୋଇଥିଲା । ୨୦୧୩ରେ ଏମ୍.ଏସ୍. ଧୋନୀଙ୍କ ନେତୃତ୍ୱରେ ଭାରତ ଇଂଲଣ୍ଡକୁ ୫ରନରେ ହରାଇ ୨ୟ ଥର ପାଇଁ ଚାମ୍ପିୟନ ହୋଇଥିଲା । ମାତ୍ର ଶେଷ ସଂସ୍କରଣରେ ବିରାଟ କୋହଲିଙ୍କ ନେତୃତ୍ୱରେ ପାକିସ୍ତାନଠାରୁ ଫାଇନାଲରେ ଏକ ବିଶାଳ ବ୍ୟବଧାନ ୧୮୦ ରନ୍‌ରେ ପରାସ୍ତ ହୋଇଥିଲା ।



ରୋହିତ ଶର୍ମା

୯ମ ସଂସ୍କରଣ ପାଇଁ ଭାରତୀୟ ଦଳ ଘୋଷଣାରେ ଚକ୍‌ମା ଦେଇଛି ବିସିସିଆଇ, ଯାହାକି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ସୋସିଆଲ ମିଡିଆରେ । ରୋହିତ ଶର୍ମା ଖରାପ ଫର୍ମ ସତ୍ତ୍ୱେ ଅଧିନାୟକ ପଦ ପାଇବା, ଅଭିଜ୍ଞ ବିରାଟ କୋହଲିଙ୍କ ପାଇଁ ଦଳରେ ସ୍ଥାନ ସୁରକ୍ଷିତ ରହିବା, ଶୁବମନ ଗିଲ୍‌ଙ୍କୁ ଉପ ଅଧିନାୟକ ପଦ ଦେବା, ଅଭିଜ୍ଞ ମହମ୍ମଦ ସିରାଜଙ୍କୁ ଦଳରେ ସୁଯୋଗ ନ ଦେବା, ଭେଟେରାନ ପେସ୍ ବୋଲର ମହମ୍ମଦ ଶାମି ୧୪ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବା, ସ୍ପିନର କୁଲଦୀପ ଯାଦବଙ୍କର ଆଘାତ ସମସ୍ୟା ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ, ଶ୍ରେୟସ ଆୟର ଓ ଅର୍ଶଦୀପ ସିଂ ଘରୋଇ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ପରେ ଦଳକୁ ଆସିବା, ନୀତୀଶ କୁମାର ରେଡ଼ି, ଯେଜୁବେନ୍ଦ୍ର ଚହଲ ଏବଂ ସବୁଠାରୁ ଚର୍ଚ୍ଚାରେ ରହିଛି କରୁଣ ନାୟାରଙ୍କୁ ଦଳରେ ସାମିଲ ନ କରିବା ।

ଏଥର ବିଜୟ ହଜାରେ ଟ୍ରଫିରେ କରୁଣ ଚମତ୍କାର ପ୍ରଦର୍ଶନ କରିଥିଲେ । ୭ଟି ଇନିଂସ ଖେଳି ୭୫.୨ ଆଭରେଜରେ ୭୫୨ ରନ୍ ସଂଗ୍ରହ କରିବା ଏବଂ ଏଥିରେ ୫ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସତ୍ତ୍ୱେ ତାଙ୍କୁ ଉପେକ୍ଷା କରିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ କରୁଣ ନାୟାର ଭାରତ ପାଇଁ ୨ଟି ଟେଷ୍ଟ ଏବଂ ୨ଟି ଏକଦିବସୀୟ ମ୍ୟାଚ ଖେଳି ସାରିଛନ୍ତି । ଟେଷ୍ଟ ମ୍ୟାଚ ସେ ଭାରତ ପାଇଁ ୨୦୧୭ରେ ଖେଳିଥିଲେ । ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ପ୍ରଶଂସକମାନେ ଅନୁଭବ କରୁଛନ୍ତି । ହ୍ୱାଇଟ୍ ବଲରେ ଚମତ୍କାର ପ୍ରଦର୍ଶନ କରୁଥିବା ରୋହିତ ଶର୍ମା ଓ ବିରାଟ କୋହଲି ଏହି ଟୁର୍ନାମେଣ୍ଟରେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାର କଥା । ତେବେ ଇଂଲଣ୍ଡ ବିପକ୍ଷ ସିରିଜର କଟକ ମ୍ୟାଚରେ ରୋହିତ ଶର୍ମାଙ୍କ ଶତକ ଏବଂ ଅହମଦାବାଦରେ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ସମାଲୋଚକଙ୍କୁ କିଛି ପରିମାଣରେ ଚୁପ୍ କରିଛି । ଏମାନଙ୍କ ଅଭିଜ୍ଞତା ଓ ପ୍ରଦର୍ଶନ ଉପରେ ଭାରତର ସଫଳତା ନିର୍ଭର କରୁଛି ।

ୱାଙ୍ଖେଡେ ଷ୍ଟାଡିୟମର ୫୦ତମ ବାର୍ଷିକ ଉତ୍ସବ ମୁମ୍ବାଇ କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜନ ହେବା ସମୟରେ ଅଧିନାୟକ ରୋହିତ ଶର୍ମା ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଏଥର ଆମେ ନିଶ୍ଚିତ ଚାମ୍ପିୟନ୍ସ ଟ୍ରଫି ଜିତିବୁ । ଅନ୍ୟପକ୍ଷରେ ମହମ୍ମଦ ସିରାଜ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ୮ନଂ. ସ୍ଥାନରେ ଥାଇ ମଧ୍ୟ ଉଭୟ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ମ୍ୟାଚ ଓ ଚାମ୍ପିୟନ୍ସ ଟ୍ରଫିରେ ସୁଯୋଗ ନ ପାଇବାର କାରଣ ଦର୍ଶାଇ ରୋହିତ କହିଛନ୍ତି, ସିରାଜ ନୂଆ ବଲରେ ଲୟରେ ବୋଲିଂ କରୁଥିବା ବେଳେ ପୁରୁଣା ବଲରେ ସେପରି ଚମତ୍କାର ପ୍ରଦର୍ଶନ କରିପାରୁ ନାହାନ୍ତି । ଏଥିପାଇଁ ତାଙ୍କୁ ଅଧିକ ଧ୍ୟାନଦେବାକୁ ହେବ । ସେଥିପାଇଁ ତାଙ୍କୁ ବାଦ୍ ଦିଆଯାଇଛି । ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିବା ପରେ ଟିମ୍ ଇଣ୍ଡିଆ ପ୍ରଶଂସକଙ୍କ ଉତ୍କଣ୍ଠା ବଢ଼ିଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିପାରିବ ବୋଲି ଆଶା ସୃଷ୍ଟି ହୋଇଛି ।

## ହାଇଲାଇଟ୍ସ

ଇଂଲଣ୍ଡିଆଙ୍କୁ ଲଣ୍ଡା କରି ଟିମ୍
ଇଣ୍ଡିଆ ମାରିଲା ବାଜି
ସିରିଜକୁ ତିନି ଶୂନରେ ପୋଛି
ମୁରୁକେ ରୋହିତ ପାଜି
ଗଲା ଜୋସ ହୋସ ହଜି
ଶୁବମନ ଗିଲ ମାଡ଼ରେ ବୋଲର
ପାଇଲେନି ବଲ୍ ଖୋଜି ।




ଇଂଲଣ୍ଡ–ଇଣ୍ଡିଆ ସେକେଣ୍ଡ ମ୍ୟାଚରେ
କମ୍ପୁଥିଲା ବାରବାଟୀ
ଲିଜେଣ୍ଡ୍ସ ଲାଉଞ୍ଜ ଉପର ଖୁଣ୍ଟିରୁ
ଫ୍ଲଡ ଲାଇଟ ଗଲା କଟି
ଚାଷ କରି ବାଟି ବାଟି
ପଦାରେ ପଡ଼ିଲା ଓସିଏ ବିଭାଗ
ପାରିବାପଣିଆ ଏଠି ।

ଦୁବାଇରେ ହେବ ଚାମ୍ପିୟନ୍ସ ଟ୍ରଫି
ରାଇଭାଲ ପାକିସ୍ତାନ
ଇଂଲଣ୍ଡ ବିପକ୍ଷ ପରଫର୍ମାନ୍ସ ପରି
ଖେଳ ଟିମ୍ ଦେଇ ଧ୍ୟାନ
ଶତ୍ରୁକୁ ହେୟ ନ ମାନ
ପାକ୍‌କୁ ହରାଇ ଆସ ଟ୍ରଫି ଧରି
ବେଷ୍ଟ ଅଫ୍ ଲକ୍ ଘେନ ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com  ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୪/୨୦୨୫  Bhubaneswar, Friday, February 14/ 2025







ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା କାୟାକିଂ ଦଳ। କେ୧ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପାଇଥିବା ଓଡ଼ିଶାର ଖ୍ୱାଇରାକପାମ ଧନମଞ୍ଜୁରୀ ଦେବୀ।

# ମ୍ୟାଚ୍ ରେଫରି ହେବେ ଗୁଣ୍ଡାପ୍ପା ବିଶ୍ୱନାଥ

**ମୁମ୍ବାଇ, ୧୩।୨ (ପି.ଟି.)**

ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ଟି୨୦ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣ ଫେବୃଆରୀ ୨୨ରୁ ଆରମ୍ଭ ହେବ। ଏଥିରେ କିମ୍ବଦନ୍ତୀ ପୂର୍ବତନ ଭାରତ କ୍ରିକେଟର ଗୁଣ୍ଡାପ୍ପା ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ। ଅବସରପ୍ରାପ୍ତ ଆଇସିସି ଏଲିଟ୍ ପ୍ୟାନେଲ ଅମ୍ପାୟର୍ସ ସିମସ ଟଫେଲ ଓ ବିଲି ବାଓଡେନ ପ୍ରମୁଖ ମ୍ୟାଚ ପରିଚାଳନା କରିବେ। ଟଫେଲ ଅମ୍ପାୟର ପ୍ୟାନେଲର ମୁଖ୍ୟ ଭାବେ କାର୍ଯ୍ୟକରିବେ। ଅଭିଜ୍ଞ ଉମେଶ ଦୁବେ ଏବଂ ଲିଣ୍ଡନ ଏଡୱାର୍ଡ ହାନିବାଲ, ବିଶ୍ୱନାଥ ମ୍ୟାଚ ରେଫରି ଭାବେ କାର୍ଯ୍ୟ କରିବେ। ଅବସରପ୍ରାପ୍ତ କ୍ରିକେଟରଙ୍କୁ ନେଇ ଏହି ଟୁର୍ନାମେଣ୍ଟ ନଭି ମୁମ୍ବାଇ, ଭଦୋଦରା ଏବଂ ରାୟପୁରରେ ଖେଳାଯିବ। ଏହାର ମାର୍ଚ୍ଚ ୧୬ରେ ଶେଷ ହେବ।

# ପଟିଦାର ଆର୍‌ସିବି ଅଧିନାୟକ

**ବେଙ୍ଗାଲୁରୁ, ୧୩।୨ (ପି.ଟି.)**

ଆଇପିଏଲ୍ ସିଜନ ୨୦୨୫ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଗୁରୁବାର ରଜତ ପଟିଦାରଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗତବର୍ଷ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ'ପ୍ଲେସିଙ୍କୁ ରିଲିଜ କରିବା ପରେ ତାଙ୍କ ସ୍ଥାନରେ ପଟିଦାରଙ୍କୁ ଅବସ୍ଥାପିତ କରାଯାଇଛି। ଆଇପିଏଲ୍‌ର ଆଗାମୀ ସିଜନ ମାର୍ଚ୍ଚ ୨୧ରୁ ଆରମ୍ଭ ହେବ। ୨୦୨୪ ନଭେମ୍ବରରେ ମେଗା ନିଲାମି ପୂର୍ବରୁ ଆରସିବି ଯେଉଁ ଖେଳାଳିମାନଙ୍କୁ ରିଟେନ କରିଥିଲା ସେମାନଙ୍କ ମଧ୍ୟରେ ପଟିଦାର ଅନ୍ୟତମ ଥିଲେ। ସୟଦ ମୁସ୍ତାକ ଅଲି ଟ୍ରଫି (ଟି୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ)ରେ ମଧ୍ୟପ୍ରଦେଶ ଦଳର ଅଧିନାୟକ ଭାବେ ତାଙ୍କର ଅଭିଜ୍ଞତା ରହିଛି। ୩୧ ବର୍ଷୀୟ ପଟିଦାର ୨୦୨୨ରେ ଫ୍ରାଞ୍ଚାଇଜ୍ ସହ ଚୁକ୍ତି କରିଥିଲେ। ମଧ୍ୟପ୍ରଦେଶ ଗତବର୍ଷ ତାଙ୍କ ନେତୃତ୍ୱରେ ସୟଦ ମୁସ୍ତାକ ଅଲି ଟ୍ରଫି ଫାଇନାଲରେ ପ୍ରବେଶ କରିଥିଲା। ଡାହାଣହାତୀ ବ୍ୟାଟର ପଟିଦାର ସୟଦ ମୁସ୍ତାକ ଅଲି ଟ୍ରଫି ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର। ସେ ଏଥିରେ ୧୦ଟି ମ୍ୟାଚ ଖେଳି ୬୧ ଆଭରେଜରେ ୪୨୮ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଆରସିବିର ଅଧିନାୟକ ଦାୟିତ୍ୱ ତୁଲାଇଥିବା ଡୁ'ପ୍ଲେସିଙ୍କୁ ରିଲିଜ କରିବା ପରେ ଏହି ୪୦ ବର୍ଷୀୟ ଦକ୍ଷିଣ ଆଫ୍ରିକୀୟ କ୍ରିକେଟର ଏହି ବର୍ଷ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିବେ। ଗୁରୁବାର ଘୋଷଣା ପୂର୍ବରୁ ବିରାଟ କୋହଲି ଫ୍ରାଞ୍ଚାଇଜ୍ ଅଧିନାୟକ ପଦବୀକୁ ଫେରୁଥିବା ଶୁଣିବାକୁ ମିଳିଥିଲା।

# ଓଡ଼ିଶାର ରାକେଶ, କାୟାକିଂ ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

## ଜାତୀୟ କ୍ରୀଡ଼ା ଉଦ୍‌ଯାପିତ

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ଗୁରୁବାର ଅନ୍ତିମ ଦିବସରେ ଜିମ୍ନାଷ୍ଟିକ୍ସ ଇଭେଣ୍ଟର ପାରାଲେଲ ବାର୍ସରେ ରାକେଶ ପାତ୍ର ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି ଭଲ୍ଟ ଇଭେଣ୍ଟରେ ତପେଶ୍ୱରନାଥ ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଗତ ମଙ୍ଗଳବାର ଓଡ଼ିଶା ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜିମ୍ନାଷ୍ଟିକ୍ସରେ ରାକେଶଙ୍କ ବ୍ୟତୀତ ଦିବସର ଅନ୍ୟ ସ୍ୱର୍ଣ୍ଣ ପଦକଟି ଆସିଛି କାୟାକିଂ ଇଭେଣ୍ଟରୁ। ଓଇନମ ବିଦ୍ୟା ଦେବୀ, ଓଇନମ ବିନିତା ଚାନୁ, ଶ୍ରୁତି ଚୌଗୁଲେ ଓ ଧନମଞ୍ଜୁରୀ ଦେବୀଙ୍କୁ ନେଇ ଗଠିତ ଓଡ଼ିଶା କାୟାକିଂ ଦଳ ପ୍ରତିଯୋଗିତାର କେ୪ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସେହିପରି କେ୧ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ଖ୍ୱାଇରାକପାମ ଧନମଞ୍ଜୁରୀ ଦେବୀ ବ୍ରୋଞ୍ଜ ହାସଲ କରି ଓଡ଼ିଶାର ପଦକ ସଂଖ୍ୟାକୁ ଆଗେଇ ନେଇଛନ୍ତି।



ସ୍ୱର୍ଣ୍ଣ ପଦକ ସହ ରାକେଶ ପାତ୍ର (ଉପରୁ ମଝି)।

## ପଦକ ତାଲିକା ଶୀର୍ଷରେ ସର୍ଭିସେସ୍

**ଡେରାଡୁନ୍, ୧୩।୨ (ପି.ଟି.):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଛି। ସର୍ଭିସେସ ପୁଣି ଥରେ ଆଧିପତ୍ୟ ବିସ୍ତାର କରି ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି। ଗତ ୬ଟି ଗେମ୍ସରେ ଦଳର ଏହା ହେଉଛି ୫ମ ସଫଳତା। ଅନ୍ତିମ ଦିବସରେ ସର୍ଭିସେସ ୩ ସ୍ୱର୍ଣ୍ଣ ସମେତ ଆହୁରି ୯ ପଦକ ଜିତିପାରିଛି। ଫଳରେ ଦଳର ମୋଟ ପଦକ ସଂଖ୍ୟା ୧୨୧ (୬୮ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୭ ବ୍ରୋଞ୍ଜ)ରେ ପହଞ୍ଚିଛି। ସର୍ଭିସେସ୍ ତୁଳନାରେ ମହାରାଷ୍ଟ୍ର ଅଧିକ ୧୯୮ (୫୪ ସ୍ୱର୍ଣ୍ଣ, ୭୧ ରୌପ୍ୟ, ୭୩ ବ୍ରୋଞ୍ଜ) ପଦକ ଜିତିଥିଲା, ମାତ୍ର ସ୍ୱର୍ଣ୍ଣ ସଂଖ୍ୟା କମ୍ ହେବାରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ହରିୟାଣା ମଧ୍ୟ ସର୍ଭିସେସ୍ ଅପେକ୍ଷା ଅଧିକ ୧୫୩ ପଦକ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ ବ୍ରୋଞ୍ଜ) ଜିତିଥିଲା, କିନ୍ତୁ ସମାନ କାରଣରୁ ତୃତୀୟ ସ୍ଥାନରେ ରହିଥିଲା। କର୍ନାଟକ ଏବଂ ମଧ୍ୟ ପ୍ରଦେଶ ଯଥାକ୍ରମେ ୪ର୍ଥ ଓ ୫ମ ହୋଇଛନ୍ତି।

# ୟୁନିୟନ ସ୍ପୋର୍ଟିଂ, ରାମେଶ୍ୱର ସେମିରେ

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ୟୁନିୟନ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ୟୁନିୟନ ସ୍ପୋର୍ଟିଂ ୨୩ ରନରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୨୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୧୮.୧ ଓଭରରେ ୧୩୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୨.୧ ଓଭର ବୋଲିଂ କରି ୧୮ ରନ ବିନିମୟରେ ୫ ଉଇକେଟ ହାସଲ କରିଥିବା ୟୁନିୟନ ସ୍ପୋର୍ଟିଂର ରୋହିତ ଚୌଧାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଣଜୀ ଟ୍ରଫି ତାରକା ଅନୁରାଗ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ୪ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ୨୦ ଓଭରରେ ୧୫୨ ରନକରି ସମସ୍ତ ଉଇକେଟ ହରାଇଥିଲା। ବିଜୟ ଲକ୍ଷ୍ୟକୁ ରାମେଶ୍ୱର ସ୍ପୋର୍ଟିଂ ୧୯.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ୪୯ ବଲ୍‌ରୁ ୬୫ ରନ ସ୍କୋର କରିଥିବା ରାମେଶ୍ୱର ସ୍ପୋର୍ଟିଂର ଶୁଭାଶିଷ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥି ସ୍ମୃତିରଞ୍ଜନ ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ବୋଲି ମୁନ୍‌ଲାଇଟ୍ ୟୁଥ୍ କ୍ଲବ ସମ୍ପାଦକ ନରେନ୍ଦ୍ର ଦାଶ ସୂଚନା ଦେଇଛନ୍ତି।



ୟୁନିୟନ ସ୍ପୋର୍ଟିଂର ରୋହିତ ଚୌଧାରୀ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ସୁମାକରଙ୍କ ପରିବାରକୁ ବ୍ଲାକମେଲ କରି ୩ ବର୍ଷ ଜେଲଦଣ୍ଡ

**ଉପର୍ଟାଲ (ଜର୍ମାନୀ), ୧୩।୨ (ଏପି)**

ମହାନ୍ ଫର୍ମୁଲା ୱାନ ଡ୍ରାଇଭର ମାଇକେଲ ସୁମାକରଙ୍କୁ ବ୍ଲାକମେଲ୍ କରିଥିବାକୁ ଉଦ୍ୟମ କରିଥିବା ୩ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅପରାଧୀମାନେ ସୁମାକରଙ୍କ ପରିବାରଠାରୁ ୧୫ ନିୟୁତ ୟୁରୋ (୧୫.୬ ନିୟୁତ ଆମେରିକୀୟ ଡଲାର) ଦାବି କରିଥିଲେ। ଦାବି କାର୍ଯ୍ୟକାରୀ ନ ହେଲେ ସେମାନେ ପରିବାରର ଶତାଧିକ ଘରୋଇ ଫଟୋ ଓ ଭିଡିଓ ସହିତ ସୁମାକରଙ୍କ ମେଡିକାଲ ରେକର୍ଡର ଡିଜିଟାଲ କପ ସାଧାରଣରେ ରିଲିଜ କରିଦେବେ ବୋଲି ଧମକ ଦେଇଥିଲେ। ରିପୋର୍ଟ ଅନୁସାରେ ପଶ୍ଚିମ ଜର୍ମାନୀ ଅନ୍ତର୍ଗତ ଉପର୍ଟାଲର ଏକ ଜିଲା କୋର୍ଟ ମୁଖ୍ୟ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଥିବାବେଳେ ତାଙ୍କ ପୁଅକୁ ୧,୨୦୦ ୟୁରୋ ଜରିମାନା ସହ ୬ ମାସ ଜେଲଦଣ୍ଡ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି। ଅନ୍ୟ ଜଣେ ଅଭିଯୁକ୍ତ ହେଲେ ସୁମାକରଙ୍କ ପରିବାରର ଜଣେ ପୂର୍ବତନ ସୁରକ୍ଷା କର୍ମଚାରୀ। ତାଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୨,୪୦୦ ୟୁରୋ ଜରିମାନା ହୋଇଛି। ସୂଚନାଯୋଗ୍ୟ, ସୁମାକର ୨୦୧୨ରେ ଫର୍ମୁଲା ୱାନରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେ ତାଙ୍କ କ୍ୟାରିୟରରେ ୯୧ ରେସ ଜିତିଛନ୍ତି। ଫେରାରି ସହିତ ସେ ୨୦୦୦ରୁ ୨୦୦୪ ମଧ୍ୟରେ କ୍ରମାଗତ ୫ଥର ଟାଇଟଲ ବିଜୟୀ ହୋଇଥିଲେ।



ମାଇକେଲ ସୁମାକର

# କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ହାଇଦ୍ରାବାଦ ମୁକାବିଲା

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

## ଇଣ୍ଡିଆନ ସୁପର ଲିଗ୍

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ସିଜନରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ହାଇଦ୍ରାବାଦ ଦଳକୁ ପରାସ୍ତ କରି ପ୍ଲେ-ଅଫ୍ ଯୋଗ୍ୟତା ପାଇଁ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି। ପୂର୍ବ ମ୍ୟାଚରେ ଅଧିକାଂଶ ସମୟ ୧୦ ଜଣିଆରେ ଖେଳିଥିଲେ ମଧ୍ୟ ଓଡ଼ିଶା ଦଳ ପଞ୍ଜାବ ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଲିଗ୍‌ରେ ଖେଳିବାକୁ ଥିବା ଅବଶିଷ୍ଟ ୪ଟି ଯାକ ମ୍ୟାଚ ଜିତିଲେ ଯାଇ ସର୍ଗିଓ ଲୋବେରାଙ୍କ ଦଳ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିପାରିବ। ଓଡ଼ିଶା ଏଫ୍‌ସି ଏବେ ୨୦ ମ୍ୟାଚରୁ ୬ ବିଜୟ, ୮ ଡ୍ର ଓ ୬ ପରାଜୟ ସହିତ ୨୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହିଛି। ଚଳିତ ସିଜନ ପ୍ରାରମ୍ଭରେ ହୋଇଥିବା ମୁକାବିଲାରେ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଥିଲା। ହାଇଦ୍ରାବାଦ ଦଳ ନିଜର ପୂର୍ବ ମ୍ୟାଚରେ ମହମ୍ମଡାନ ସ୍ପୋର୍ଟିଂକୁ ୩-୧ ଗୋଲରେ ହରାଇ ମନୋବଳ ବଢ଼ାଇଛି। ଏହି ଦଳ ଏବେ ୧୬ ପଏଣ୍ଟ ସହିତ ୧୨ଶ ସ୍ଥାନରେ ରହିଛି। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଗୁରୁବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଗୋଲକିପର ତଥା ଅଧିନାୟକ ଅମରିନ୍ଦର ସିଂ ପ୍ରକାଶ କରିଛନ୍ତି। ମ୍ୟାଚଟି ଅପରାହ୍ନ ୭ଟା ୩୦ରେ ଆରମ୍ଭ ହେବ।



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

# ବାହୁତୁଲେ ବୋଲିଂ କୋଚ୍

**ଜୟପୁର, ୧୩।୨ (ପି.ଟି.):** ଆଗାମୀ ଆଇପିଏଲ୍ ପାଇଁ ଭାରତର ପୂର୍ବତନ କ୍ରିକେଟର ସାଇରାଜ ବାହୁତୁଲେଙ୍କୁ ରାଜସ୍ଥାନ ରୟାଲ୍ସର ସ୍ପିନ ବୋଲିଂ କୋଚ୍ ଭାବେ ନିଯୁକ୍ତି ମିଳିଛି। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ନେତୃତ୍ୱାଧୀନ ସପୋର୍ଟ ଷ୍ଟାଫ୍ ତାଲିକାରେ ବାହୁତୁଲେଙ୍କୁ ସାମିଲ କରାଯାଇଛି। ବାହୁତୁଲେ ହେଉଛନ୍ତି ଜଣେ ପୂର୍ବତନ ଲେଗ୍ ସ୍ପିନର ଏବଂ ହାମହାତୀ ବ୍ୟାଟର।

# ଟିଲୋ କପ୍: ରାଜସ୍ଥାନ, ମୁମ୍ବାଇ ବିଜୟୀ

**ବନ୍ତ, ୧୩।୨ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଟିଲୋ କପ୍‌ର ୭ମ ଦିନ ତଥା ପୁଲ୍ ବି-'ବି'ର ୨ଟି ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ୱଣ୍ଡର ସିମେଣ୍ଟ ରାଜସ୍ଥାନ ଓ ୨ୟ ମ୍ୟାଚ୍‌ରେ ଇଣ୍ଡିଆନ ଅଏଲ୍ ମୁମ୍ବାଇ ବିଜୟୀ ହୋଇଛି। ସାପିଏନ୍ସ ଦିଲ୍ଲୀ ଏବଂ ୱଣ୍ଡର ସିମେଣ୍ଟ ରାଜସ୍ଥାନ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ସାପିଏନ୍ସ ଦିଲ୍ଲୀ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପାଠକ ୪୯ ଓ ଶୁଭମ ଗରୱାଲ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କରନ ଦାବେ ୩ ଓ ପ୍ରଦ୍ୟୁମ୍ନ ପାରିଖ ୩ ଉଇକେଟ୍ ନେଇଥିଲେ। ୧୩୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଜସ୍ଥାନ ୧୩.୫ ଓଭରରେ ୪ ଉଇକେଟ୍ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିଖିଲ ସଚଦେବ ୪୧ ଓ ଅନିରୁଦ୍ଧ ସିଂହ ୨୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରଦୀପ ପରାଶର ୨ ଓ ମୟାଙ୍କ ରାୱତ୍ ୨ ଉଇକେଟ ନେଇଥିଲେ। ରାଜସ୍ଥାନର ପ୍ରଦ୍ୟୁମ୍ନ ପାରିଖ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଇଣ୍ଡିଆନ ଅଏଲ୍ ମୁମ୍ବାଇ ଓ ଏସ୍‌ପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ ଅର୍ଜୁନ ଦାନା ୬୪ ଓ ଆଦିତ୍ୟ ତାରା ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହର୍ଷିତ ସାଇନି ୨ ଉଇକେଟ୍ ନେଇଥିଲେ। ଏସ୍‌ପିଜେ କାର୍ଗୋ ବ୍ୟାଟିଂ କରି ୧୮.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଯୋଗେଶ କୁମାର ୫୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରୋହନ ରାଜେ ୪ ଓ କ୍ରିତଜ୍ଞା ସିଂହ ୨ ଉଇକେଟ୍ ନେଇଥିଲେ। ଏଥିରେ ମୁମ୍ବାଇ ବିଜୟୀ ହୋଇଥିଲା। ଟିମ୍‌ର ରୋହନ ରାଜେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୧ମ ମ୍ୟାଚ୍‌ର ପୁରସ୍କାର ବିତରଣ ସଭାରେ ଅତିଥି ଡା.ମୁରଲୀଧର ସୂତାର, ସେକ୍ ଜଲାଲଉଦ୍ଦିନ, ପ୍ରଣବ କିଶୋର ଲେଙ୍କା ଓ ରମାକାନ୍ତ ନାଥ ସମ୍ରାଟ ମାର୍ବଲ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ୨ୟ ମ୍ୟାଚ୍‌ର ଏମ୍ସ ଯୁକ୍ତ ୨ ବିଜ୍ଞାନ କଲେଜ ପ୍ରଦତ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ଡ.ଗୌରାଙ୍ଗ ରାଉଳ, ଇଂ.ସୌରଭ ଲେଙ୍କା ଓ ଏଲ୍ ଅରଜିତ ସ୍ୱାଇଁ ପ୍ରଦାନ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ